

କଂଗ୍ରେସ ସବୁବେଳେ ମିଥ୍ୟା କାହାଣୀ ପ୍ରସାର କରେ
ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 179 | ଭାଗ ୩୩ | ସଂଖ୍ୟା ୧୭୯ | Friday 19 September 2025 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୧୯ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମହାନଦୀ ତଳ ମୁଣ୍ଡରେ ହେବ ୧୭ ବନ୍ଧ, ୪୪ ବ୍ୟାରେଜ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ମହାନଦୀ ତଳ ମୁଣ୍ଡରେ ନିର୍ମାଣ ହେବ ୧୭ ଗୋଟି ବନ୍ଧ, ୧୫ ଗୋଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଏବଂ ୪୪ ବ୍ୟାରେଜ। ଏଥିପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ଉତ୍ତରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ ଦ୍ୱାରା ନିର୍ମିତ ଜଳସେଚନ ପ୍ରକଳ୍ପ, ବିଭିନ୍ନ ଶିଳ୍ପ ଭିତ୍ତିକ ବ୍ୟାରେଜ, ଆନିକଟ ଇତ୍ୟାଦି ନିର୍ମାଣ ହେବା ପରେ ଜଳସଂକଟର ସମାଧାନ ନେଇ ଆଶା ଜାଗି ଉଠିଛି। ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଜଳ ବିବାଦର ସମାଧାନ ପାଇଁ ଦୁଇ ରାଜ୍ୟର ମୁଖ୍ୟ ସଚିବସ୍ତରୀୟ ଆଲୋଚନା ହୋଇ



ମୁକାବିଲା ପାଇଁ ଓଡ଼ିଶା ସରକାର ନ୍ୟାୟିକ,ପ୍ରଶାସନିକ ଓ ରାଜନୈତିକ ସ୍ତରରେ ପଦକ୍ଷେପ ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏହି ବୟାନ ଏମିତି ସମୟରେ ଆସିଛି ଯେତେବେଳେ ମହାନଦୀ ଜଳ ବିବାଦର ସାରିଛି।ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟ ଅଲୋଚନା ହୋଇଛି। ନିକଟରେ ଟ୍ରିବ୍ୟୁନାଲ ଶୁଣାଣି ସମୟରେ ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି।

### ମହିଳା କନଷ୍ଟେବଲ ଶୁଭମିତ୍ରା ହତ୍ୟା ମାମଲା

## ପୁଲିସ୍ ନାକତଳେ ଥିଲା ମୃତଦେହ

■ ହତ୍ୟାକାଣ୍ଡ ଘଟାଇବା ପରେ ଡ୍ୟୁଟି କରିଥିଲା ଦୀପକ

■ ପ୍ରଥମ ପତ୍ନୀଙ୍କୁ ମାରି ହାତେଇଛି କୋଟିଏ ଟଙ୍କା !

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): କନଷ୍ଟେବଲ ଶୁଭମିତ୍ରା ହତ୍ୟା ମାମଲାରେ ଏବେ ଏକ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ହତ୍ୟା ଅଭିଯୋଗ ଦୀପକ ରାଉତ ପ୍ରେମିକା ଶୁଭମିତ୍ରାଙ୍କୁ ହତ୍ୟା କରିବା ପରେ ନିଜେ ଡ୍ୟୁଟି କରିବାକୁ ଆସିଥିଲା। ଏଥିସହ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି କନଷ୍ଟେବଲଙ୍କ ମୃତଦେହ ପୁଲିସ୍ ନାକତଳେ ରହିଥିଲା। କାରଣ ଗତ ୬ ତାରିଖରେ ହତ୍ୟା କରିବା ପରେ କମିଶନରେଟ୍ ଅଫିସ ପାର୍କିଂରେ ମୃତଦେହକୁ ରଖିଥିଲା ଦୀପକ। କାର ଭିତରେ ମୃତଦେହ ରଖି ସେ ଡ୍ୟୁଟି ବି କରିଥିଲା। ଉକ୍ତ ଦିନ ଅପରାହ୍ନ ୩ଟାରୁ ୪ଟା ୧୫ ପର୍ଯ୍ୟନ୍ତ ପୁଲିସ ସେବା ଭବନ ପାର୍କିଂରେ ମୃତଦେହ ଥିବା କାର୍‌ଟି ରହିଥିଲା। ପରେ ଅଫିସ କାମ ସାରି ଦୀପକ ଶୁଭମିତ୍ରାଙ୍କ ମୃତଦେହକୁ କେନ୍ଦୁଝର ନେଇ ପ୍ରମାଣ ନଷ୍ଟ କରିବା ସକାଶେ ଭରପୂର ଉଦ୍ୟମ କରିଥିଲା ସେ। କନଷ୍ଟେବଲ ଶୁଭମିତ୍ରା ହତ୍ୟାକାରୀ ଦୀପକକୁ ଗିରଫ କରାଯାଇଛି। ଏଥିସହ ଗିରଫ ପରେ ତାକୁ ନିଲମ୍ବନ ବି କରାଯାଇଛି ବୋଲି ପୁଲିସ କମିଶନର ଏସ. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ସିପି ଅଫିସରେ କିରାଣୀ ଭାବେ କାର୍ଯ୍ୟରତ ଥିଲା ଦୀପକ। ଗତ ୬ ତାରିଖରେ ଭୁବନେଶ୍ୱରରେ ଶୁଭମିତ୍ରାଙ୍କୁ ହତ୍ୟା କରି ଘଟଗାଁ



ଅଞ୍ଚଳର ଜଙ୍ଗଲରେ ମୃତଦେହକୁ ପୋତିଦେଇଥିଲା ଦୀପକ। ଗତକାଲି ଜଙ୍ଗଲରେ ଜେସିବି ସହାୟତାରେ ଗାତ ଖୋଳି ଅଖା ଭିତରେ ବନ୍ଧା ଅବସ୍ଥାରେ ପୋତାଯାଇଥିବା ଶୁଭମିତ୍ରାଙ୍କ ମୃତଦେହ ପୁଲିସ ଉଦ୍ଧାର କରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ଦୀପକ ବିରୋଧରେ ତା' ମୃତ ପତ୍ନୀଙ୍କ ପରିବାର ବି ଅଭିଯୋଗ କରିଛନ୍ତି। ଦୀପକ ମଧ୍ୟ କୋଟିଏ ଟଙ୍କାର ବୀମା ରାଶି ହାତେଇବା ସକାଶେ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରିଥିବା ତାଙ୍କ ପୂର୍ବତନ ପତ୍ନୀଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ଶୁଭମିତ୍ରାଙ୍କ ପୂର୍ବରୁ ଅଭିଯୁକ୍ତ ଦୀପକ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ପ୍ରେମ ବିବାହ କରିଥିଲା। ୨୦୧୮ ମସିହା ଏପ୍ରିଲ ୨୫ ତାରିଖରେ ହୋଇଥିଲା ବାହାଘର। ଅପର୍ଣ୍ଣା ଢେଙ୍କାନାଳ ପରଜଙ୍ଗ ସ୍ଥିତ କନ୍ଦରସିଂହାରେ ରାଜସ୍ୱ ନିରୀକ୍ଷକ ବା ଆରଆଇ ଭାବେ ଚାକିରି କରୁଥିଲେ। ପ୍ରଥମେ ମାଟ୍ରିମୋନିଆଲ ସାଇଟରୁ ଆରମ୍ଭ କଥାବାର୍ତ୍ତା ପ୍ରେମରେ ବଦଳିଥିଲା। କିନ୍ତୁ ବାହାଘରର କେଇ ମାସ ଭିତରେ ନିଜ ଅସଲ ଚେହେରା ଦେଖାଇଥିଲା ଦୀପକ। ଅପର୍ଣ୍ଣାଙ୍କୁ ଅସହ୍ୟ ନିର୍ଯାତନା ଦେଉଥିଲା। ମାରପିଟ୍ କରୁଥିଲା। ଏପରିକି ଏକ୍ସଟ୍ରା ମାରିଟାଲ ଆଫାୟାର ରଖୁଥିଲା। ହେଲେ ବାପାମାଆ ମନ ଦୁଃଖ କରିବେ ବୋଲି ଘରେ କାହାକୁ କିଛି ଜଣାଉନଥିଲେ ଅପର୍ଣ୍ଣା। ନିଜର ଜଣେ ସମ୍ପର୍କୀୟ ଭାଇଙ୍କୁ ସବୁ କଥା କହୁଥିଲେ, ଯାହା ➪ପୃଷ୍ଠା-୬

### ଶ୍ରୀମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ

## ଭିତର ଫଟୋ ପୁଣି ଭାଇରାଲ୍



ପୁରୀ,୧୮।୯(ସଂଚାର ବ୍ୟୁରୋ) : ଶ୍ରୀମନ୍ଦିର ଭିତର ଫଟୋ ପୁଣି ଥରେ ଭାଇରାଲ୍ ହୋଇଛି। ଶୁଭ୍ରାଂଶୁ ନାମକ ଜଣେ ଯୁବକ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଫଟୋ ଅପଲୋଡ଼ କରି ନିଜ ଆକାଉଣ୍ଟକୁ ପ୍ରାଇଭେଟ୍ କରି ଦେଇଛନ୍ତି। କେତେବେଳେ ଡ୍ରୋନ କ୍ୟାମେରା ତ ପୁଣି କେତେବେଳେ ହିଡେନ ସ୍ପାଏ କ୍ୟାମେରା ବ୍ୟବହାର କରି ଶ୍ରୀମନ୍ଦିର ଭିତର ବେଢ଼ା ଓ ବାହାର ବେଢ଼ା ଫଟୋ ଓ ଭିଡ଼ିଓ ଭାଇରାଲ୍ ହେଉଛି। ଶ୍ରୀମନ୍ଦିର ଭିତରକୁ ସ୍ମାର୍ଟ ବା ଆଣ୍ଡ୍ରଏଡ ଫୋନ୍ ନେବା ଉପରେ କଟକଣା ଥିବାବେଳେ ଅଧିକାଂଶ ସମୟରେ ଶ୍ରୀମନ୍ଦିର ଭିତରକୁ ଆବଦ୍ଧ ସ୍ମାର୍ଟ ଫୋନ୍ ଯାଇ ପରେ ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡ଼ିଓ ସାମାଜିକ ➪ପୃଷ୍ଠା-୬

## ଗୁଳିବିନିମୟରେ ଏସ୍‌ଓଜି ଯବାନ ଗୁରୁତର

ବାଲିଗୁଡ଼ାରେ ଲାଲ ବ୍ୟାନର ଲଗାଇ ସ୍ଥିତି ଜାହିର କଲା ମାଓ ସଂଗଠନ

ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ): ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ସୀମାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଆଜି ଅପରାହ୍ଣରେ ଗୁଳିବିନିମୟ ହୋଇଛି। ଏଥିରେ ଜଣେ ଏସ୍‌ଓଜି ଯବାନ ଆହତ ହୋଇଛନ୍ତି। ଗୁରୁତର ଏସ୍‌ଓଜି ହେଲେ ପ୍ରେମସିଂହ ମାଝୀ।

ସୂଚନା ଅନୁସାରେ ଗଞ୍ଜାମ



ଜିଲ୍ଲା ଭଂଜନଗର ଏବଂ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ସୀମାନ୍ତ ଜଙ୍ଗଲରେ ମାଓବାଦୀମାନେ ଚଳପ୍ରଚଳ କରୁଥିବା ନେଇ ସୁରକ୍ଷା ବାହିନୀକୁ ଖବର ମିଳିଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଏସ୍‌ଓଜି ଯବାନମାନେ ସର୍ଚ୍ଚ ଅପରେସନରେ ବାହାରିଥିଲେ। ତେବେ ମାଓବାଦୀମାନଙ୍କୁ ଦେଖି ଯବାନମାନେ ଗୁଳି ଚଳାଇଥିଲେ। ➪ପୃଷ୍ଠା-୬

## ଏନକାଉଣ୍ଟରରେ ଇନାମୀ ମହିଳା ମାଓବାଦୀ ନିହତ

ମାଲକାନଗିରି,୧୮।୯(ସଂଚାର ବ୍ୟୁରୋ): ଓଡ଼ିଶା ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସକୁ ମିଳିଛି ବଡ ସଫଳତା। ଆଜି ସକାଳେ ପୁଲିସ ନକ୍ସଲ ଗୁଳିବିନିମୟରେ ଜଣେ କ୍ୟାଡର ମହିଳା ମାଓବାଦୀର ମୃତ୍ୟୁ ହୋଇଛି। ଏହି ମହିଳା ମାଓବାଦୀ ନାମରେ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସୁକମା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ, ଗାଦିରାସ ଥାନା ଅନ୍ତର୍ଗତ ଗୁଫଡି ଏବଂ ପେରମପାରା ମଧ୍ୟ ଜଙ୍ଗଲରେ ନକ୍ସଲ କ୍ୟାମ୍ପ କରି ରହିଛନ୍ତି। ତୁରନ୍ତ ଜିଲ୍ଲା ପୁଲିସ ସମେତ ଡିଆରଜି ଯବାନ ସର୍ଚ୍ଚ ଅପରେସନ ପାଇଁ ସେହି ଅଂଚଳକୁ ଗସ୍ତ କରିଥିଲେ। ଆଜି ସକାଳୁ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଏହି ଗୁଳିବିନିମୟ ରହି ରହି ଦିନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ମହିଳା ମାଓବାଦୀର ମୃତଦେହକୁ ଠାବ କରିଥିଲା। ମୃତ ମହିଳା ମାଓବାଦୀ ➪ପୃଷ୍ଠା-୬

## ମନ୍ଦିରରୁ ୪ କିଲୋ ସୁନା ଚୋରି

ଥିରୁବନନ୍ତପୁରମ,୧୮।୯ : କେରଳରେ ଥିବା ପ୍ରସିଦ୍ଧ ମନ୍ଦିର ହେଉଛି ସାବରୀମାଳା ମନ୍ଦିର। ମନ୍ଦିରରୁ କୋଟି କୋଟି ଟଙ୍କାର ସୁନା ରହସ୍ୟମୟ ଭାବେ ନିଖୋଜ ହୋଇଯାଇଛି। ସୁନା ହଜିଥିବା ଚିନ୍ତାର ବିଷୟ ପାଲଟିଛି। ଏ ଖବର ଶୁଣିଲା ପରେ ଭକ୍ତଙ୍କ ହୃଦୟରେ ଆଘାତ ସୃଷ୍ଟି ହୋଇଛି। ସୂଚନା ଅନୁସାରେ ଦ୍ୱାରପାଳକଙ୍କ ମୂର୍ତ୍ତିରୁ ସୁନା ଲଗାଯାଇଥିବା ତମ୍ବା ପ୍ଲେଟଗୁଡ଼ିକୁ ୨୦୧୯ ମସିହାରେ ପୁନଃ ପ୍ଲେଟ କରିବା ପାଇଁ ବାହାର କରାଯାଇଥିଲା। ଯେତେବେଳେ ସେଗୁଡ଼ିକୁ ପୁନଃ ସ୍ଥାପନ କରାଯାଇଥିଲା। ସେତେବେଳେ ସେଗୁଡ଼ିକର ଓଜନ ୪.୫ କିଲୋଗ୍ରାମ କମ୍ ଥିଲା। ଏହି ମାମଲା କେରଳ ହାଇକୋର୍ଟରେ ପହଞ୍ଚିଛି। ଏହା ଚିନ୍ତାଜନକ କହିଛନ୍ତି ହାଇକୋର୍ଟ। ସରକାରୀ ରେକର୍ଡ ଅନୁଯାୟୀ ୨୦୧୯ ମସିହାରେ ନୂତନ ସୁନା ପ୍ଲେଟ କରିବା ପାଇଁ ପ୍ଲେଟଗୁଡ଼ିକୁ କଢ଼ାଯିବା ସମୟରେ ସେଗୁଡ଼ିକର ଓଜନ ୪୨.୮ କିଲୋଗ୍ରାମ ଥିଲା। କିନ୍ତୁ, ଯେତେବେଳେ ପ୍ଲେଟଗୁଡ଼ିକୁ ପୁନଃ ପ୍ଲେଟ କରିବା ପାଇଁ ଚେନ୍ନାଇର ଏକ କମ୍ପାନୀକୁ ହସ୍ତାନ୍ତର କରାଯାଇଥିଲା, ସେତେବେଳେ ସେଗୁଡ଼ିକର ଓଜନ ୩୮.୨୫୮ କିଲୋଗ୍ରାମକୁ ହ୍ରାସ ପାଇଥିଲା। ଅର୍ଥାତ୍ ୪.୫ ୪୧ କିଲୋଗ୍ରାମ ସୁନା ଗାଏବ ହୋଇଯାଇଥିଲା। ➪ପୃଷ୍ଠା-୬

### ● ପୁଣି ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଲେ ପ୍ରଶଂସା



ୱାଶିଂଟନ,୧୮।୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିଛନ୍ତି ଏବଂ ନିଜକୁ ଭାରତର ବହୁତ ନିକଟତର ବୋଲି କହିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ବିଷୟରେ ପଚାରାଯିବାରୁ ଟ୍ରମ୍ପ କହିଥିଲେ, "ମୁଁ ଭାରତର ବହୁତ ନିକଟତର, ମୁଁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ବହୁତ ନିକଟତର। ମୁଁ ଗତକାଲି ତାଙ୍କ ସହ କଥା ହୋଇଥିଲି। ମୁଁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲି। ଆମର ବହୁତ ଭଲ ସମ୍ପର୍କ ଅଛି।" ଟ୍ରମ୍ପଙ୍କ ବକ୍ତବ୍ୟ ପୁଣି ଥରେ ଭାରତ-ଆମେରିକା ସମ୍ପର୍କର ସ୍ଥାୟିତ୍ୱ ଏବଂ ମୋଦୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କକୁ ଏକ ସକାରାତ୍ମକ ଦିଗକୁ ମୋଡ଼ିଛି। ଶୁଳ୍କ ବିବାଦ ପରେ ଏହା ଚତୁର୍ଥ ଥର ପାଇଁ ଟ୍ରମ୍ପ ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଷୟରେ ଉଚ୍ଚ ପ୍ରଶଂସା କରିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ଉପରେ ମଧ୍ୟ ଟ୍ରମ୍ପ ଏକ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ପୁଟିନ ( ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ)ଙ୍କ ସହ ତାଙ୍କର ବହୁତ ଦିନ ଧରି ଭଲ ସମ୍ପର୍କ ➪ପୃଷ୍ଠା-୬

## ପେନସନ୍ ପାଇବେ ସୁଭଦ୍ରା ହିତାଧିକାରୀ



■ ତାଲିକାରୁ ନାଁ କଟୁ କଟୁ ମିଳିବ ସହାୟତା

■ ଅଦ୍ୟାବଧି ହଟିସାରିଛନ୍ତି ୯୩ ହଜାର

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ୬୦ ବର୍ଷ ଟପିବା ପରେ ସୁଭଦ୍ରାରୁ ବାଦ ପଡ଼ିଥିବା ହିତାଧିକାରୀମାନେ ପୂର୍ବରୁ ଚିନ୍ତିତ ଥିଲେ। କିନ୍ତୁ ଆଜି ସରକାରଙ୍କ ଘୋଷଣା ସେମାନଙ୍କୁ ଖୁସି ଦେବା ଭଳି ହୋଇଛି। କାରଣ ୬୦ ବର୍ଷ ପୂରିବା ପରେ ଯେଉଁମାନଙ୍କ ନାମ ସୁଭଦ୍ରା ହିତାଧିକାରୀ ତାଲିକାରୁ ହଟିଛି କିମ୍ବା ଆଗାମୀ ଦିନରେ ହଟିବ, ସେମାନେ ପେନସନ୍ ପାଇଁ ଆବେଦନ କରିପାରିବେ। ମଧୁବାବୁ ପେନସନ ଯୋଜନା କିମ୍ବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ରେ ସୁଭଦ୍ରାର ପୂର୍ବ ହିତାଧିକାରୀଙ୍କୁ ସାମିଲ କରାଯିବ। ଏଥିପାଇଁ କେବଳ ସେମାନେ ଆବେଦନ କରିବେ। ଏଥିସହ ଯେପର୍ଯ୍ୟନ୍ତ ଭତ୍ତା ନ ମିଳିଛି ସେ ପର୍ଯ୍ୟନ୍ତ ସରକାର ସୁଭଦ୍ରା ସହାୟତା ଯୋଗାଇଦେବେ ବୋଲି ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ପଷ୍ଟ କରିଛନ୍ତି। ସେ ଦେଇଥିବା ସୂଚନାନୁସାରେ, ଅଦ୍ୟାବଧି ସୁଭଦ୍ରାରୁ ୯୩ ହଜାର ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେମାନଙ୍କୁ ପେନସନ୍ ଯୋଜନାରେ ସାମିଲ କରାଯିବା ବ୍ୟବସ୍ଥା କରୁଛନ୍ତି ରାଜ୍ୟ ସରକାର। ➪ପୃଷ୍ଠା-୬

## କଂଗ୍ରେସ ଆଣିଲା ଅନାସ୍ଥା ପ୍ରସ୍ତାବ

### ସଚିବଙ୍କୁ ଦେଲା ଅନାସ୍ଥା ନୋଟିସ୍



ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ): ଆଜିଠାରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି। ବିଧାନସଭା ଅଧିବେଶନ ନେଇ ଗତକାଲି କଂଗ୍ରେସ ବିଧାୟକ ଦଳ ରଣନିତୀ ବୈଠକରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଚଳିତ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତଦନୁଯାୟୀ ଆଜି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀଯୁକ୍ତ କାଡାମଙ୍କ ନେତୃତ୍ୱରେ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଅନାସ୍ଥା ପ୍ରସ୍ତାବ ନୋଟିସ ଦିଆଯାଇଛି। ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ପନ୍ଦର ଜଣ ବିଧାୟକଙ୍କ ସମର୍ଥନ ଥିବା ସମ୍ମିଳିତ ନୋଟିସ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ବିଧାନସଭା ସଚିବଙ୍କୁ ପ୍ରଦାନ କରାଯାଇଛି।

ବହୁ ପୂର୍ବରୁ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ରାଜ୍ୟରେ ମହିଳାମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର, ଗଣଧର୍ଷଣ, ହତ୍ୟା ଓ ଅନ୍ୟାନ୍ୟ ପାଶବିକ ଅତ୍ୟାଚାର ବହୁ ମାତ୍ରାରେ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏଭଳି ପରିସ୍ଥିତିକୁ ଆୟତ୍ତ କରିବାରେ ବିଫଳ ହୋଇଥିବା କହିଥିଲେ । ଓଡିଶା ଆଜି ମହିଳା ଅତ୍ୟାଚାର କ୍ଷେତ୍ରରେ ଭାରତବର୍ଷରେ ପ୍ରଥମ ରାଜ୍ୟଭାବେ ସ୍ଥାନ ପାଇଛି, ଯେଉଁଠି କି ମହିଳା ଅତ୍ୟାଚାର ସର୍ବାଧିକ। ସ୍କୁଲ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୟସ୍କା ମହିଳା ଓ ଗୃହିଣୀ ମଧ୍ୟ ଏଭଳି ସଙ୍ଗୀନ ଅପରାଧର ଶିକାର ହେଉଛନ୍ତି। ଓଡିଶାରେ ମହିଳାମାନେ ଅସୁରକ୍ଷିତ। ତତସହିତ ରାଜ୍ୟରେ ➪ପୃଷ୍ଠା-୬

## କଂଗ୍ରେସ ବିଧାୟକଙ୍କ ଚୋରି ଜିନିଷ ଉଦ୍ଧାର ପାଇଁ ବାଚସ୍ପତିଙ୍କୁ ଚିଠି

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଗତ ବିଧାନସଭା ଅଧିବେଶନ ଚାଲିଥିବା ବେଳେ ନାରୀ ନିର୍ଯାତନା ବୃଦ୍ଧି ସଂପର୍କରେ କଂଗ୍ରେସ ବିଧାୟକମାନେ ଏକ ବିଧାନସଭା ତଦନ୍ତ କମିଟି ଗଠନ ଦାବି କରିବାକୁ ନେଇ ବିଧାନସଭାରୁ ନିଲମ୍ବିତ ହୋଇଥିଲେ। ଅଗଣତାନ୍ତ୍ରିକ ଉପାୟରେ ନିଲମ୍ବିତ ହୋଇଥିବା ବିଧାୟକମାନେ ତା ୨୬.୩.୨୫ ରିଖରେ ୨ଟା ୩୦ ମିନିଟ ସମୟରେ ପବିତ୍ର ବିଧାନସଭା ଗୃହ ମଧ୍ୟକୁ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ସାର୍ଟ ମଧ୍ୟ ଚୋରି କରିନେଇଥିବା ଅଭିଯୋଗ ବାଚସ୍ପତିଙ୍କ ନିକଟରେ କରାଯାଇଥିଲା। ଆଜି ମୌସୁମୀ ବିଧାନସଭା ଆରମ୍ଭ ହୋଇଛି। ଗତ ବିଧାନସଭା ଅଧିବେଶନରେ ଚୋରି ହୋଇଥିବା ଜିନିଷ ପାଇବା ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପୁନଶ୍ଚ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ଆଜି ପତ୍ର ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ଚୋରି ହୋଇଥିବା ଜିନିଷ ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ କିମ୍ବା ସେ ସଂପର୍କରେ ବିଧାନସଭା କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ତେଣୁ ଚୋରି ହୋଇଥିବା ଜିନିଷ ପତ୍ରର ତୁରନ୍ତ ଉଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



### କାନ ଡେରିଥା

ଜଗତେ କେବଳ ଜନେ ହସିବେ
କହିଲେ ବିଜେପି ନେତା
ମିଶେଇ ଫେଡ଼ାଇ ଯୁଆଡୁ
ଯୋଡ଼ିଲେ
ହେବେ କି ଜଗତ ଜିତା
ବୁଝି ଗଲେଣି ଜନତା...
ପ୍ରତ୍ୟାଖାନ ମାଡ଼ ନବୁଝିଲେ
କେହି
ହରାଇବେ ନିଜ ସତ୍ତା ।

■ ଦେବାଶିଷ

## ଅନାସ୍ଥା ବିବାଦକୁ ନେଇ ଡର ; ଦିଲ୍ଲୀରେ ନବୀନ

■ ଦୋ'ଛକିରେ ବିଜେଡି ନେତା, ଲାଭରେ କଂଗ୍ରେସ

■ ବିଜେଡି ନେତାଙ୍କ ମୁହଁରେ ତୁଣ୍ଡି ବାନ୍ଧିବାକୁ କମିଟ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ) : ରାଜ୍ୟ ସରକାରଙ୍କ ବିରୁଦ୍ଧରେ କଂଗ୍ରେସ ଆଜି ଅନାସ୍ଥା ପ୍ରସ୍ତାବ ଆଣି ଏହାକୁ ସମର୍ଥନ ସକାଶେ ବିଜେଡିର ଦ୍ୱାରସ୍ଥ ହୋଇଥିବା ବେଳେ ବିରୋଧୀ ଦଳ ନେତା ନବୀନ କିନ୍ତୁ ଅନୁପସ୍ଥିତ। କେବଳ ଅନାସ୍ଥାରୁ ଦୂରେଇ ରହିବା ପାଇଁ ନବୀନ ଦିଲ୍ଲୀରେ ରହଛନ୍ତି ବୋଲି ଏବେ ଆଲୋଚନା ଜୋର ଧରିଛି। ୱାକ୍‌ଫ ବିଲ୍‌କୁ ଆଖିବୁଜା ସମର୍ଥନ ଓ ଉପରାଷ୍ଟ୍ରପତି ନିର୍ବାଚନରେ ଅନୁପସ୍ଥିତ ରହିବା ପରେ ଅନାସ୍ଥାରୁ ଉଦ୍ଧାର ପାଇଁ ଚାରି ଦିନ ପାଇଁ ଦିଲ୍ଲୀ ଯାଇଥିବା ନବୀନ ସେଠାରେ ଅଟକିଛନ୍ତି ବୋଲି ଖୋଦ୍ ବିଜେଡି କର୍ମୀମାନେ ବି କହିବାକୁ ପଛାଉ ନାହାନ୍ତି।

ବର୍ଷା ଅଧିବେଶନର ଆରମ୍ଭ ଦିନରୁ ହିଁ କଂଗ୍ରେସ ଆଜି ବିଜେପି ସରକାର ବିରୁଦ୍ଧରେ ଅନାସ୍ଥା ଆଣିଛି। କଂଗ୍ରେସର ୧୪ଜଣ ବିଧାୟକଙ୍କ ସହିତ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରସ୍ତାବ ସପକ୍ଷରେ ରହିଛନ୍ତି। ତେବେ ବିଧାନସଭା ସଚିବଙ୍କୁ ଅନାସ୍ଥା ନୋଟିସ୍ ଧରାଇବା ପରେ କଂଗ୍ରେସ ରାଜନୈତିକ ଗୋଟି ଚଳାଇ ଏହାକୁ ସମର୍ଥନ ଦେବା ପାଇଁ ବିଜେଡିର ଦ୍ୱାରସ୍ଥ ହୋଇଛି। କଂଗ୍ରେସ ଏବେ ଅନାସ୍ଥା ବଲ୍‌କୁ ବିଜେଡି କୋର୍ଟକୁ ଫିଙ୍ଗିବା ପରେ ବିଜେଡି କିନ୍ତୁ ଦୋଛକରେ ରହିଛି। ବିରୋଧୀ ଦଳ ନେତା ଓଡିଶାରେ ଅନୁପସ୍ଥିତ ଥିବାରୁ ଦଳ ଏ ନେଇ କୌଣସି ନିଷ୍ପତ୍ତି ନେଇପାରୁ ନାହିଁ। ଅନାସ୍ଥାକୁ ସମର୍ଥନ କରିବାକୁ କଂଗ୍ରେସ ବିଧାୟକମାନେ ମଧ୍ୟ ବିରୋଧୀ ଦଳ ନେତାଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତିରେ କଂଗ୍ରେସ ବିଧାୟକମାନେ ବିଜେଡି ବିଧାୟକ ପ୍ରତାପ ଦେବଙ୍କ ସହ ଆଲୋଚନା କରି ଖାଲି ହାତରେ ଫେରିଛନ୍ତି।

ନାରୀ ନିର୍ଯାତନା ଠାରୁ ସାର ଅଭାବ



ଯାଏ ଏକାଧିକ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ସମାନ ଭାବେ ସରକାର ବିରୁଦ୍ଧରେ ଲଢେଇ କରୁଛନ୍ତି। ବିଧାନସଭା ଭିତରେ ବି ସମାନ ପ୍ରସଙ୍ଗକୁ ନେଇ ଦୁଇ ଦଳ ବିରୋଧ କରିବା ପାଇଁ ସଜବାଜ ହେଉଛନ୍ତି। ତେବେ ଯଦି ସମାନ ପ୍ରସଙ୍ଗରେ କାନ୍ଧକୁ କାନ୍ଧ ମିଳାଇ ବିରୋଧ କରୁଛନ୍ତି ତେବେ ଅନାସ୍ଥା ପ୍ରସ୍ତାବରେ ବିଜେଡି କାହିଁକି ସମର୍ଥନ କରିବ ନାହିଁ ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି। ତେବେ ଦଳୀୟ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ କେନ୍ଦ୍ରରେ ବିଜେପିର ନିକଟତର ଥିବା ବିଜେଡି ଓଡିଶାରେ ଦଳକୁ ବିରୋଧ କରିବାକୁ ସାହସ କୁଳାଇ ପାରୁନାହିଁ। ଅଧିବେଶନ ସମୟରେ କାଳେ କିଏ ଅନାସ୍ଥା ହେଉ କିମ୍ବା ଅନ୍ୟ କୌଣସି ପ୍ରସଙ୍ଗ ହେଉ କିଛି କହିଦେବ, ସେଥିପାଇଁ ବିଜେଡି ତାହାର ଫ୍ଲୋର ମ୍ୟାନେଜମେଣ୍ଟ ଟିମ୍ ଗଠନ କରିଛି। ଅରୁଣ ସାହୁ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ, ସାରଦା ଜେନାଙ୍କ ଭଳି ବଛା ବଛା ନେତା କେବଳ ଦଳୀୟ ପ୍ରସଙ୍ଗରେ ମତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନେ କେହି ବି ଦଳୀୟ ମତ କିମ୍ବା ନିଜ ମତ ରଖିପାରିବେ ନାହିଁ। ଏଥିରୁ ଲକ୍ଷ୍ୟ କରାଯାଉଛି ଯେ, ସରକାର ବିରୁଦ୍ଧରେ ଆସିଥିବା ଅନାସ୍ଥା ହେଉ କିମ୍ବା ଅନ୍ୟ କୌଣସି ପ୍ରସଙ୍ଗରେ ବିଜେଡି କିଛି ରିସ୍କ ନେବାକୁ ଚାହୁଁନାହିଁ।

ଅନ୍ୟ ପକ୍ଷରେ ବିଜେଡିର ନିରବତା ସତ୍ତ୍ୱେ କଂଗ୍ରେସ କିନ୍ତୁ ଉତ୍ସାହିତ। ବିଜେଡି କୋର୍ଟକୁ ବଲ୍ ଫିଙ୍ଗିବା ପରେ କଂଗ୍ରେସ ନେତାମାନେ ଏବେ ସରକାର ବିରୁଦ୍ଧରେ ସ୍ୱରକୁ ଶାଣିତ କରିଛନ୍ତି। ଏପରିକି ଗତ ବିଧାନସଭା ସମୟରେ ଗଣ୍ଡଗୋଳ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକମାନଙ୍କ ଚୋରି ସାମଗ୍ରୀ ଫେରାଇ ଦେବାକୁ ବି ପତ୍ର ଲେଖିଛନ୍ତି। ଏଥିରୁ ଯାହା ଲକ୍ଷ୍ୟ କରାଯାଉଛି କଂଗ୍ରେସ କୌଣସି ପରିସ୍ଥିତିରେ ବିଜେଡିକୁ ଆଗକୁ ଛାଡିବାକୁ ରାଜି ନୁହେଁ। ଏଥିପାଇଁ କଂଗ୍ରେସ ବହୁ ପୂର୍ବରୁ ଅନାସ୍ଥା ପ୍ରସଙ୍ଗ ଉଠାଇବା ସହିତ ଜାଣିଶୁଣି ଏହାକୁ ଆଣିଛି ବୋଲି ରାଜନୈତିକ ➪ପୃଷ୍ଠା-୬

● ଯୁବକଙ୍କୁ ହତ୍ୟା ଘଟଣା

## ଦେଢ଼ ବର୍ଷ ପରେ ୭ ଅଭିଯୁକ୍ତ ଗିରଫ

**ରାଜନଗର,୧୮।୯ (ସଂଚାର ବ୍ୟୁରୋ):** ୨୦୨୩ ଜାନୁୟାରୀ ୩୦ ତାରିଖରେ ସରସ୍ୱତୀ ପୂଜା ଭସାଣିରେ ସାମାନ୍ୟ ବଚସାରୁ ଯୁବକଙ୍କୁ ସଙ୍ଗବଦ୍ଧ ଭାବେ ଆକ୍ରମଣ ଓ ଯୁବକଙ୍କ ମୃତ୍ୟୁ ଘଟଣା ସେତବେଳେ ଆଲୋଡନ ସୃଷ୍ଟି କରିଥିଲା। ଏହି ହତ୍ୟାକାଣ୍ଡ ଘଟଣାରେ ସେତେବେଳେ ପୁଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଥିଲେ। ଘଟଣାର ଦେଢ଼ ବର୍ଷ ପରେ ପୁଲିସ ଆଜି ଆଉ ୭ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ୨୦୨୩ ଜାନୁୟାରୀ ୨୯ ତାରିଖ ଦିନ ଏହି ଥାନା ଅନ୍ତର୍ଗତ ମଧପଡା ଗାଁରେ ସ୍ୱରସ୍ୱତୀ ମେଢ଼ ଭସାଣି ବେଳେ ବୈକୁଣ୍ଠ ଜେନାଙ୍କ ପୁଅ ବିପିନ ଜେନାଙ୍କୁ ଆକ୍ରମଣ କରିଥିଲେ। ମାତ୍ର ବିପିନ ଖସିଯିବାରେ ସଫଳ ହୋଇଥିଲେ ମଧ ଅଭିଯୁକ୍ତମାନେ ତାଙ୍କ ଘର ସମ୍ମୁଖରେ ତାଙ୍କୁ ପିଛା କରି ଆକ୍ରମଣ କରି ଚାଲିଥିଲେ। ତାଙ୍କ ଭାଣିଜୀ ଜ୍ୟୋସ୍ନାରାଣୀ ଜେନା, ପୁଅ ବାମନ ଚୌଧୁରୀ ଜେନା ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କ ପୁଅକୁ ଉଦ୍ଧାର କରୁଥିବା ସମୟରେ, ଅଭିଯୁକ୍ତମାନେ ସେମାନଙ୍କ ଭାଣିଜୀ ଜ୍ୟୋସ୍ନାରାଣୀଙ୍କ ଆକ୍ରମଣ କରି ତାଙ୍କୁ ଆହତ କରିଥିଲେ। ପରେ ଚିକିତ୍ସା ପରେ, ଘରକୁ ଫେରିବା ସମୟରେ ରାତ୍ରି ପ୍ରାୟ ୧୦:୩୦ ସମୟରେ ରାଜନଗର ବ୍ରିଜ୍ ରୋଡ୍ ମହାଦେବ ମନ୍ଦିର ନିକଟରେ, ଅଭିଯୁକ୍ତମାନେ ରାଜନଗର ଗ୍ରାମର କିଛି ପିଲାଙ୍କ ସହିତ ମିଳିତ ଭାବରେ ସେମାନଙ୍କ ଭାଣିଜୀ, ପୁଅ ଏବଂ ଭାଇଭଉଣୀମାନଙ୍କୁ ଆକ୍ରମଣ କରିଥିଲେ। ସେମାନେ ତାଙ୍କ ପୁଅକୁ ମଧ ଜୋରଜବରଦସ୍ତି ସାଙ୍ଗରେ ନେଇଯାଇଥିଲେ। ଭୋର ୩ଟାରେ ପୁଅକୁ ଗୁରୁତର ଅବସ୍ଥାରେ କୁନ୍ଦୁପୁର ଛକର ଏକ ଘର ସମ୍ମୁଖରେ ପଡ଼ିଥିବା ଦେଖି ରାଜନଗର ଡାକ୍ତରଖାନାକୁ ନେଇଯାଇଥିଲେ। ଜଣେ ଡାକ୍ତର ତାଙ୍କୁ କେନ୍ଦ୍ରାପଡ଼ା ଡାକ୍ତରଖାନା ଏବଂ ପରେ କଟକକୁ ରେଫର କରିଥିଲେ। ସେଠାରେ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୈକୁଣ୍ଠ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ସେତବେଳେ ପୁଲିସ ୨ ଜଣଙ୍କୁ ଗିରଫ କରିଥିଲା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବୃକ୍ଷ ରୋପଣ



**ସାଲେପୁର,୧୮।୯ (ସଂଚାର ବ୍ୟୁରୋ):** ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ମୁତାବକ ଶିଶୁଆ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ସରସ୍ୱତୀ କଚେରୀ ପରିସରରେ ସାଲେପୁର ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଶିଶୁଆ ସରପଞ୍ଚ ପ୍ରତିମା ସାହୁଙ୍କ ସହଯୋଗ ରେ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ବୃକ୍ଷ ଯଥା ଆକାଶିଆ, ଝାଉଁ, ଶାଳ,କପା, ବଉଳ, ପ୍ରଭୃତି ବିଭିନ୍ନ ପ୍ରକାର ର ବୃକ୍ଷ ରୋପଣ କରାଯାଇଥିଲା । ଜୀବନ ର ଅନ୍ୟ ନାମ ବୃକ୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରକୃତି ବା ଧରିତ୍ରୀ ମାତା ବଞ୍ଚିବା ପାଇଁ ବୃକ୍ଷ ନିହାତି ଆବଶ୍ୟକ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ଆହ୍ୱାନ "ଏକ ପେଡ ମା କେ ନାମ" ବା ମା ପାଇଁ ଗଛଟିଏର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ ବିଶ୍ୱାଳ, ସରପଞ୍ଚ ଙ୍କ ପ୍ରତିନିଧି ସଂଜୀବ ସାହୁ, ୱାର୍ଡ ସଭ୍ୟ ଜୟଦେବ ରାଉତ ଙ୍କ ସମେତ ଅନେକ ବ୍ଲକ କର୍ମଚାରୀ ଏବଂ ସ୍ୱେଚ୍ଛା ସେବୀ ଉପସ୍ଥିତ ରହି ଏହି କାର୍ଯ୍ୟଟିକୁ ସଫଳ କରାଇଥିଲେ ।

## ବେରୁହାଁରେ ପଞ୍ଚାୟତସ୍ତରୀୟ ବୃକ୍ଷରୋପଣ

**ମାର୍ଶାଘାଇ,୧୮।୯ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ବେରୁହାଁ ଗ୍ରାମପଞ୍ଚାୟତ ମା କାଳୁଆଣୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ଏକ ପେଡ ମା କେ ନାମ' ଯୋଜନାରେ ପଞ୍ଚାୟତସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତିସଭ୍ୟ ରଞ୍ଜିତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ପଞ୍ଚାନନ ମଲିକ, ଜିପିଇଓ ସୋନାଲି ବେଉରା ପ୍ରମୁଖ ଯୋଗଦେଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ସାମନ୍ତରାୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ବେହେରାଙ୍କ ସମେତ ଉଚ୍ଚ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀଙ୍କ ସମେତ ଗ୍ରାମପଞ୍ଚାୟତ ଭାଜପାର ବହୁ ଛାମୁଆ କର୍ମକର୍ତ୍ତା ଯୋଗଦେଇଥିଲେ ।

ସଙ୍ଗବନ୍ଧ ଆକ୍ରମଣ ମାମଲାରେ କାର୍ଯ୍ୟାନୁଷ୍ଠାନ ଦାବି

# ଥାନା ବାରଣ୍ଡାରେ ସରପଞ୍ଚଙ୍କ ଅନଶନ




ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ପକ୍ଷରୁ ଧାରଣା

ମାମଲା ପ୍ରତ୍ୟାହାର ଦାବିରେ ଦଳିତ ସଂପ୍ରଦାୟର ଧାରଣା

**ରାଜନଗର,୧୮।୯ (ସଂଚାର ବ୍ୟୁରୋ):** ମହିଳା ଦଳିତ ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ କରାଯିବା ଘଟଣାରେ ପୁଲିସ ମାମଲା ରୁଜୁ କରି ବସିଛି। ଏହି ଘଟଣାକୁ ନେଇ ରାଜନଗର ରାଜନୀତି ସରଗରମ ହୋଇପଡିଛି। ଆଜି ରାଜନଗର ଥାନା ଆଗରେ ତିନି ତିନୋଟି ଧାରଣା ଦେଖିବାକୁ ମିଳିଛି। ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନିଜେ ନ୍ୟାୟ ପାଇଁ ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି। ସରପଞ୍ଚଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ଓ ମାମଲା ପ୍ରତ୍ୟାହାର ଦାବିରେ ପୂର୍ବତନ ସରପଞ୍ଚଙ୍କ ସମର୍ଥନରେ ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଦଳିତ ସଂପ୍ରଦାୟର ଲୋକେ ଧାରଣାରେ ବସିଛନ୍ତି। ରାଜନଗର ଥାନାରେ ତିନୋଟି ଧାରଣା ପରିବେଶକୁ ଉଷ୍ମ କରିଦେଇଛି।

ରାଜନଗର ବ୍ଲକ ରାଜପୁର ପଞ୍ଚାଯତର ସରପଞ୍ଚ ରାଣୀମଞ୍ଜରି ସେଠୀଙ୍କୁ ତାଙ୍କ ଘରେ ପଶି ଆକ୍ରମଣ ନେଇ ଚଳିତ ମାସ ୬ ତାରିଖ ଦିନ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ସଙ୍ଗିନ ଦଫାରେ ପୋଲିସ ମାମଲା ରୁଜୁ କରିଥିଲେ ମଧ ପୁଲିସ ଅଭିଯୁକ୍ତଙ୍କୁ ଆଜି ଯାଏଁ ଗିରଫ କରିନି। ଗତକାଲି ରାତି ପ୍ରାୟ ୨ ଟା୩୦ ରେ ତାଙ୍କ ଘରର କବାଟ ଓ ଝରକାକୁ କେତେକ ଦୁର୍ବୃତ୍ତ ଗୋଇଠା ମାରି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଭଲରେ ନିମାଇଁ ନାରେ ଏତଲା ଉଠାଇ ଆଣ ନଚେତ ଘର ସହ ପୁରା ପରିବାରକୁ ପେଟ୍ରୋଲ ଢାଳି ଜାଳିଦେବୁ ବୋଲି ଧମକ ଦେଇଥିବା ନେଇ ଆଜି ଆଉ ଏକ ଅଭିଯୋଗ କରିବା ସହ ନ୍ୟାୟ ପାଇଁ ରାଜନଗର ଥାନା ସମୁଖରେ ଧାରଣାରେ ବସି ରହିଛନ୍ତି। ନ୍ୟାୟ ନପାଇବା ଯାଏଁ ଥାନା ଆଗରେ ବସିରହିବି ବୋଲି ସରପଞ୍ଚ କହିଛନ୍ତି ସରପଞ୍ଚଙ୍କୁ ନ୍ୟାୟ ଦାବିରେ ମହିଳାମାନେ ମଧ ଥାନା ବାରଣ୍ଡାରେ ବସି ରହିଛନ୍ତି।

ସେହିପରି ମହିଳା ଓ ଦଳିତ ସରପଞ୍ଚଙ୍କୁ ଘରେ ପଶି ଆକ୍ରମଣ ଘଟଣାରେ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ଆଜି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଥାନା ଆଗରେ ଧାରଣା ଦିଆଯାଇଛି।

ଅନ୍ୟ ପକ୍ଷରେ ରାଜନଗର ଦଳିତ ସଂପ୍ରଦାୟ ପକ୍ଷରୁ ରାଜନଗର ଥାନା ଆଗରେ ଧାରଣା ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଆମ ଦଳିତ ସଙ୍ଘକୁ ବ୍ୟବହାର କରି ରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତ ଓ ଅନ୍ୟ ମାନଙ୍କ ନାଁରେ ବର୍ତ୍ତମାନର ସରପଞ୍ଚ ମିଥ୍ୟା ଅଭିଯୋଗ କରିଛନ୍ତି। ଏହି ମାମଲାରେ ପୂର୍ବତନ ସରପଞ୍ଚ ଓ ଅନ୍ୟ ମାନଙ୍କର କୌଣସି ସମ୍ପୃକ୍ତି ନଥାଇ ତାଙ୍କୁ ଫସାଇବାକୁ ଚକ୍ରାନ୍ତ କରିଛନ୍ତି। ପୂର୍ବତନ ସରପଞ୍ଚ ଓ ଅନ୍ୟ ମାନଙ୍କ ନାଁରେ ହୋଇଥିବା ଅଭିଯୋଗ ପ୍ରତ୍ୟାହାର ଦାବିରେ ଦଳିତ ସଂପ୍ରଦାୟ ପକ୍ଷରୁ ରାଜନଗର ଥାନା ମୁଖ୍ୟ ଫାଟକରେ ଧାରଣାରେ ବସିଛନ୍ତି।

ବୃଦ୍ଧ ଦମ୍ପତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ନମିଳିବା ଘଟଣା

# ତଦନ୍ତ ସହ ପଦକ୍ଷେପ ପାଇଁ ନିର୍ଦ୍ଦେଶ



**ମହାକାଳପଡ଼ା,୧୮।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଗୋଗୁଆ ପଞ୍ଚାୟତ ଅନ୍ତର୍ଗତ ଗୁଲୁଡିଆ ଗ୍ରାମର ସଚ୍ଚିନ ମିତ୍ର ଓ ତାଙ୍କ ପତ୍ନୀ ଶେଫାଳୀ ମିତ୍ର ବୟସର ଅପରାହ୍ନରେ ପହଞ୍ଚି ସାରିଛନ୍ତି। ସଚ୍ଚିନଙ୍କୁ ବୟସ ୭୦ ହୋଇଥିଲା ବେଳେ ଶେଫାଳୀଙ୍କୁ ୬୫ ବୟସ ହେଲାଣି। ହେଲେ ଆଜି ପର୍ଯ୍ୟନ୍ତ ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଅବଶ ଶରୀରରେ କାମ କରିବାକୁ ବଳ ଜୁଟେଇ ପାରୁନଥିବା ବୃଦ୍ଧ ଦମ୍ପତି ଏବେ ନିଜ ପାଉଟି କରିବା ଚିନ୍ତାରେ ପଡ଼ିଛନ୍ତି।

ରାସନ୍ କାର୍ଡରେ ମାସକୁ ଯେଉଁ ୧୦ କିଲୋ ଚାଉଳ ମିଳୁଛି, ସେହି ଚାଉଳରେ କଷ୍ଟରେ ବଞ୍ଚୁଛନ୍ତି । ଏମିତି ପରିସ୍ଥିତିରେ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ନମିଳିବାରୁ ସେ ଆହୁରି ଚିନ୍ତାରେ ପଡ଼ିଛନ୍ତି। ତାଙ୍କର ଭତ୍ତା ଟଙ୍କା ଗଣ୍ଡାକ ମିଳିଲେ ସୁରୁଖୁରୁରେ ଦୁଇ ପ୍ରାଣୀଙ୍କ ଜୀବନ ସୁରୁଖୁରୁରେ ଚଳି ଯାଆନ୍ତା ବୋଲି ଆଖି ଛଳଛଳ କରି କହିବା ପରେ ଗୁରୁବାର 'ସଂଚାର'ରେ ଖବର ପ୍ରକାଶ ପାଇଥିଲା।

ପ୍ରକାଶିତ ଖବରକୁ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ କର୍ମୀ ଅନୁପ କୁମାର ରାଉତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ 'ଏକ୍ସ' ଜରିଆରେ ଅଭିଯୋଗ ଜଣାଇବା ପରେ ବିଭାଗ ତତ୍ପରତା ଦେଖାଇଛନ୍ତି। ତଦନ୍ତ ସହ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବିଭାଗ ନିର୍ଦ୍ଦେଶ ଦେଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ବୁଲା ଷଣ୍ଢଙ୍କ ବେକରେ ଲାଗିଲା ରେଡିୟମ

**ରାଜକନିକା,୧୮।୯(ସଂଚାର ବ୍ୟୁରୋ):** ରାଜକନିକା ଅଞ୍ଚଳରେ ଦିନକୁ ଦିନ ବୁଲା ଷଣ୍ଢଙ୍କ ଦୌରାତ୍ମ୍ୟ ବଢିବାକୁ ଲାଗିଛି।ରାସ୍ତାଘାଟ, ବିଲବାଡି, ଗଳିକନ୍ଦିରେ ମାଳ ମାଳ ଷଣ୍ଢ ଏବେ ଦେଖିବାକୁ ମିଳୁଥିବା ବେଳେ ଗାଡି ଦୁର୍ଘଟଣାରେ ବି ବହୁତ ଷଣ୍ଢ ମୃତାହତ ହେଉଛନ୍ତି। ଏହାର ନିରାକରଣ ପାଇଁ କିଛି ସଚେତନ ଯୁବକ ଷଣ୍ଢଙ୍କ ବେକରେ ରେଡିୟମ୍ ଲଗାଇବାର ପ୍ରୟାସ ଆରମ୍ଭ କରିଛନ୍ତି । ଫଳରେ ଏହା ଦ୍ୱାରା ଦୁର୍ଘଟଣା ଅନେକ ମାତ୍ରାରେ କମିବ ବୋଲି କହିଥିଲେ ଏହାର ନେତୃତ୍ୱ ନେଇଥିବା

ଯୁବ ସମାଜସେବୀ ସଞ୍ଜିବ୍ ନାୟକ। ଗତକାଲି କିଛି ଷଣ୍ଢଙ୍କୁ ଠାବ କରାଯାଇ ସେମାନଙ୍କ ବେକରେ ରେଡିୟମ୍ ଫିତା ପିନ୍ଧା ଯିବାର ପ୍ରୟାସ ଆରମ୍ଭ ହୋଇଛି।ଯୁବକମାନଙ୍କ କହିବା କଥା ରାତି ଅନ୍ଧାରରେ ଷଣ୍ଢମାନେ କଟକ ଚାନ୍ଦବାଲି ରାସ୍ତା, ରାଜକନିକା ଓଳାଭର ରାସ୍ତା,ଓଳାଭର କଣ୍ଠିଆ ରାସ୍ତାରେ ଅନବରତ ଯିବା ଆସିବା କରି ଥାଆନ୍ତି।ତାହା ପୁଣି ରାତି ଅନ୍ଧାରରେ। ଏଥିପାଇଁ ଗାଡି ଚାଳକମାନେ



ସେମାନଙ୍କୁ ଦେଖି ନ ପାରି ଦୁର୍ଘଟଣା ଘଟାଇ ଥାଆନ୍ତି।ଯାହା ଫଳରେ କେଉଁଠି ଷଣ୍ଢଙ୍କ ଜୀବନ ଯାଇଥାଏ ଅଥବା ସବୁଦିନ ପାଇଁ ପଙ୍ଗୁ ହୋଇ କଷ୍ଟ ଭୋଗି ଥାଆନ୍ତି।ଏଭଳି ସ୍ଥିତିକୁ ଆଖି ଆଗରେ ରଖି କିଛି ସଚେତନ ଯୁବକ

ନିଜସ୍ୱ ଖର୍ଚ୍ଚରେ ରେଡିୟମ ଫିତା ଷଣ୍ଢଙ୍କ ବେକରେ ଲଗାଇ ନୂଆ ଏକ ପ୍ରୟାସ ଆରମ୍ଭ କରି ପ୍ରାୟ ପ୍ରଥମ ପ୍ରଯ୍ୟାୟରେ ୨୦ଟି ଷଣ୍ଢଙ୍କ ବେକରେ ଫିତା ଲଗାଇଥିଲେ।ଯଦିଓ ଷଣ୍ଢଙ୍କୁ ଧରି ତାଙ୍କ ବେକରେ ରେଡିୟମ୍ ଫିତା ଲଗାଇବା କଷ୍ଟକର ତଥାପି ବି ସାହାସର ସହ ଏଭଳି କରା ଯାଇଛି । ଆଗାମୀ ଦିନରେ ସମସ୍ତ ବୁଲା ଷଣ୍ଢଙ୍କୁ ବେକରେ ଏହି ଫିତା ଲଗାଯିବ ବୋଲି ସୂଚନା ଦେଇଥିଲେ ସୁଶାନ୍ତ ନାୟକ, ଅବିନାଶ ବେହେରା, ପ୍ରଦିପ୍ତ ବେହେରା, ରାକେଶ ସାମଲ, ଦୀପକ ନାୟକ, ଶୁଭମ୍ ଦଳାଇ, ସମିର ବେହେରା, ଚଗଲା ସାହୁ ପ୍ରମୁଖ ଯୁବକ। ଯୁବକମାନଙ୍କ ଏମିତି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

## ଏସ. କେ. ଚ୍ୟାରିଟେବୁଲ ଟ୍ରଷ୍ଟ ଓ ଟିମ୍ ହ୍ୟୁମାନଟିର ରକ୍ତଦାନ ଶିବିର



**ରାଜକନିକା,୧୮।୯ (ସଂଚାର ବ୍ୟୁରୋ):** ବରାଡିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏସ. କେ. ଚାରିଟେବୁଲ ଟ୍ରଷ୍ଟ ମାଧମରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଟିକୁ ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ମଲ୍ଲିକ ଙ୍କ ଦ୍ୱାରା ଉଦଘାଟନ କରିଥିଲେ,କେନ୍ଦ୍ରାପଡ଼ା ର ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା, ଜିଲ୍ଲା ସଭାପତି ସାଶଙ୍କ ଶେଖର ସେଠି, ଜିଲ୍ଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା ମୋହଦୟ ଓ ରାଜକନିକା ମଣ୍ଡଳ ଅଧିକାରୀ (ବିଡିଓ)ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ଟ୍ରଷ୍ଟ ର କାର୍ଯ୍ୟକର୍ତ୍ତା ମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ରକ୍ତ ଦାନ ଶିବିରରେ ୧୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା, ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ରଜତ ଦାସ, ଦୀପକ ମଲିକ, ଅନିଲ ବେହେରା, ଦିଲ୍ଲୀପ ପରିଡା,ସିଲୁ କୁମାର ସିଂ, ପ୍ରତିମା ଦାସ,ପବିତ୍ର ମୋହନ ମିଶ୍ର, ରଞ୍ଜନ ପଣ୍ଡା,ସ୍ୱରାଜ ଦାସ,ଶୁଭ୍ର ଜିତ ବିଶ୍ୱାଳ ସତ୍ୟବାନ ବିଶ୍ୱାଳ,ଦାଶରଥି ପରିଡା, ଅନିଲ ବେହେରା ଓ ଅନ୍ୟାନ୍ୟ ସଦସ୍ୟ ଙ୍କ ସହିତ ଟ୍ରଷ୍ଟ ଦ୍ୱାରା ପରିଚାଳିତ କମ୍ପୁଟର ଶିକ୍ଷା କେନ୍ଦ୍ର ର ସମସ୍ତ ଛାତ୍ରୀ ଓ ଶିକ୍ଷୟତ୍ରୀ ସୁପ୍ରିୟା ପାଣି ସହଯୋଗ କରିଥିଲେ।

## ବିଶ୍ୱକର୍ମା ପୂଜା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



**କେନ୍ଦ୍ରାପଡ଼ା,୧୮।୯(ସଂଚାର ବ୍ୟୁରୋ):** ଗତକାଲି ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ତଥା ଆମ ଦେଶର ଯଷୋଶୀ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମଦୋର ମୋଦୀଜୀଙ୍କ ପୁଣ୍ୟ ଜନ୍ମତିଥି ପାଳନ ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଯମଧର ଠାରେ ଏହି କିଛିଦିନ ହେବ ନୂତନ ଭାବେ ଖୋଲାଯାଇଥିବା ଜିଲ୍ଲାର ସର୍ବ ବୃହତ କଳିଙ୍ଗ ସ୍ୱାସ୍ଥ୍ୟ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ପରିସରରେ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଡାକ୍ତର ଭାସ୍କର ନାୟକଙ୍କ ତତ୍ତ୍ୱାବଧାନରେ " ମା କେ ନାମ ଏକ ପେଡ " କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ଲୋବାଲ ୱାର୍ମିଙ୍ଗ ବୃଦ୍ଧିହେତୁ ଅକ୍ସିଜେନର ମାତ୍ର ହ୍ରାସ ପାଇବାକୁ ଲାଗିଛି ଫଳରେ ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ବାୟୁ ମଣ୍ଡଳ କବଳରୁ ବଞ୍ଚାଇ ରଖିବା ପାଇଁ ସମଗ୍ର ଦେଶରେ ଜଙ୍ଗଲ ଗୁଡିକ ସୃଷ୍ଟି ନିମନ୍ତେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଉଛି। ସେହି ପରିପ୍ରେକ୍ଷୀରେ ଉକ୍ତ ହସ୍ପିଟାଲର ସମସ୍ତ କର୍ମଚାରୀମାନେ ମିଳିତ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବା ନିମନ୍ତେ ପ୍ରାୟ ବୃକ୍ଷ ଚାରା ହସ୍ପିଟାଲ ଚତୃପାର୍ଶ୍ୱରେ ଲଗାଇଥିବା ଦେଖିବାକୁ ମିଳିଥିଲା ।

# କଫ ସିରଫ ସହ ବ୍ୟବସାୟୀଙ୍କୁ ଉଠାଇ ନେଲା ସ୍ପେଶାଲ ସ୍କ୍ୱାଡ୍



ନୂଆ ବସଷ୍ଟାଣ୍ଡ ବାଇପାସ୍ ନିକଟ ଗ୍ୟାରେଜରେ ବିକ୍ରି ହେଉଥିଲା

**କେନ୍ଦ୍ରାପଡା,୧୮।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରରେ ବହୁ ମାତ୍ରାରେ ବିକ୍ରି ହେଉଥିବା ନିଶା କଫଶିରଫ ବ୍ୟବସାୟୀଙ୍କୁ ଆଜି ସ୍ପେଶାଲସ୍କ୍ୱାର୍ଡ ଟିମ୍ ପକ୍ଷରୁ ଚଢ଼ାଉ କରି ଗ୍ୟାରେଜ ମାଲିକଙ୍କୁ ଉଠାଇ ନେଇଛି । ଟାଉନ ଥାନା ଅଧୀନରେ ଏହି ବ୍ୟବସାୟ ଦୀର୍ଘ ଦିନ କରିବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରିଥିବା ଜାଣିବାକୁ ମିଳିଛି। ଏହି ନିଶା ଶିରଫ ସରକାରୀ ବସ୍ ଷ୍ଟାଣ୍ଡ ବ୍ୟତୀତ ବିଭିନ୍ନ ସ୍ଥାନରେ ପୂଳା ପୂଳା ବୋତଲ ପଡ଼ିଥିବା ଦେଖିବାକୁ ମିଳିଥିଲା । ଯାହା ଫଳରେ ସହରରେ ନିଶାଡିଙ୍କ ପାଦୁର୍ଭାବ ବଢ଼ି ଚାଲିଛି । ଏହି ଖବର "ସଂଚାର" ରେ ପ୍ରକାଶିତ ହେବା ପରେ ରାଜ୍ୟ ଗୃହ ବିଭାଗ କେନ୍ଦ୍ରାପଡା ଏସପିଙ୍କୁ ତୁରନ୍ତ କାର୍ଯ୍ୟନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କେନ୍ଦ୍ରାପଡା ପୁଲିସ ତତ୍ପର ହୋଇ ବିଭିନ୍ନ ସ୍ଥାନରେ ନଜର ରଖିଥିଲା । ଆଜି ଅଚାନକ କେନ୍ଦ୍ରାପଡା ନୂତନ ବସ୍ ଷ୍ଟାଣ୍ଡ ନିକଟ ଗୋବରୀ ବାଇପାସ୍ ରୋଡ଼ ନିକଟ ଏକ ଗ୍ୟାରେଜରୁ କେନ୍ଦ୍ରାପଡା ସ୍ପେଶାଲସ୍କ୍ୱାର୍ଡ ଏବଂ ଡ୍ରଗସ୍ ଟିମ୍ ପକ୍ଷରୁ ଚଢାଉ କରି ଦୁଇ ପେଟି ବେଆଇନ୍ ନିଶା କଫଶୀରଫ ଓ ନଗଦ ୨୨ ହଜାର ଟଙ୍କା ଜବତ କରିବା ସହ ଗ୍ୟାରେଜ ମାଲିକଙ୍କୁ ଉଠାଇ ନେଇ ଅଧିକ ପଚରା ଉଚରା କରୁଥିବା ଜଣା ପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ଘର ଟାଉନ ଥାନା ଅଧୀନ ଦିଲାରପୁର ଅଞ୍ଚଳର ସେକ୍ ଚାନ୍ଦ ବୋଲି ଜଣାପଡିଛି ।

# 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ




**ପଟ୍ଟାମୁଣ୍ଡାଇ, ୧୮।୯ (ସଂଚାର ବ୍ୟୁରୋ):** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସକୁ ସାରା ରାଜ୍ୟରେ ଏକ ପେଡ ମା କେ ନାମ -୨ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବ୍ୟାପକ ବୃକ୍ଷରୋପଣ କରାଯାଇଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବ୍ୟାପକ ବୃକ୍ଷରୋପଣ କରାଯାଇଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଓ ମେଡିକାଲ ଅଫିସର ଡା ନିରାକାର ପରିଡା ଯୋଗ ଦେଇ ହସ୍ପିଟାଲ ପରିସରରେ ବୃକ୍ଷରୋପଣ କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଓ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଶ୍ରୀକାନ୍ତ ବାରିକ ବୃକ୍ଷରୋପଣ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡ଼ିଓ ଶୀତଲ ଅଗ୍ରୱାଲ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଂଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ।

ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଏମ ଏନ ହାଇସ୍କୁଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଓ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ଏମ ଏନ ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ସରକାରୀ ଅଫିସ ଦପ୍ତର, ବେସରକାରୀ ଅନୁଷ୍ଠାନ ପକ୍ଷରୁ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବ୍ୟାପକ ବୃକ୍ଷରୋପଣ କରାଯାଇଛି ।

## କ୍ରେଡିଟ କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ମେଧାବୀ ଛାତ୍ରୀଙ୍କୁ ସହାୟତା



**କେନ୍ଦ୍ରାପଡା,୧୮।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି(କେସିସିଏଲ)ର ମୁଖ୍ୟ କାର୍ଯ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ଜଣେ ମେଧାବୀ ଛାତ୍ରୀ ସୁଶ୍ରୀ ରଶ୍ମିତା ସ୍ୱାଇଁଙ୍କୁ ସମିତି ପକ୍ଷରୁ ସଭାପତି ପ୍ରମୋଦ କୁମାର ସାହୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଖବର ନେବାରେ ଜଣାପଡିଛି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ହରି ଅଙ୍କ ପଞ୍ଚାୟତର ଦକ୍ଷିଣଖଣ୍ଡ ଭୋଳ ନିବାସୀ ରମେଶ ଚନ୍ଦ୍ର ସ୍ୱାଇଁ ଓ ମା ପ୍ରମିଳା ସ୍ୱାଇଁଙ୍କ କନ୍ୟା ରଶ୍ମିତା ବର୍ତ୍ତମାନ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀର ପ୍ରଥମ ବର୍ଷରେ ଉଦ୍ଭିଦ ବିଜ୍ଞାନ ସମ୍ମାନ ଶ୍ରେଣୀରେ ଅଧ୍ୟୟନରତା। ଚଳିତ ଓଜେଇ ପରୀକ୍ଷାରେ ସେ କୃତିତ୍ୱର ସହ ଉନ୍ନୀତ ହୋଇ ବିଏସସି ନର୍ସିଙ୍ଗ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଚଳିତ ମାସ ୨୫ ତାରିଖ ସୁଦ୍ଧା କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ସରକାରୀ ନର୍ସିଙ୍ଗ କଲେଜରେ ନାମ ଲେଖାଇବା ପାଇଁ ଇଣ୍ଟିମେସନ ଲେଟର ଆସିଛି। ଏ ଖବର କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭର ସୋସାଇଟିର ସଭାପତି ପ୍ରମୋଦ କୁମାର ରାଉତ ଜାଣିବା ପରେ ଆଜି ସମିତିର ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକଙ୍କ ସମେତ ବହୁ କର୍ମଚାରୀଙ୍କ ଗହଣରେ ଏକ ନିରାଡ଼ମ୍ବର ଉତ୍ସବରେ ସଭାପତି ପ୍ରମୋଦ କୁମାର ସାହୁ ସୁଶ୍ରୀ ରଶ୍ମିତା ସ୍ୱାଇଁଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ଦଳିତ ମହିଳା ଜୀବିକା ହରାଇବା ଘଟଣା

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ




ନ୍ୟାୟ ଦେଇନଥିଲା ରାଜକନିକା ପୁଲିସ

ଥାନାଧିକାରୀଙ୍କୁ ବହିଷ୍କାର ଦାବି

**କେନ୍ଦ୍ରାପଡ଼ା,୧୮।୯(ସଂଚାର ବ୍ୟୁରୋ):** ନ୍ୟାୟ ନପାଇ ଜୀବିକା ହରାଇଥିବା ଦୁଇ ଦଳିତ ମହିଳା ଓ ସମାଜସେବୀ ସନ୍ଧ୍ୟାରାଣୀ ପଲାଇଙ୍କ ସମେତ ଶତାଧିକ ମହିଳା ଗୁରୁବାର ଜଜାଙ୍ଗସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି । ପ୍ରଥମେ ଥାନା ପରେ ଏସପି ଓ ଜିଲ୍ଲାପାଳଙ୍କ ପାଖରେ ଗୁହାରି କରି ସେଠାରୁ ନିରାଶ ହୋଇ ନିଜର ଜୀବିକା ହରାଇବା ପରେ ଶେଷରେ ବାଧ ହୋଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସି ରହିଛନ୍ତି । ସେମାନଙ୍କୁ ସମର୍ଥନ ଜଣାଇ ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ମହିଳା ଅନଶନସ୍ଥଳରେ ବସିରହିଛନ୍ତି ।

ଘଟଣା ଅନୁଯାୟୀ ଜଣେ ଦଳିତ ମହିଳା ଏକ କେବିନ ଭଡାଦେଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ଅନ୍ୟଜଣେ ଦଳିତ ମହିଳା ସେହି କେବିନରେ ଏକ ପାନ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଫଳରେ ଗୋଟିଏ କେବିନ ଦୁଇଟି ପରିବାରକୁ ପ୍ରତିପୋଷଣ କରିବାରେ ସହାୟକ ହୋଇଥିଲା । ହେଲେ ଗତ ଜୁଲାଇ ମାସ ୨୫ତାରିଖରେ ସେହି ଗ୍ରାମର ସୁମନ୍ତ ମଲିକ ଓ ତାଙ୍କ ବାପା ନିରଞ୍ଜନ ମଲିକ ଝରଣା ମଲିକଙ୍କ ଦୋକାନରୁ ସମସ୍ତ ଜିନିଷପତ୍ର ଚୋରିକରି ନେଇଥିଲେ। ଏସମ୍ପର୍କରେ ଖବର ପାଇ ଝରଣା ଚୋରି ହେଉଥିବା ଦେଖି ମଲ୍ଲି ମଲିକଙ୍କ ସହ ରାଜକନିକା ଥାନାକୁ ଯାଇ ଅଭିଯୋଗ କରିଥିଲେ। ହେଲେ ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ଘଟଣାକୁ ହାଲୁକା ଭାବେ ଗ୍ରହଣ କରି ଓଲଟା ମଲ୍ଲି ମଲିକ ଓ ଝରଣା ମଲିକଙ୍କୁ ଗାଳିଗୁଲଜ କରିଥିଲେ । ସେଠାରୁ ଦଳିତ ମହିଳା ଦୁଇଜଣ ନିରାଶ ହୋଇ ଫେରିବା ପରେ ଦେଖିଲେ ଦୋକାନରୁ ଚୋରି କରିନେଇଥିବା ବାପା ଓ ପୁଅ ଦୁଇଜଣ ସେହି ଦୋକାନ ଚାରିପଟେ ବାଡ ବୁଲାଇ ଦୋକାନ ଭିତରକୁ ଯିବା ବାଟକୁ ବନ୍ଦ କରି ଦେଇଛନ୍ତି । ପୁଲିସ ଅଭିଯୋକାରୀଙ୍କୁ ନ୍ୟାୟ ନଦେଇ ଅଭିଯୁକ୍ତଙ୍କୁ ଅଧିକ ଅପରାଧ କରିବା ପାଇଁ ସାହାସ ଦେଉଛନ୍ତି। ଏହାଦ୍ୱାରା ଅଭିଯୁକ୍ତମାନେ ସାହାସ ପାଇ ଅଭିଯୋଗକାରୀଙ୍କ ଉପରେ ଦାଉ ସାଧୁଛନ୍ତି । ଏସମ୍ପର୍କରେ ଦୁଇ ଦଳିତ ମହିଳା ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ବାରମ୍ବାର ଭେଟି ଅଭିଯୋଗ କରିବା ପରେ ସେଠାରୁ ମଧ ନ୍ୟାୟ ନପାଇ ନିରାଶ ହେବା ପରେ ଆଜି ବାଧ ହୋଇ କେନ୍ଦ୍ରାପଡା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।

ମହିଳା ଦୁହେଁ ଦାବି କରିଛନ୍ତି ଯେ ଅଭିଯୁକ୍ତ ବାପା ଓ ପୁଅଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଦୋକାନର କ୍ଷତିପୂରଣ, ସେମାନଙ୍କ ବିରୋଧରେ ହୋଇଥିବା ମିଥ୍ୟା ମକଦମାକୁ ପ୍ରତ୍ୟାହାର କରାଯିବା ସହ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହିତ ଚୋରାମଦ ବେପାରୀ, ବାଲି ମାଫିଆ, ଏବଂ କନିକା ଥାନା ଅଳରେ ଆତଙ୍କରାଜ ଚଳାଇଥିବା ଗୁଣ୍ଡା ବଦମାସଙ୍କ ପୃଷ୍ଠପୋଷକ ସାଜିଥିବା କନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ଚାକିରୀରୁ ତୁରନ୍ତ ବହିଷ୍କାର କରାଯାଉ ଓ ଗରିବ ଅନୁସୂଚିତ ଜାତିର ଦୁଇ ମହିଳାଙ୍କୁ ସାହାଯ୍ୟ କରୁଥିବା ନାରୀନେତ୍ରୀ ସନ୍ଧ୍ୟାରାଣୀ ପଲାଇଙ୍କୁ ଥାନାଧିକାରୀ ଶ୍ରୀ ମଲ୍ଲିକ ଥାନା ଭିତରେ ଆଶାଳୀନ ଭାଷା ପ୍ରୟୋଗ କରି ଗାଳିଗୁଲଜ କରୁଥିବା ସିସିଟିଭିର ଫୁଟେଜରୁ ସତ୍ୟାସତ୍ୟ ବାହାର କରାଯିବାକୁ ସେମାନେ ଦାବି କରିଛନ୍ତି ।



ବିଧାନସଭା ଅଧିବେଶନ ଆରମ୍ଭ ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀ

# ବୁଲା ଗୋରୁ ସମସ୍ୟାର ମୁକାବିଲା ପାଇଁ ଯୋଜନା

**ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ):** ନିରାପଦ ଯାତ୍ରା ଓ ସୁରକ୍ଷିତ ସଡ଼କ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ରାଜପଥ ଏବଂ ରାସ୍ତାଘାଟରେ ବୁଲୁଥିବା ଗାଈଗୋରୁଙ୍କ ସମସ୍ୟାର ସମାଧାନ ପାଇଁ ଓଡ଼ିଶା ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି କରିବା ସହିତ ମଣିଷ ଏବଂ ପଶୁ କଲ୍ୟାଣ ଉଭୟଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖିବ ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଲାଗି ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସ୍ତାରେ ବୁଲୁଥିବା ଗୋରୁ ସଡକ ସୁରକ୍ଷା ପାଇଁ ବିପଦର ବିଷୟ ପାଲଟିଛି, ଯାହା ଦୁର୍ଘଟଣା ଏବଂ ମୃତ୍ୟୁହାର କାରଣ ପାଲଟୁଛି। ବୈଠକର ବିବରଣୀରୁ ପ୍ରକାଶ, ଓଡ଼ିଶାରେ ସଡ଼କ ଦୁର୍ଘଟଣା ତଥ୍ୟ ରୁ ଜଣାଯାଇଛି ଯେ, ୨୦୨୨ ମସିହାରେ,



୯୫୨ ଦୁର୍ଘଟଣା ଏବଂ ୫୨୧ ମୃତ୍ୟୁ ରିପୋର୍ଟ କରାଯାଇଥିଲା; ୨୦୨୩ ମସିହାରେ, ୧,୧୬୮ ଦୁର୍ଘଟଣା ଏବଂ ୬୭୩ ମୃତ୍ୟୁ; ଏବଂ ୨୦୨୪ ରେ, ୯୦୩ ଟି ଦୁର୍ଘଟଣା ଏବଂ୫୩୭ ଜଣଙ୍କର ମୃତ୍ୟୁ ରାସ୍ତାରେ ଗାଈଗୋରୁଙ୍କ ବିଚରଣ ଯୋଗୁଁ ହୋଇଥିଲା। ଏହା ସହିତ, ୨୦୨୨ ରୁ ୨୦୨୫ (ଅଗଷ୍ଟ) ପର୍ଯ୍ୟନ୍ତ ୩୩୧ ପଶୁଙ୍କର ଯାନବାହନ ଧକ୍କା ଯୋଗୁଁ ମୃତ୍ୟୁ ହୋଇଥିଲା। ଏହି ପରିସଂଖ୍ୟାନ ସମନ୍ୱିତ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି।

ବୈଠକରେ ଚିହ୍ନଟ ହୋଇଥିବା ଜାତୀୟ ରାଜପଥର ଷ୍ଟ୍ରେଚଗୁଡ଼ିକୁ ନିକଟବର୍ତ୍ତୀ ପୌରାଞ୍ଚଳ ସହିତ ସଂଯୋଗ କରିବା ପାଇଁ ଏକ ମିଶନ-ମୋଡ୍ ରଣନୀତି ଉପରେ ଧ୍ୟାନ ଦିଆଯାଇଥିଲା ଯାହା ଦ୍ୱାରା ବିଦ୍ୟମାନ ଏବଂ ନୂତନ ଗୋଶାଳା ମାଧ୍ୟମରେ ଗୋ-ନିୟନ୍ତ୍ରଣ ଏବଂ ଆଶ୍ରୟସ୍ଥଳ ସୁନିଶ୍ଚିତ କରାଯାଇପାରିବ। ଆଲୋଚନାରେ ବୁଲା ପଶୁଙ୍କ ଉପସ୍ଥିତି ସହିତ ରାଜପଥରେ ଦୁର୍ଘଟଣା-ପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା, ବିଦ୍ୟମାନ ଗୋଶାଳାଗୁଡ଼ିକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ସହାୟତାରେ ଏନ୍‌ଜିଓମାନଙ୍କ ସହିତ ସେବା-ମୁଖୀ ସହଭାଗୀତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସଚେତନତା ଏବଂ ଦାୟିତ୍ୱବୋଧତାକୁ ବୃଦ୍ଧି କରିବା ପାଇଁ ପଶୁମାନେ ରାସ୍ତା ଅତିକ୍ରମ କରୁଥିବା ସ୍ଥାନରେ ବାଡ଼ ଦେବା ଏବଂ ନିୟନ୍ତ୍ରିତ ବ୍ୟବସ୍ଥା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ଏହି ପଦକ୍ଷେପ ପ୍ରଥମଥର ପାଇଁ ଏକ ସମନ୍ୱିତ ମଡେଲ, ଯେଉଁଥିରେ ପଶୁମାନଙ୍କ ପାଇଁ ବାଡ଼ ଦେବା, ସହଜରେ ରାସ୍ତା ପାର ପାଇଁ ବ୍ୟବସ୍ଥା କରିବା, ଜନତ ଏବଂ ଦଣ୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ, ଭ୍ରାମ୍ୟମାଣ ପଶୁଚିକିତ୍ସା ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହାୟତା, ରାସ୍ତାକଡ଼ରେ ଲୋକମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ରାସ୍ତାଗୁଡ଼ିକୁ ସମସ୍ତଙ୍କ ପାଇଁ ସୁରକ୍ଷିତ ରଖିବା। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଜୟ ଅମୃତ କୁଲାଙ୍ଗେ, ନିର୍ଦ୍ଦେଶକ, ପଶୁପାଳନ ଏବଂ ପଶୁଚିକିତ୍ସା ସେବା, ଜାତୀୟ ରାଜପଥ ଏବଂ ଓଡ଼ିଶା ପୋଲିସର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୟୁନିଟ୍-୨ରେ ରାଜଧାନୀ ପୁନଃବିକାଶ ପ୍ରକଳ୍ପ ବନ୍ଦ ଲାଗି ଅନୁରୋଧ

## ପରିବେଶ ସୁରକ୍ଷା ଏବଂ ବୃହତ୍ ଗଛ କାଟିବା ରୋକିବା

**ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ ପରିଷଦ ପ୍ରସ୍ତାବିତ ରାଜଧାନୀ ପୁନଃବିକାଶ ପ୍ରକଳ୍ପ ବିରୋଧରେ ଦୃଢ଼ ଆପତ୍ତି ପ୍ରକାଶ କରିଛି, ଯାହା ୫୦ ବର୍ଷରୁ ଅଧିକ ପୁରୁଣା ଲକ୍ଷାଧିକ ଗଛ କାଟିବା ଏବଂ ୟୁନିଟ୍-୨ରେ ୪୧୦ ସରକାରୀ କ୍ୱାର୍ଟର ଭାଙ୍ଗିବା ଦ୍ୱାରା ସହରର ପରିବେଶକୁ ଗୁରୁତର ଭାବେ କ୍ଷତିଗ୍ରସ୍ତ କରିବ। ନଗର ପୁନଃବିକାଶ ଲକ୍ଷ୍ୟରେ ଥିବା ଏହି ପ୍ରକଳ୍ପ ଅପୂରଣୀୟ ପରିବେଶଗତ କ୍ଷତିର ଆଶଙ୍କା ସୃଷ୍ଟି କରିଛି, ବିଶେଷକରି ଯେତେବେଳେ ଭୁବନେଶ୍ୱର ଗ୍ରୀଷ୍ମ ପ୍ରବାହ ଏବଂ ସହରାଞ୍ଚଳ ହିଟ୍ ଆଇଲ୍ୟାଣ୍ଡ ପ୍ରଭାବ ସହିତ ସଂଘର୍ଷ କରୁଛି। ୟୁନିଟ୍-୨ ସହରର "ଫୁସଫୁସ" ଭାବେ କାର୍ଯ୍ୟ କରେ, ଅମ୍ଳଜାନ ଯୋଗାଇଥାଏ ଏବଂ ତାପମାତ୍ରା ବୃଦ୍ଧିକୁ ହ୍ରାସ କରିଥାଏ, ଯେଉଁଥିରେ ୟୁନିଟ୍ ୨, ୯, ୮, ୬ ଏବଂ ୫ରେ ସବୁଜ ଆବରଣ କେନ୍ଦ୍ରିତ। ପରିଷଦ ଜୋର ଦେଇ କହିଛି ଯେ, ବିକାଶ ଆବଶ୍ୟକ ହେଲେ ମଧ୍ୟ ଏହା ପରିବେଶଗତ ଅବକ୍ଷୟର ମୂଲ୍ୟରେ ହେବା ଉଚିତ୍ ନୁହେଁ।

"ଆମେ ପୁନଃବିକାଶର ଆବଶ୍ୟକତାକୁ ବୁଝୁଛୁ, କିନ୍ତୁ ଏହା ପରିବେଶ ଧ୍ୱଂସ ଆଡ଼କୁ ନେଇ ଯିବା ଉଚିତ୍ ନୁହେଁ," ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟ କହିଛନ୍ତି। "ପ୍ରସ୍ତାବିତ ଗଛ କାଟିବା ସହରର ପରିବେଶକୁ ଗୁରୁତର ଭାବେ ପ୍ରଭାବିତ କରିବ, ବିଶେଷକରି ବର୍ତ୍ତମାନର ଜଳବାୟୁ ଚ୍ୟାଲେଞ୍ଜ ସମୟରେ। ଆମେ ସରକାରଙ୍କୁ ବିଦ୍ୟମାନ ବୃକ୍ଷ ଆବରଣ ସଂରକ୍ଷଣ ଏବଂ ଯୋଜନାରେ ସବୁଜ ସ୍ଥାନ ଅନ୍ତର୍ଭୁକ୍ତ କରି ସ୍ଥାୟୀ ବିକଳ୍ପ ଅନୁସନ୍ଧାନ କରିବାକୁ ଅନୁରୋଧ କରୁଛୁ।"ପ୍ରକଳ୍ପ ଆଗକୁ ବଢ଼ିବା ପୂର୍ବରୁ ବନ ବିଭାଗରୁ ଅନୁମତି, ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷରୁ ପରିବେଶ ମଞ୍ଜୁରୀ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ସ୍ଥାପନା ସମ୍ମତି ବାଧ୍ୟତାମୂଳକ। ଏହି ଅନୁରୋଧ ଓଡ଼ିଶାରେ ବିକାଶ ପ୍ରକଳ୍ପଗୁଡ଼ିକ ପାଇଁ ଲକ୍ଷାଧିକ ଗଛ କଟାଯିବା ଏବଂ ଅପର୍ଯ୍ୟାପ୍ତ କ୍ଷତିପୂରଣ ବୃକ୍ଷରୋପଣ ସମ୍ବନ୍ଧୀୟ ବୃହତ୍ତର ଚିନ୍ତା ସହିତ ସମାନ। ପରିଷଦ ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ମୁକାବିଲା କରିବା ପାଇଁ ସରକାରଙ୍କୁ ସ୍ଥାୟୀ ବିକାଶକୁ ପ୍ରାଥମିକତା ଦେବାକୁ ଅନୁରୋଧ କରୁଛି।

# ୧.୧୫ କୋଟି ଟଙ୍କାର ବେଆଇନ ସାମଗ୍ରୀ ଜବତ



**ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ):** ବେଆଇନ ନିଶା କାରବାର ବିରୋଧରେ ଚାଲୁଥିବା କଡ଼ା କାର୍ଯ୍ୟାନୁଷ୍ଠାନର ଅଂଶରୂପ, ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍‌ର ୧୭ତମ ଦିନରେ ମୋଟ ୧.୧୫ କୋଟି ଟଙ୍କାର ମୂଲ୍ୟର ବେଆଇନ ସାମଗ୍ରୀ ଜବତ ହୋଇଛି।

ମିଳିଥିବା ତଥ୍ୟ ଅନୁସାରେ, ଏହି ଅଭିଯାନ ୧୭ ତମ ଦିନରେ ୧୫୦ଟି ମାମଲା ରୁଜୁ ସହ ସମ୍ପୃକ୍ତ ୫୩ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଚଢ଼ାଉ ଦଳ ୯,୨୫୯ ଲିଟର୍ ବେଆଇନ ମଦ, ୨୭୭ ଲିଟର ଡ୍ୟୁଟି-ପେଡ୍ ଲିକର ଜବତ କରିବା ସହିତ ୯୪,୫୧୦ ଲିଟର୍ ପୋଚକୁ ନଷ୍ଟ କରିଛନ୍ତି। ଏଥି ସହିତ, ବେଆଇନ ପରିବହନ ପାଇଁ ବ୍ୟବହୃତ ୧୪ଟି ଯାନକୁ ଜବତ କରାଯାଇଛି।

ସେହିପରି ନିଷିଦ୍ଧ ନିଶା ଚୋରାଚାଲାଣ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଢ଼ାଉ ଦଳ ଏନଡିପିଏସ୍ ଆକ୍ଟରେ ୧୧ଟି କେସ୍ ରୁଜୁ ସହ ୧୪୩ କିଲୋଗ୍ରାମ୍ ଗଞ୍ଜେଇ ଓ ୧୬୭ ଗ୍ରାମ୍ ହେରୋଇନ୍ ଜବତ କରିଛନ୍ତି। ରାଜ୍ୟରେ ବେଆଇନ ମଦ ଏବଂ ନାରକୋଟିକ୍ସ ବ୍ୟବସାୟକୁ ନିୟନ୍ତ୍ରଣ କରିବାର ପ୍ରତିବଦ୍ଧତାକୁ ଦୋହରାଇ ଅବକାରୀ ବିଭାଗ ଏହି ଅବିରତ କାର୍ଯ୍ୟାନୁଷ୍ଠାନ ଜାରିରଖିଛି। ଚଳିତ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଚଢ଼ାଉ ଅଭିଯାନରେ ବହୁ ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ଜବତ ସହ ଅନେକଙ୍କୁ ଗିରଫ କରାଯାଇଛି । ଏହି ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ବେଆଇନ ନିଶା କାରବାରକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ସ୍ଥାନାନ୍ତର ହେବ ନାଟମଣ୍ଡପ ହୁଣ୍ଡି




**ପୁରୀ,୧୮।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ନାଟମଣ୍ଡପ ସ୍ଥିତ ହୁଣ୍ଡିକୁ ଠିକଣା ସ୍ଥାନକୁ ସ୍ଥାନାନ୍ତର ପ୍ରସ୍ତାବକୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି।

ଏଥି ସହିତ ନାଟମଣ୍ଡପରେ ଆଉ ଏକ ନୂତନ ହୁଣ୍ଡି ମଧ୍ୟ ସ୍ଥାପନ ସକାଶେ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ଏନେଇ ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଛି କ୍ଷଶ୍ରୀଜଗନ୍ନାଥ ମନ୍ଦିର ଆଇନ ଧାରା ୨୮ -ବି (୧) ଏବଂ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡି ତଥା ମୂଳପାଣ୍ଠି ଧାରା- ୧୯୮୩ ର ଧାରା ୩ ଅନୁସାରେ ଏହି ଅନୁମୋଦନ ପ୍ରଦାନ କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି।

# ମୋ ଯୁବ ମାରାଥନ ସଫଳ କରିବାକୁ ବୈଠକ

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମୋଦିଜୀଙ୍କ ଜନ୍ମଦିନକୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ 'ନମୋ ଯୁବ ମାରାଥନ' ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଅନେକ ସଂଖ୍ୟାରେ ଯୁବବର୍ଗଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଯୁବମୋର୍ଚ୍ଚା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆଜିର ଡିଜିଟାଲ ଯୁଗରେ ସାମାଜିକ ଗଣମାଧ୍ୟମ ସହ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କ ପ୍ରମୁଖ ଭୂମିକା ରହିଛି। 'ନମୋ ଯୁବା ମାରାଥନ'ର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଯୁବମୋର୍ଚ୍ଚା ପକ୍ଷରୁ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ସହ ନମୋ ଯୁବ ମାରାଥନର ପୋଷ୍ଟର ଉନ୍ମୋଚନ ହୋଇଯାଇଛି ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି। ଏହି ବୈଠକରେ ଯୋଗ ଦେଇ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି ଯେ ଯୁବ ମାରାଥନ ଜରିଆରେ ନିଶା ମୁକ୍ତ ଭାରତର ବାର୍ତ୍ତା ଦିଆଯିବ। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ମା' ମାତୃଭୂମି ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ଯୁବକଯୁବତୀ ଏହି ମାରାଥନ ସାମିଲ ହେବା ପାଇଁ ଶ୍ରୀ ମହାପାତ୍ର ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ହାସ୍ୟ ଅଭିନେତା ହରିହର ମହାପାତ୍ର, ଅଭିନେତ୍ରୀ ଅଙ୍କିତା ଦାଶ, ପ୍ରଶାନ୍ତ ନାୟକ, ପ୍ରକାଶ ସାହୁ, ଅମିତ କୁମାର ସିଂହ, ସୁବ୍ରତ ବିଶ୍ୱାଳଙ୍କ ସମେତ ଶତାଧିକ ଇନଫ୍ଲୁଏନ୍ସର ଯୋଗ ଦେଇଥିଲେ।

## ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବିଦ୍ୟା

# ୧୦ ସ୍କୁଲର ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଲାଭବାନ

**ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା ଜିଲ୍ଲାର କୁରାଲୋଇ ଅଞ୍ଚଳର ୧୦ଟି ସରକାରୀ ସ୍କୁଲର ୧୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତ କରି ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଗୁଣାତ୍ମକ ଶିକ୍ଷାକୁ ଆଗକୁ ବଢାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ପଦକ୍ଷେପ ଛାତ୍ର-ଶିକ୍ଷକ ଅନୁପାତକୁ ଉନ୍ନତକରିବା ସହ ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଭଳି ପ୍ରମୁଖ ବିଷୟଗୁଡ଼ିକରେ ଶିକ୍ଷଣ ଫଳାଫଳକୁ ସୁଦୃଢ଼ କରିବ, ଯାହା ୧୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲାଭ ପହଞ୍ଚାଇବ। ଖୈରକୁନି ହାଇସ୍କୁଲରେ ଅନୁଷ୍ଠିତ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ, ନୂତନ ଭାବରେ ନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁରାଲୋଇର ସରପଞ୍ଚ ସନାତନ ନାଏକ, ଏଜେକେଏ ପ୍ରତିନିଧି, ସମ୍ପ୍ରଦାୟ ନେତା, ହିତାଧିକାରୀ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।




ଏପ୍ରିଲ୍ ୨୦୨୫ରେ ଘୋଘରପାଲି ଏବଂ ଯାମକାନିର ୨୦ଟି ସ୍କୁଲରେ ୨୨ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପରେ ଏହି କାର୍ଯ୍ୟକ୍ରମ ଏବେ କୁରାଲୋଇ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ସୁଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ବିସ୍ତାରିତ ହେଉଛି। ଏହି ପଦକ୍ଷେପ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଆଶ୍ରମ ଏବଂ ଉଚ୍ଚ ବିଦ୍ୟାଳୟ ସମେତ ପିପିମାଲ, କୁରାଲୋଇ ଏବଂ ବଞ୍ଜାରୀ ପଞ୍ଚାୟତର ସ୍କୁଲଗୁଡ଼ିରେ ପହଂଚିବ। ଏହି ସମ୍ପ୍ରସାରଣ ସହିତ ବେଦାନ୍ତ, ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଝାରସୁଗୁଡାର ଅଧିକ ପିଲାଙ୍କୁ ଏକ ଉନ୍ନତ ଶିକ୍ଷାଗତ ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖିଛି।

# ପାର୍ବଣ ଋତୁ ପାଇଁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଏବଂ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା କରିବା ପାଇଁ ଭାରତୀୟ ରେଳବାଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପରିଚାଳନା କରିବ। ଝାନ୍ସୀ-ପୁରୀ-ଝାନ୍ସୀ ସାପ୍ତାହିକ ସ୍ୱତନ୍ତ୍ର (୦୧୯୨୯/୦୧୯୩୦) ଟ୍ରେନ ନମ୍ବର ୦୧୯୨୯ ଝାନ୍ସୀ-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ ୨୮.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଦିନ ୧୧:୫୫ ଘଣ୍ଟାରେ ଝାନ୍ସୀରୁ ଛାଡିବ। ଟ୍ରେନ ନମ୍ବର ୦୧୯୩୦ ପୁରୀ-ଝାନ୍ସୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ୨୯.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ଶନିବାର ଦିନ ୨୩:୪୫ ଘଣ୍ଟାରେ ପୁରୀରୁ ଛାଡିବ। ପୂର୍ବତଟ ରେଳପଥ ପରିସୀମାରେ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକର ରହଣି: ଭଦ୍ରକ, ଯାଜପୁର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଏବଂ ପୁରୀ। କୋଚ୍ ରଚନା: ୨ୟ ଏସି,୩ୟ ଏସି, ଶୋଇବା, ସାଧାରଣ, ଦ୍ୱିତୀୟ ଶ୍ରେଣୀ ଲଗେଜ୍ କମ ଡିଭିଆଙ୍ଗଜାନ୍ - ୨। ନାରଙ୍ଗୀ-ଏସଏମଭି ବେଙ୍ଗାଲୁରୁ-ନାରଙ୍ଗୀ (୦୬୫୬୦/୦୬୫୫୯) ଟ୍ରେନ ନମ୍ବର ୦୬୫୬୦ ନାରଙ୍ଗୀ - ଏସଏମଭି ବେଙ୍ଗାଲୁରୁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ୨୯.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ଶନିବାର ସକାଳ ୦୫:୩୦ ରେ ନାରଙ୍ଗୀରୁ ଛାଡିବ।

ଟ୍ରେନ ନମ୍ବର ୦୬୫୫୯ ଏସଏମଭି ବେଙ୍ଗାଲୁରୁ-ନାରଙ୍ଗୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ୨୫.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଦିନ ରାତି ୨୩.୪୦ ରେ ଏସଏମଭି ବେଙ୍ଗାଲୁରୁରୁ ଛାଡିବ। ପୂର୍ବ ତଟ ରେଳପଥ ପରିସୀମାରେ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକର ରହଣି: ଭଦ୍ରକ, କଟକ,

# ଘରୋଇ ସ୍କୁଲ ଡଷ୍ଟବିନରୁ ମୃତ ଶିଶୁ ଉଦ୍ଧାର

**ଭୁବନେଶ୍ୱର,୧୮।୯ (ସଂଚାର ବ୍ୟୁରୋ):** ଭିଏସଏସ ନଗରସ୍ଥିତ ଏକ ଘରୋଇ ସ୍କୁଲର ଡଷ୍ଟବିନରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି। ଘଟଣାସ୍ଥଳରେ ସହିଦନଗର ଥାନା ପୁଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। କିଏ ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟାଇଲା, ସେନେଇ ଖୋଳତାଡ଼ ଚାଲିଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୁଲିସ୍ ତଦନ୍ତ କରୁଥିବା ଜଣାପଡ଼ିଛି।

## ଦୁର୍ଘଟଣା ରୋକିବାକୁ ପରାମର୍ଶ

# ଆଇଆଇଟି ମାଡ୍ରାସ ନେବ ୧୧.୮୯ କୋଟି

**ଭୁବନେଶ୍ୱର, ୧୮। ୯:** ରାଜ୍ୟରେ ସଡକ ଦୁର୍ଘଟଣା ହ୍ରାସ ପାଇଁ ପରାମର୍ଶ ଦେବା ସକାଶେ ରାଜ୍ୟ ସରକାର ଆଇଆଇଟି ମାଡ୍ରାସକୁ ତିନି ବର୍ଷରେ ୧୧କୋଟି ୮୯ ଲକ୍ଷ ଟଙ୍କା ପ୍ରଦାନ କରିବେ। ବର୍ତ୍ତମାନ ସୁଦ୍ଧା ଏହି ସଂସ୍ଥା ସରକାରଙ୍କ ଠାରୁ ୩,୮୧,୭୨,୨୧୦ ଟଙ୍କା ନେଇ ସାରିଲାଣି।

ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ଯୋଜନା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ସଡକ ଦୁର୍ଘଟଣା ହ୍ରାସ ନିମନ୍ତେ ସଚେତନନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ ନିମନ୍ତେ ପରାମର୍ଶ ଦେବାପାଇଁ ୨୦୨୪ ମସିହାରେ ଆଇଆଇଟି ମାଡ୍ରାସ ସହିତ ତିନିବର୍ଷ ପାଇଁ ରାଜିନାମା ସ୍ୱାକ୍ଷର କରିଛନ୍ତି। ଏହି ରାଜିନାମା ଅନୁଯାୟୀ ଆଇଆଇଟି ମାଡ୍ରାସକୁ ସରକାର ମୋଟ୍ ୧୧.୮୯ କୋଟି ଟଙ୍କା ଦେବେ। ଏହାଛଡା ଆଇଆଇଟି ମାଡ୍ରାସର ଅଧିକାରୀମାନଙ୍କର ଓଡିଶାରେ ଯାତାୟତ, ରହଣୀ ଖର୍ଚ୍ଚ ଓ ସଡକ ସୁରକ୍ଷା କାର୍ଯ୍ୟକ୍ରମର ଆୟୋଜନ ଖର୍ଚ୍ଚ ଇତ୍ୟାଦି ରାଜ୍ୟ ସରକାର ବହନ କରିବେ।

ଆଇଆଇଟି ମାଡ୍ରାସକୁ ରାଜ୍ୟ ସରକାର ଇତି ମଧ୍ୟରେ ୩କୋଟି ୮୧ଲକ୍ଷ ୭୨ ହଜାର ଟଙ୍କା ପ୍ରଦାନ କରି ସାରିଲେଣି। ସଡକ ଦୁର୍ଘଟଣା ହ୍ରାସ ନିମନ୍ତେ ଆଇଆଇଟି ମାଡ୍ରାସର ପରାମର୍ଶ କ୍ରମେ ନିଆଯାଇଥିବା ପଦକ୍ଷେପଗୁଡିକର ପ୍ରଭାବରେ ଗତବର୍ଷ ଜୁଲାଇ ମାସ ତୁଳନାରେ ଚଳିତବର୍ଷ ଜୁଲାଇ ମାସରେ ୧୮ଟି କମ୍ ଦୁର୍ଘଟଣା ଘଟିଛି ଏବଂ ୭୬ଜଣ କମ୍ ଆହତ ହୋଇଛନ୍ତି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ସଡକ ଦୁର୍ଘଟଣା ସହିତ ତାଳ ଦେଇ ମୃତ ଓ ଆହତ ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୪ ମସିହାରେ ରାଜ୍ୟରେ ସଡକ ଦୁର୍ଘଟଣା ସଂଖ୍ୟା ୧୨ହଜାର ଅତିକ୍ରମ କରିଥିବାବେଳେ ଏଠିତରେ ୬୧୪୨ ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ୧୦ହଜାରରୁ ଅଧିକ ଲୋକ ଆହତହୋଇଛନ୍ତି। ସଡକ ଦୁର୍ଘଟଣାରେ ମୃତ୍ୟୁଜନିତ ବୃଦ୍ଧି ହାର ୭ ପ୍ରତିଶତକୁ ଅତିକ୍ରମ କରିଯାଇଛି। ସେହିଭଳି ଦୁର୍ଘଟଣା ଜନିତ ବୃଦ୍ଧି ମଧ୍ୟ ୩.୧୯ ପ୍ରତିଶତ ହୋଇଛି। (ତଥ୍ୟ)

## ବିଧାନସଭା ଖବର

# ଶିଳ୍ପସଂସ୍ଥାଙ୍କ ଉପରେ ୩୭୯୭ କୋଟିର ଜଳକର ବାକି

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ନଦୀରୁ ଜଳ ନେଇ କାରଖାନା ଚଳାଇବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇଥିବା ଶିଳ୍ପସଂସ୍ଥାଗୁଡିକ ଉପରେ ୩୭୯୭ କୋଟି ଟଙ୍କାର ଜଳକର ଅନାଦାୟେ ରହିଛି। ଆଜି ବିଧାନସଭାରେ ବିଜପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ, ୫୦ଗୋଟି ସଂସ୍ଥା ମହାନଦୀରୁ ଜଳ ନେଉଛନ୍ତି। ଏମାନେ ନେଉଥିବା ପ୍ରାୟ ୫୦୦ କ୍ୟୁସେକ ଜଳ ମଧ୍ୟରୁ ୪୪୬ କ୍ୟୁସେକ ଜଳ ବ୍ୟବହାର କରୁଛନ୍ତି। ତେବେ ଜଳ ନେଇଥିବା ସଂସ୍ଥାଗୁଡିକ ମଧ୍ୟରୁ କେତେକଙ୍କ ଉପରେ ୯୬୨ କୋଟି ୭୮ ଲକ୍ଷ ଟଙ୍କାର ଜଳକର ବାକି ପଡିଛି। ମହାନଦୀରୁ ଜଳ ନେଇ ବାକିଆ ଗଡୁଥିବା ସଂସ୍ଥା ମଧ୍ୟରେ ସମ୍ବଲପୁର ସ୍ଥିତ ଭୂଷଣ ପାୱାର ଓ ଷ୍ଟିଲ ଉପରେ ୨୪୪ କୋଟି ଟଙ୍କା ଥିବାବେଳେ, ପାରାଦୀପ ଠାରେ ଥିବା ଆର୍ସେଲର ମିତ୍ତଲ ନିପ୍ପନ ଉପରେ ୧୦୮ କୋଟି, ଝାରସୁଗୁଡାରେ ଥିବା ଓପିଜିସି ଉପରେ ୨୫ କୋଟି, ପିପିଏଲ୍ ଉପରେ ୪୫ କୋଟି, ସମ୍ବଲପୁର ଠାରେ ଥିବା ଭିରାଜ ଷ୍ଟିଲ୍ ଉପରେ ୯୮ କୋଟି, ଝାରସୁଗୁଡାର ବି ଆର ଷ୍ଟିଲ ଆଣ୍ଡ ପାୱାର ୨୨ କୋଟି ଟଙ୍କାର ଜଳକର ବାକି ରଖିଛି। ସେହିଭଳି ବୈତରଣୀରୁ ଜଳ ନେଇଥିବା ୧୭ଟି କମ୍ପାନୀ ମଧ୍ୟରୁ ୩ଟି କମ୍ପାନୀ ଉପରେ ୧ କୋଟିରୁ ସାମାନ୍ୟ ଅଧିକ ଜଳକର ଥିବାବେଳେ ବ୍ରାହ୍ମଣୀରୁ ପାଣି ନେଇଥିବା ୪୯ଟି ମଧ୍ୟରୁ ଅଧିକାଂଶ ଜଳକର ବାକି ରଖିଛନ୍ତି। ସେମାନଙ୍କ ଉପରେ ୮୨୨ କୋଟି ଟଙ୍କାରୁ ଅଧିକ ଜଳକର ବାକି ପଡିଛି। ଇନ୍ଦ୍ରାବତୀରୁ ଜଳ ନେଇଥିବା ଦୁଇଟି କମ୍ପାନୀ ଉପରେ ୯ କୋଟି ଟଙ୍କାର ଜଳକର ବାକିଆ ଥିବାବେଳେ କୋଲାବରୁ ଜଳ ନେଇଥିବା କମ୍ପାନୀ ଉପରେ ୧୫୦୯ କୋଟି, ନାଗାବଳୀରୁ ଜଳ ନେଇଥିବା କମ୍ପାନୀ ଉପରେ ୪୯୦ କୋଟି, ଋଷିକୂଲ୍ୟାରୁ ଜଳ ନେଇଥିବା କମ୍ପାନୀ ଉପରେ ୨କୋଟିରୁ ଅଧିକ ବାକିଆ ଗଡୁଛି। ମୁଖ୍ୟମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ ହେତୁ ଜଳ ପ୍ରବାହରେ ଅନିୟମିତତା ପରିଲକ୍ଷିତ ହେଉଛି । ଓଡିଶାରେ ଅବବାହିକାରେ ମୁଖ୍ୟତଃ ୧୧ଟି ନଦୀ ପ୍ରବାହିତ ହେଉଥିବାବେଳେ ଏଥିରେ ୭୫ ପ୍ରତିଶତ ନିର୍ଭରଯୋଗ୍ୟ ଜଳ ଅମଳ ଅନୁସାରେ ପ୍ରାୟ ୯୩,୪୧୬ ଏମସିଏମ ଆକଳନ କରାଯାଇଛି। ଏହିସବୁ ନଦୀ ଅବବାହିକାରେ ଥିବା ପ୍ରମୁଖ ନଦୀରୁ ଚାଷ ପାଇଁ ୨୪,୧୪୫ ଏମସିଏମ୍ ଜଳ ବ୍ୟବହାର କରାଯାଉଛି।

# ରାଜ୍ୟରେ ଉତ୍ପାଦନ ହେଉଛି ୩୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ

ରାଜ୍ୟରେ ଥିବା ୫୪ଟି ଛୋଟ ବଡ ଇସ୍ପାତ କାରଖାନାରୁ ବାର୍ଷିକ ପାଖପାଖି ୩୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ହେଉଥିବାବେଳେ ଏଥିରୁ ୧ ନିୟୁତ ଟନ୍ ଇସ୍ପାତ ବିଦେଶକୁ ରପ୍ତାନି ହେଉଛି। ରାଜ୍ୟ ଭିତରେ ୫.୭୩ ନିୟୁତ ଟନ୍ ଇସ୍ପାତ ବ୍ୟବହାର ହେଉଥିବାବେଳେ ରାଜ୍ୟ ବାହାରକୁ ୧୭ ନିୟୁତ ଟନ୍‌ରୁ ଅଧିକ ଇସ୍ପାତ ଯାଉଛି। ରାଜ୍ୟରେ ଇସ୍ପାତ ଉତ୍ପାଦନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ୫୪ଟି ଇସ୍ପାତ କାରଖାନାରୁ ଇସ୍ପାତ ଉତ୍ପାଦନ ହେଉଛି। ଏହିସବୁ କାରଖାନାରୁ ୨୦୨୨-୨୩ ରେ ୨୫.୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ ରେ ତାହା ୨୭.୩୧ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା ଏବଂ ୨୦୨୪-୨୫ ରେ ଏହା ପାଖପାଖି ୩୦ ନିୟୁତ ମେଟ୍ରିକ ଟନ୍ ରହିଛି। ସେହିଭଳି ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓଡିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୪୯ଟି କମ୍ପାନୀ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏଥି ମଧ୍ୟରୁ ୨୩ ଇସ୍ପାତ କମ୍ପାନୀ କାର୍ଯ୍ୟକ୍ଷମ ଥିବାବେଳେ ଗୋଟିଏ ଫେରୋଆଲଏଜ୍, ଗୋଟିଏ ପେଲେଟ୍ ଓ ୫ଟି ସ୍ପଞ୍ଜ ଲୁହା କାରଖାନା ଚାଲିଛି। ଅସ୍ଥାୟୀ ଭାବେ ୪ଟି କାରଖାନା କାର୍ଯ୍ୟକ୍ଷମ ହୋଇନଥିବାବେଳେ ୧୨ଟି ଇସ୍ପାତ କାରଖାନାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଚାରିଟି ଇସ୍ପାତ କମ୍ପାନୀ ଓଡିଶା ଛାଡିଛନ୍ତି। ଏହି ୪ଟି କମ୍ପାନୀ ମଧ୍ୟରେ ପୋସ୍କୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ରହିଛି ।

# ଅଦ୍ୟାବଧି ସ୍କ୍ରାପ୍‌ରେ ଯାଇ ୪୩୫୧ ଗାଡ଼ି

ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୪୩୫୧ଟି ଗାଡି ସ୍କ୍ରାପ୍ ହୋଇଛି । ରାଜ୍ୟରେ ଥିବା ୨ଟି ଗାଡି ସ୍କ୍ରାପ୍ କେନ୍ଦ୍ରରେ ଏହା ହୋଇଥିବା କହିଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଗାଡି ସ୍କ୍ରାପ୍ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇ ପରିବହନ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ଯାନବାହାନ ସ୍କ୍ରାପ୍ ନୀତି ୨୦୨୨ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଗାଡି ଗୁଡିକୁ ସ୍କ୍ରାପ୍ କରିବାପାଇଁ ୨ଟି କେନ୍ଦ୍ର ରହିଛି। ଏଥିରୁ ଗୋଟିଏ ଖୋର୍ଦ୍ଧା ଠାରେ ଥିବାବେଳେ ଅନ୍ୟଟି ଯାଜପୁର ଜିଲ୍ଲାର ଚଢେଇଧରା ଠାରେ ରହିଛି। ସେହିଭଳି ରାଜ୍ୟରେ ସ୍କ୍ରାପ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅଦ୍ୟାବଧି ୪୩୫୧ଟି ଗାଡି ସ୍କ୍ରାପ୍ କରାଯାଇଛି। ସରକାରୀ ଅନୁମୋଦିତ ସଂସ୍ଥା ବଦଳରେ କବାଡିଆମାନେ ପୁରୁଣା ଗାଡି ସ୍କ୍ରାପ୍ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜନୋ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ସାମ୍ବାଦିକଙ୍କୁ ପେନ୍‌ସନ ନିବେଦନ ପାଇଛନ୍ତି ସରକାର

ସାମ୍ବାଦିକମାନଙ୍କୁ ପେନସନ୍ ପ୍ରଦାନ ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁରୋଧପତ୍ର ସରକାରଙ୍କର ହସ୍ତଗତ ହୋଇଛି। ଏହାକୁ ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସାମ୍ବାଦିକମାନଙ୍କୁ ପେନ୍‌ସନ ପ୍ରଦାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ଅନ୍ୟ କେଉଁସବୁ ରାଜ୍ୟରେ ସାମ୍ବାଦିକମାନଙ୍କୁ କେତେ ପରିମାଣର ପେନ୍‌ସନ ପ୍ରଦାନ କରାଯାଉଛି ତାହାର ତଥ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପଲବ୍ଧ ନାହିଁ। ଓଡିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପେନ୍‌ସନ ପ୍ରଦାନ ବାବଦରେ ଆବାଶ୍ୟକୀୟ ନିଷ୍ପତ୍ତି ପରେ ଏ ବାବଦରେ କେତେ ଅର୍ଥ ବ୍ୟୟ ହେବ ତାହାର ଆକଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୧୯ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Friday 19 September 2025, Bhubaneswar

# ଚତୁର୍ଥ ସର୍ବବୃହତ୍ ଅର୍ଥନୀତିର ମାଇଲଷ୍ଟୋନ୍

ଭାରତ, ବିଶ୍ୱର ସବୁଠାରୁ ପୁରାତନ ସଭ୍ୟତାଗୁଡ଼ିକର ଏକ ଅଂଶ, ଆଜି ଆଧୁନିକ ଅର୍ଥନୀତିର କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଲେଖିଛି। ୨୦୨୫ ସୁଦ୍ଧା ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ସର୍ବବୃହତ୍ ଅର୍ଥନୀତି ହୋଇପାରିଛି। ଏହି ଉପଲବ୍ଧି କେବଳ ସଂଖ୍ୟାର ଖେଳ ନୁହେଁ, ବରଂ ଏକ ବିଶାଳ ଜନସଂଖ୍ୟାର ସ୍ୱପ୍ନ, ସଂଘର୍ଷ ଏବଂ ସମର୍ପଣର ଫଳ। ଅନ୍ତର୍ଜାତୀୟ ମୁଦ୍ରା କୋଷ (ଆଇଏମ୍ଏଫ୍) ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକର ରିପୋର୍ଟ ଅନୁଯାୟୀ, ଭାରତର ଜିଡିପି ପ୍ରାୟ ୪.୧୯ ଟ୍ରିଲିୟନ୍ ଡଲାର୍‌ରେ ପହଞ୍ଚିଛି, ଯାହା ଆମର ଅର୍ଥନୀତିକ ଶକ୍ତିର ପ୍ରମାଣ। ଏହି ସଫଳତା ଭାରତୀୟମାନଙ୍କ ପାଇଁ ଗର୍ବର ବିଷୟ ଏବଂ ବିଶ୍ୱକୁ ଏକ ନୂତନ ଦିଗ ଦେଖାଉଛି।




ଏହି ଉନ୍ନତିର ପଛରେ ଅନେକ କାରଣ ରହିଛି। ଗତ୍ କିଛି ଦଶନ୍ଧିରେ ଭାରତ ସରକାରଙ୍କ ନୀତିଗତ ସଂସ୍କାରଗୁଡ଼ିକ ଯେପରିକି ଜିଏସ୍‌ଟି, ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଅଭିଯାନ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ଉଦ୍ୟୋଗଗୁଡ଼ିକ ବିଦେଶୀ ନିବେଶକୁ ଆକର୍ଷିତ କରିଛି, ଉତ୍ପାଦନ କ୍ଷେତ୍ରକୁ ବଳିଷ୍ଠ କରିଛି ଏବଂ ଡିଜିଟାଲ୍ ଅର୍ଥନୀତିର ବିକାଶ ଘଟାଇଛି। ଉଦାହରଣ ସ୍ୱରୂପ, ଭାରତର ଆଇଟି ସେକ୍ଟର୍ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ବିଶ୍ୱସ୍ତରରେ ପ୍ରଶଂସିତ ହୋଇଛି। ଏହା ବ୍ୟତୀତ, କୃଷି, ସେବା ଏବଂ ଉତ୍ପାଦନ କ୍ଷେତ୍ରରେ ନିରନ୍ତର ବୃଦ୍ଧି ଏହି ମାଇଲଷ୍ଟୋନ୍‌କୁ ସମ୍ଭବ କରିଛି। କୋଭିଡ୍-୧୯ ମହାମାରୀ ପରେ ମଧ ଭାରତର ଅର୍ଥନୀତି ଦ୍ରୁତ ଗତିରେ ପୁନରୁଦ୍ଧାର ହୋଇଛି, ଯାହା ଆମର ସ୍ଥିରତାର ପ୍ରମାଣ। ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମନ୍ଦାବସ୍ଥାର ସମ୍ମୁଖୀନ ହେଉଥିବା ବେଳେ ଭାରତର ବୃଦ୍ଧି ହାର ୭%ରୁ ଅଧିକ ରହିଛି, ଯାହା ଆଶାବାଦୀ।

ଏହି ସଫଳତାର ପ୍ରଭାବ ଭାରତୀୟ ସମାଜର ପ୍ରତ୍ୟେକ ସ୍ତରରେ ଦେଖାଯାଉଛି। ଅଧିକ ରୋଜଗାର ସୁଯୋଗ, ଆୟ ବୃଦ୍ଧି ଏବଂ ଅବକାଠାମୋ ବିକାଶ ଯୋଗୁଁ ଲକ୍ଷ୍ୟାଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ମହିଳାମାନଙ୍କର ଅର୍ଥନୀତିକ ଭାଗିଦାରୀ ବଢ଼ିଛି, ଯୁବକମାନଙ୍କ ଉଦ୍ୟମଶୀଳତା ନୂତନ ଉଚ୍ଚତାରେ ପହଞ୍ଚିଛି। ବିଶ୍ୱ ମଞ୍ଚରେ ଭାରତର ଭୂମିକା ମଜବୁତ୍ ହୋଇଛି; ଜି-୨୦ ଏବଂ ବ୍ରିକ୍ସ୍ ପରି ସଂସ୍ଥାଗୁଡ଼ିକରେ ଆମର ନେତୃତ୍ୱ ସ୍ୱୀକୃତି ପାଇଛି। ଏହା କେବଳ ଆର୍ଥିକ ନୁହେଁ, ରାଜନୈତିକ ଏବଂ ସାଂସ୍କୃତିକ ପ୍ରଭାବ ବଢ଼ାଇଛି। ଉଦାହରଣ ସ୍ୱରୂପ, ଭାରତର ଅନ୍ତରିକ୍ଷ କାର୍ଯ୍ୟକ୍ରମ ଏବଂ ଭ୍ୟାକ୍ସିନ୍ ଡିପ୍ଲୋମାସି ବିଶ୍ୱକୁ ପ୍ରଭାବିତ କରିଛି।

ତଥାପି, ଏହି ଉନ୍ନତି ସତ୍ତ୍ୱେ ଚ୍ୟାଲେଞ୍ଜ୍‌ଗୁଡ଼ିକ ରହିଛି। ଆୟ ଅସମାନତା ଏକ ବଡ଼ ସମସ୍ୟା; ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନ ବଢ଼ୁଛି। ବେରୋଜଗାରୀ, ବିଶେଷକରି ଯୁବକମାନଙ୍କ ମଧ୍ୟରେ, ଏକ ଚିନ୍ତାର ବିଷୟ। ପରିବେଶ ସମ୍ବନ୍ଧୀୟ ସମସ୍ୟା ଯେପରିକି ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ଆମର ବୃଦ୍ଧିକୁ ପ୍ରଭାବିତ କରୁଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ ଆବଶ୍ୟକ, ଯାହା ଦୀର୍ଘକାଳୀନ ବୃଦ୍ଧିର ଆଧାର। ସରକାରଙ୍କୁ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ନୂତନ ନୀତି ଗ୍ରହଣ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ, ସ୍କିଲ୍ ଡେଭଲପ୍‌ମେଣ୍ଟ୍ ଏବଂ ଗ୍ରାମୀଣ ଅର୍ଥନୀତିର ବଳିଷ୍ଠତା ଉପରେ ଧ୍ୟାନ ଦେବା ଆବଶ୍ୟକ। ଭବିଷ୍ୟତରେ ଭାରତକୁ ତୃତୀୟ ସର୍ବବୃହତ୍ ଅର୍ଥନୀତି ହେବାକୁ ହେବ। ଏହା ପାଇଁ ନିରନ୍ତର ସଂସ୍କାର, ନବୀକରଣୀୟ ଉର୍ଜାର ବ୍ୟବହାର ଏବଂ ଅନ୍ତର୍ଭୂକ୍ତିମୂଳକ ବୃଦ୍ଧି ଆବଶ୍ୟକ। ଭାରତୀୟମାନେ ଏକତ୍ରିତ ହୋଇ ଏହି ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଏହି ଚତୁର୍ଥ ସ୍ଥାନ କେବଳ ଏକ ଆରମ୍ଭ; ଆଗକୁ ଆହୁରି ବଡ଼ ସ୍ୱପ୍ନ ଅଛି। ଆସନ୍ତୁ ଏହି ଉପଲବ୍ଧିକୁ ଉତ୍ସବ କରିବା ସହ ଭବିଷ୍ୟତର ନିର୍ମାଣରେ ଯୋଗଦାନ କରିବା।

# ମଣିପୁର ପାଇଁ ସର୍ବସମ୍ମତ ପନ୍ଥା ଜରୁରୀ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଜାତିଆଣ ଦଙ୍ଗାଗ୍ରସ୍ତ ସୀମାନ୍ତ ରାଜ୍ୟ ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବହୁ ଆକାଂକ୍ଷିତ ଗସ୍ତ ବହୁ ବିଳମ୍ବିତ ହେଲେ ବି, ସଂଘର୍ଷରତ ଦୁଇ ସମ୍ପ୍ରଦାୟ ମୈତ୍ରେଇ ଓ କୁକି ଜୋ ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦିପନା ସୃଷ୍ଟି କରିବାରେ ସହାୟକ ହେବା ଆଶା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଦଙ୍ଗାରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ହଜାର ହଜାର ଲୋକ ବାସହରା ହୋଇ ଶରଣାର୍ଥୀ ଶିବରରେ ସମୟ ଅତିବାହିତ କରୁଛନ୍ତି। କେବଳ ଏତିକି ନୁହେଁ, ସୀମାନ୍ତ ପାଡାଡିଆ ରାଜ୍ୟକୁ ଦୁଇଭାଗ କରିବା ସହ ଶାନ୍ତି ବ୍ୟାହତ ହୋଇଥିଲା ଶାସନ ବ୍ୟବସ୍ଥା ଏକ ପ୍ରକାର ଭୁଶୁଡି ପଡ଼ିଥିଲା। ଯାହାର ପରିଣତି ସ୍ୱରୁପ କେନ୍ଦ୍ର ସରକାର ଗଲା ଫେବୃୟାରୀ ମାସରେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରିବା ସହ ବିଧାନସଭାକୁ ସସ୍‌ପେଣ୍ଡ ରଖିବାକୁ ବାଧ ହୋଇଥିଲେ। ଏହା ନିସନ୍ଦେହ ଯେ, ପ୍ରଧାନମନ୍ତ୍ରୀ ଗସ୍ତ ବହୁ ବଳିମ୍ବିତ ହୋଇଥିବା ନେଇ ହେଉଥିବା ଅଭିଯୋଗରୁ ଅସ୍ୱୀକାର କରାଯାଇନପାରେ। ଦଙ୍ଗାର ୮୬୪ ଦିନ ଅର୍ଥାତ ପ୍ରାୟ ୨୮ମାସ ପରେ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ପ୍ରଧାନମନ୍ତ୍ରୀଙ୍କୁ ସଡକ ପଥରେ ଯିବାକୁ ପଡ଼ିଥିଲା। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଦୁଇଟି ପୃଥକ ପୃଥକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସହ ୭୦୦୦କୋଟି ଟଙ୍କାର ପ୍ରକଳ୍ପ ଭେଟିଦେଇଛନ୍ତି। ଆହୁରି ମଧ ଶରଣାର୍ଥୀ ଶିବିରରେ ଥିବା ପିଡିତମାନଙ୍କୁ ଭେଟିଥିଲେ। ପ୍ରଧାାନମନ୍ତ୍ରୀ କୁକି-ଜୋ ବହୁଳ ଅଞ୍ଚଳ ଚୁରଚାନ୍ଦପୁର ଏବଂ ମୈତ୍ରେଇ ବହୁଳ ଇମ୍ଫାଲରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ହିଂସାକାଣ୍ଡକୁ ଦୁର୍ଭାଗ୍ୟ ଜନକ ଏବଂ ମଣିପୁର ହେଉଛି ଦେଶର ମଣି ଓ ଇମ୍ଫାଲ ସମ୍ଭାବନାର ସହର ବୋଲି ବର୍ଣ୍ଣନା କରିଥିଲେ। ମଣିପୁରର ବିକାଶ ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇଦେବେ ବୋଲି ପିଡିତ ରାଜ୍ୟବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ତାଙ୍କ ସରକାର ସମସ୍ତ ପ୍ରକାରର ପ୍ରୟାସ ଜାରି ରଖିବେ ଏବଂ ଏଥିରେ ସେ ଉଭୟ ସମ୍ପ୍ରଦାୟର ସହଯୋଗ କାମନା କରିଛନ୍ତି। ଏହା ନିସନ୍ଦେହ ଯେ, ଦଙ୍ଗାଗ୍ରସ୍ତ ମଣିପୁରରେ ମୁଖ୍ୟମନ୍ତ୍ରୀ ପଦରୁ ବିରେନ ସିଂହଙ୍କ ଇସ୍ତଫା ଓ ରାଷ୍ଟ୍ରପତି ଶାସନ ଜାରି ପରେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଏବଂ କୁକି ଜୋ ମଧ୍ୟରେ ହିଂସାକାଣ୍ଡ, ପୋଡାଜଳା ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଏବଂ ଦୁଇ ସମ୍ପ୍ରଦାୟ ମଧ୍ୟରେ ଆଲୋଚନା ନିଶ୍ଚିତ ଭାବେ ଶାନ୍ତି ପ୍ରତିଷ୍ଠା ଦିଗରେ ସମୟୋଚିତ ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଦୁଇ ପ୍ରଭାବାଳୀ ସମ୍ପ୍ରଦାୟ ମଧ୍ୟରେ ହିଂସାତ୍ମକ ବିବାଦ ଯୋଗୁଁ ସମଗ୍ର ମଣିପୁର ଦୁଇଭାଗରେ ପରିଣତ ହୋଇଛି। ମୈତ୍ରେଇ ବହୁଳ ଉପତ୍ୟକା ଓ କୁକି-ଜୋ ବହୁ, ପାର୍ବତ୍ୟାଚଂଳ ମଧ୍ୟରେ ସେତୁ ବନ୍ଧନ ଏବେ ଆଦୌ ସହଜ ନୁହେଁ। ରାଜ୍ୟର ବିଭାଜନକୁ ମୈତ୍ରେଇ ସଂଗଠନ ଦୃଢ଼ ବିରୋଧ କରୁଥିବା କୁକି-ଜୋ ସ୍ୱତନ୍ତ୍ର ପାର୍ବତ୍ୟଚଂଳ ଶାସନ ଗଠନ ଦାବିରେ ଅଟଳ ରହିଛି। କୌଣସି ପରିସ୍ଥିତିରେ ଗୋଟିଏ ଛାତ ତଳେ ରହିବ ଆଉ ସମ୍ଭବ ନୁହେଁ ବୋଲି କୁକି-ଜୋ କହିଛି। ଦୁଇ ସମ୍ପ୍ରଦାୟ ମଧ୍ୟରେ ଅଗଣିତ ସିଭିଲ ସୋସାଇଟ ଏବଂ ସଶସ୍ତ୍ର ଗୋଷ୍ଠୀ ରହିଛନ୍ତି। ସେମାନଙ୍କର ମତାମତ ମଧ ଭିନ୍ନଭିନ୍ନ। ଉଦାହରଣ ସ୍ୱରୁପ, ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଅବ୍ୟହିତ ପୂର୍ବରୁ ଦୁଇ କୁକି-ଜୋ ବିଦ୍ରୋହୀ ଗୋଷ୍ଠୀ ସହ ସସ୍‌ପେନସନ୍ ଅଫ ଅପରେସନ ଚୁକ୍ତିର ସମ୍ପ୍ରସାରଣ ଓ ଜାତୀୟ ରାଜପଥ-୨ ଖୋଲିବା ପାଇଁ କେନ୍ଦ୍ର ରାଜ୍ୟ ସହ ଏକ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଯାହା ଏକ ସକାରାତ୍ମକ ପଦକ୍ଷେପ ଥିବ ସତ୍ତ୍ୱେ ମୈତ୍ରେଇ ସିଭିଲ ସୋସାଇଟ ସିଓସିଓଏମଆଇ ଦୃଢ଼ ଭାବେ ବିରୋଧ କରିଛି। ଏହା ନିଶ୍ଚିତ ଯେ, ମଣିପୁରର ଭୌଗୋଳିକ ଅଖଣ୍ଡତା, ସହଂତି ଅକ୍ଷୁର୍ଣ୍ଣ ଦିଗରେ ଏକ ସକରାତ୍ମକ ଏବଂ ସମୟୋଚିତ ପଦକ୍ଷେପ। କିନ୍ତୁ କୁକି-ଜୋ ଗୋଷ୍ଠୀ ଏକ ସ୍ୱତନ୍ତ୍ର ପ୍ରଶାସନ ଦାବି କରୁଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ତାଙ୍କୁ ୭ଜଣ ବିଜେପି ବିଧାୟକଙ୍କ ସମେତ ୧୦ଜଣ କୁକି-ଜୋ ବିଧାୟକ ଭେଟି ସ୍ୱତନ୍ତ୍ର ବିଧାନସଭା ସହ ପୃଥକ କେନ୍ଦ୍ରଶାସିତ ଅଞ୍ଚଳ ଗଠନ ଦାବି କରିଥିଲେ। ଏ ନେଇ ଏକ ରାଜନୈତିକ ସ୍ମାରକ ପତ୍ର କୁକି-ଜୋ ପ୍ରଧାନମନ୍ତ୍ରୀ ପ୍ରଦାନ କରିଛି। ମୈତ୍ରେଇ ସିଭିଲ ସୋସାଇଟି ସିଓସିଓଏମଆଇ ଏବଂ ଅନ୍ୟ ବହୁ ମୈତ୍ରେଇ ସଗଠନ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ଏପରିକି ସେମାନେ କୁକି-ଜୋ ର ବିଦ୍ରୋହୀ ଗୋଷ୍ଠୀ ସହ ରାଜିନାମାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଏକ ଛକାପଞ୍ଝା ପରିସ୍ଥିତିରେ ମଣିପୁରର ବିକାଶ ଆଦୌ ସମ୍ଭବ ନୁହେଁ ଏବଂ ଆଶା କରିବା ମରିଚିକା ସଦୃଶ ହେବ। ଉଭୟ ସମ୍ପ୍ରଦାୟ ସହ ବିସ୍ତୃତ ଆଲୋଚନା ହେଉଛି ଏକ ମାତ୍ର ପନ୍ଥା। ସମସ୍ତ ଗୋଷ୍ଠୀର ଦାବି ଉପରେ ଆଲୋଚନାର ଆବଶ୍ୟକତା ରହିଛି। ସେହିପରି ମଣିପୁର ଏକ ସୀମାନ୍ତ ରାଜ୍ୟ ହୋଇଥିବାରୁ ବିଶୃଙ୍ଖଳାକାରୀ ବିଦେଶ ଶକ୍ତି ଗୋଳିଆ ପାଣିରୁ ମାଛ ଧରିବା ପାଇଁ ପ୍ରୟାସ କରିପାରନ୍ତି। ତେଣୁ ମଣିପୁର ରାଜ୍ୟ ମଧ୍ୟରେ ପାର୍ବତ୍ୟାଚଂଳରେ ଏକ ସ୍ୱୟଂଶାସିତ ପରିଷଦ ଗଠନ ସମାଧାନ ପନ୍ଥା ହୋଇପାରିବ। ସେହିପରି ଅଶାନ୍ତ ମଣିପୁରରେ ଶାନ୍ତ, ସଂହତି ଓ ସ୍ଥିରତା ବଜାୟ ରଖିବା ଲାଗି କେନ୍ଦ୍ର ସରକାର ଏକ ବ୍ୟାପକ ଗ୍ରହଣୀୟ ପନ୍ଥା ପାଇଁ ଉଦ୍ୟମ କରିବା ଆବଶ୍ୟକ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩**

# କୃଷି ସମୃଦ୍ଧ ଯୋଜନାରେ ଆଗେଇବ ରାଜ୍ୟର କୃଷି ପ୍ରଗତି



**ହୃଶିକେଷ ପୁହାଣ**



ଓଡ଼ିଶା ଏକ ପ୍ରବଣ ଓ ଚାଷ ବାସ ହିଁ ଓଡ଼ିଶାବାସୀଙ୍କ ମୁଖ୍ୟ ଜୀବନ ଜୀବିକା ରୋଜିରୋଟି ଓ ଅର୍ଥନୀତି। ଅନେକ ହୁଏତ ଜାଣିନଥିବେ ଆମ ଚାଷୀ ପୁଅମାନେ ହେଉଛନ୍ତି ସମଗ୍ର ଓଡ଼ିଶା ଜନସଂଖ୍ୟାର ବଡ଼ ଓ ମୁଖ୍ୟ ଆଧାର। ପରିସଂଖ୍ୟାନରୁ ଜଣାଯାଇଛି ମୋଟ ଶ୍ରମ ଶକ୍ତିରୁ ପାଖାପାଖି ୫୦% କେବଳ କୃଷି ଓ ଏହି ଚାଷବାସ ସମ୍ପର୍କିତ ହିଁ ଆୟ ହୋଇଥାଏ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ନେବାପରେ ଓଡ଼ିଶାବାସୀଙ୍କ ମୁଖ୍ୟ ଅବଲମ୍ବନ କୁହାଯାଉଥିବା କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦିନଥିଲା ବନ୍ୟା, ବାତ୍ୟା, ମରୁଡ଼ି, ପ୍ରାକୃତିକ ବିପର୍ଯ୍ୟୟ ଓ ତତ୍ ଜନିତ କ୍ଷୟକ୍ଷତିକୁ ନେଇ ଚାଷୀ ଆତ୍ମହତ୍ୟା ଉଦବେଗଜନକ ହୋଇପଡୁଥିଲା ତେବେ ସେ ସମୟ ଆଉ ନାହିଁ। ବର୍ତ୍ତମାନର ମୋହନ ସରକାର କୃଷି ନୀତିକୁ ସଂଗଠିତ କରି ଏହାକୁ ଯୋଜନାବଦ୍ଧ ଭାବରେ ତ୍ୱରାନ୍ୱିତ କରିବା ସହ ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଓ ଡିଜିଟାଇଜେସନ ଭଳି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ଓଡ଼ିଶାରେ କୃଷି କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହେବା ସହ ଉଲ୍ଲେଖନୀୟ ଭାବେ କେବଳ ଅଭିବୃଦ୍ଧି ହୋଇନାହିଁ ବରଂ ସମଗ୍ର ଭାରତକୁ ଏବେ କୃଷି ଉତ୍ପାଦନ ଭିତ୍ତିକ ରାଜ୍ୟ ଭାବେ ଏବଂ ରେକର୍ଡ଼ ସଂଖ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରି ଓଡ଼ିଶା ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ଓଡ଼ିଶାର ଚାଷବାସ ଭିତରେ ମୁଖ୍ୟତଃ ହେଉଛି ଧାନ ଚାଷ। ତେଣୁ ସରକାର ଇନପୁଟ ସବସିଡି ତୁରନ୍ତ ପ୍ରଦାନ କରି ଚାଷୀକୁ ଆଗେଇବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି।

ମୋହନ ସରକାରଙ୍କ ଡବଲ ଇଞ୍ଜିନ ସରକାରର ଚାଷୀ ନୀତି ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମୃଦ୍ଧ କୃଷକ ଯୋଜନା। ଏହି ଯୋଜନା ଦ୍ୱାରା ଓଡ଼ିଶାର ଚାଷୀପୁଅମାନଙ୍କ ଠାରୁ ପ୍ରତି କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମଏସପି ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି। ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ଖାଦ୍ୟଥାଳିରେ ପୁଷ୍ଟିଶସ୍ୟର ପୁନରଉଦ୍ଧାର ନିମିତ୍ତ ସରକାର ନୂତନ ଭାବେ ଶ୍ରୀ ଅନ୍ନ ଅଭିଯାନ ଆରମ୍ଭ କରିଛନ୍ତି। ସୂଚନାଥାଉକି ରାଜ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିବା ଏହି ଯୋଜନାଟି ତମାମ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି। ସରକାର ଚାଷୀପୁଅକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ସେମାନଙ୍କ ସହାୟତା ନିମିତ୍ତ ପ୍ରତି କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କ୍ୱିଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନ କରି ମାଣ୍ଡିଆ କ୍ରୟ କରୁଛନ୍ତି। ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି।

ସରକାର କୃଷି କ୍ଷେତ୍ର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା କୃଷି ଉତ୍ପାଦନ ଓ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲ୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାର ପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧ୍ୟାନ ଦିଆଯାଇଛି। ଏହାର ସୁଫଳ ଚାଷୀପୁଅମାନେ ପାଉଛନ୍ତି ଯାହାଦ୍ୱାରା କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦ କିଲୋୱାଟ ହେକ୍ଟରରେ ପହଞ୍ଚିଛି। ସରକାର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ରଖିଛନ୍ତି ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ / ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି।

କୃଷି ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ନିମିତ୍ତ ଲୋକପ୍ରିୟ ମୋହନ ସରକାର କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସିଏସ) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ଏହାର ସୁଫଳ ସ୍ୱରୂପ ୧୬ ଜିଲ୍ଲାର ୧୦୦ଟି ବ୍ଲକରେ ୨୫୮୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି। କେବଳ ସେତିକି ନୁହେଁ ଉତ୍ପାଦକ ଗୋଷ୍ଠୀର ଚାଷୀ ମାନଙ୍କ ଦ୍ୱାରା ୧୧୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାର ଚାଷୀପୁଅଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମିତ୍ତ ସେମାନଙ୍କୁ ବ୍ୟାଙ୍କିଙ୍ଗ ସହାୟତାର ବ୍ୟବସ୍ଥା କରିବା ସହ କୃଷି ବିଭାଗ ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛି ଏବଂ ଆନ୍ତର୍ଜାତିକ ସହଯୋଗ ଅନୁଷ୍ଠାନର ମିଳିତ ଉଦ୍ୟୋଗରେ ଉନ୍ନତ କୃଷିଯନ୍ତ୍ରପାତି, ଉପକରଣ ଓ ଆନୁସଙ୍ଗିକ ସହାୟକ ଉପକରଣ କିଣିବା ପାଇଁ ସହଯୋଗ ପ୍ରଦାନ କରାଯାଉଛି। ସରକାର ସହରାଞ୍ଚଳରେ ବାସ କରୁଥିବା ଚାଷ କ୍ଷେତର ଚଷାପୁଅଙ୍କ ପାଇଁ ସିଏମ କିଶାନ ଯୋଜନା ପ୍ରକଳ୍ପ ହାତକୁ ନେଇ ସେମାନଙ୍କ ପାଇଁ ସାମଗ୍ରିକ ସହାୟତା କରୁଛନ୍ତି ଓ ସେମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ କିଣିବା ସହ ବିପର୍ଯ୍ୟୟ ସମୟରେ ସେମାନଙ୍କର ଚାଷ କ୍ଷୟକ୍ଷତି ଜନିତ କଷ୍ଟକୁ ଲାଘବ କରିବା ପାଇଁ ସହଯୋଗ ରାଶି ପ୍ରଦାନ କରିଥାଏ। ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ବିଶେଷକରି ରବି ଋତୁରେ ଜଳସେଚନ ସୁବିଧା ନଥିବାରୁ ଫସଲ ପ୍ରସ୍ତୁତି ଓ ଉତ୍ପାଦନ କଷ୍ଟକର ହୋଇଥାଏ। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ନୂତନ ଭାବେ ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମିତ୍ତ 'ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ' ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମିତ୍ତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ପଦକ୍ଷେପ ହେଉଛି ଲୋକପ୍ରିୟ ମୋହନ ସରକାର ଅମୃତ ଅନ୍ନ ଯୋଜନା ହାତକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ପ୍ରସ୍ତୁତି ତଥା କୋଠଭୋଗ ଓ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତି ପାଇଁ ଜୈବିକ ପ୍ରଣାଳୀ ଧାନ ଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ଚାଷୀ ପୁଅ ତାର ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ କରି ରଖିବା ପାଇଁ ଶୀତଳ ଭଣ୍ଡାର ଉପରେ ନିର୍ଭରଶୀଳ ଥିବାରୁ ଏହି ବ୍ୟବସ୍ଥାକୁ ସୁଦୃଢ଼ ଓ ଯୋଜନାବଦ୍ଧ କରି ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ଘରୋଇ ସହଯୋଗରେ ପ୍ରତିଷ୍ଠାର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଦ୍ୱାରା ଯୁବ ଉଦ୍ୟୋଗୀ ବା ଯୁବଚାଷୀମାନେ ଚାଷବାସ ପ୍ରତି ଆଗ୍ରହ ବଢ଼ାଉଛନ୍ତି ଏବଂ ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛନ୍ତି।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଏପରି ଏକ ଚାଷୀ ଅନୁକୂଳ ଓ ଚାଷୀ ଅର୍ଥନୀତିକୁ ସୁଦୃଢ଼ କରୁଥବା ବିଶାଳ କାର୍ଯ୍ୟକ୍ରମ ସରକାରଙ୍କ ଏହି ବଡ଼ ଯୋଜନାରେ ଚାଷୀ ଓ ଏହି ସମ୍ପର୍କିତ ଉଦ୍ୟୋଗ ପ୍ରତିଷ୍ଠା ନିମିତ୍ତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ରହିଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତ ବିକାଶର ମୂଳକେନ୍ଦ୍ର ଓଡ଼ିଶା ହୋଇଥିବାରୁ ଏବଂ ବିକଶିତ ଓଡ଼ିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ନିମିତ୍ତ ବିଶେଷକରି ଓଡ଼ିଶାରେ କୃଷି ପ୍ରଗତିକୁ ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ କୃଷି ଅର୍ଥନୀତିର ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ କରିଛନ୍ତି ସେ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

**ଥାଇଲୋ, ଅଲିକଣ୍ଡା, ବାଲିକୁଦା, ଜଗତସିଂହପୁର-୭୫୪୧୦୮
ମୋବାଇଲ୍: ୭୦୦୮୪୩୮୯୫୯**

# ଦିନକୁ ଖାଉଛି ଷାଠିଏ ପଉଟି ବୁଦ୍ଧି ହେଲା ତାର ବାମ
# ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ



**ପୁଷ୍ପମିତ୍ର ମହାପାତ୍ର**

ବ୍ରହ୍ମ ଶବ୍ଦ ଏକ ବ୍ୟାପକ ଶବ୍ଦ ଅଟେ। ଯାହାର ରୂପ-ବର୍ଣ୍ଣ-ଦୀର୍ଘତା ମାପିବା ଏକ ଧୃଷ୍ଟତା ମାତ୍ର। ବ୍ରହ୍ମ ଶବ୍ଦ ଯୋଗରୁ ସ୍ୱୟଂବ୍ରହ୍ମ, ପରଂବ୍ରହ୍ମ, ଦାରୁବ୍ରହ୍ମ, ଶବ୍ଦବ୍ରହ୍ମ, ଶୂନ୍ୟ ବ୍ରହ୍ମ, ଅନ୍ନ ବ୍ରହ୍ମ ଅକ୍ଷର ବ୍ରହ୍ମ ଏବଂ ଅଲେଖ ବ୍ରହ୍ମ ଇତ୍ୟାଦି ପରିବ୍ୟାପକ ଶବ୍ଦ ସୃଷ୍ଟି କରାଯାଇଅଛି। ସ୍ୱୟଂବ୍ରହ୍ମ ଶବ୍ଦ ନିଜର ଆତ୍ମା ସମ୍ପର୍କରେ ବର୍ଣ୍ଣନା କରାଯାଇଅଛି। ପରଂବ୍ରହ୍ମ ଶବ୍ଦ ପରମେଶ୍ୱରଙ୍କ ଚିନ୍ତା ଚୈତନ୍ୟତା ଭାବଧାରାର ସମ୍ବଳିତ ଅଟେ। ଉକ୍ତ ଶବ୍ଦ ମଧ୍ୟରେ ଭରି ରହିଛି ମାଧୁର୍ଯ୍ୟତା ଓ ଭକ୍ତିମିଶ୍ରିତ ରସର ଆସ୍ୱାଦନତା। ପ୍ରଭୁ ଭକ୍ତିର ମଧୁରତା। ରୋଗୀ, ଭୋଗୀ, ବୈରାଗୀ ଯିଏ ହେଉନା କାହିଁକି ଯେ, ଯେପରି ଭାବରେ ସାନ୍ନିଧ କାମନା କରୁଛି ଦୟାର ସାଗର ଦାରୁବ୍ରହ୍ମ ମୂରତି ଅଚିରେ ତାହା ପୂରଣ କରିଥାନ୍ତି।

'ସର୍ବେଷାଂ ସର୍ବକ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ। ସର୍ବେଷାଂ ସର୍ବଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ।' ପୃଥିବୀର ସମସ୍ତ କ୍ଷେତ୍ର ଓ ତୀର୍ଥମାନଙ୍କର ରାଜା ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ହେଲା ବେଳେ ସମସ୍ତ ଦେବତାଙ୍କ ରାଜା ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଅଟନ୍ତି। କଳିଯୁଗର ଆରାଧ ଦେବତା ଶ୍ରୀଜଗନ୍ନାଥ ଯେଉଁ ଧାମରେ ବିରାଜମାନ କରନ୍ତି ତାହା ଭୋଗର କ୍ଷେତ୍ର ଅଟେ। ଭୋଗ ଏକ ବହ୍ୱର୍ଥକ ଶବ୍ଦ ଯାହାର ଅର୍ଥ - ନୈବେଦ୍ୟ, ଆହାର, ମଣୋହି, ଭକ୍ଷଣ, ଫଳ, ଅର୍ଥ, ଦୁଃଖସୁଖାଦିର ଅନୁଭବ, ବିଳାସ, ସ୍ତ୍ରୀ ସମ୍ଭୋଗ, ପ୍ରାରବ୍ଧ, ସର୍ପର ଫଣା, ପାପ ଓ ପୁଣ୍ୟର ଫଳ ଯାହା ସହନ କରାଯାଏ, ଆୟୁ, ଘର, ପୁର, ଧନ, ଅଧିକାର, ମାନ, ପରିମାଣ ଆଦି। ଏଠାରେ ଭୋଗର ନୈବେଦ୍ୟ, ମଣୋହି, ଆହାର, ଭକ୍ଷଣ ଆଦି ଅର୍ଥର ପ୍ରାସଙ୍ଗିକତା ରହିଛି। ପ୍ରଭୁ ନିଜେ ତ ଭୋଜନପ୍ରିୟ। ସେଥିପାଇଁ ଲୌକିକ



ଭାଷାରେ ତାଙ୍କୁ 'ବଡ଼ଖିଆ' ବୋଲି କୁହାଯାଏ। 'ଲକ୍ଷ୍ମୀ ପୁରାଣ'ରେ ବଳରାମ ଦାସ ପ୍ରଭୁଙ୍କ ବଳଦେବଙ୍କ ମୁଖରେ ଏହାର ସୂଚନା ଦେଇଛନ୍ତି, 'ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ, ବଡ଼ଖିଆ ବୋଲି ତୋତେ କହନ୍ତି ଜଗତ'। ସେହିପରି ଓଡ଼ିଶା ବିଖ୍ୟାତ ପାଲା ଗାୟକ ସ୍ୱର୍ଗତ ହରିନାଥଙ୍କ ଭାଷାରେ, 'ଦିନକୁ ଖାଉଛି ଷାଠିଏ ପଉଟି ବୁଦ୍ଧି ହେଲା ତାର ବାମ, ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ'। ଠାକୁର କେତେ ଭୋଜନପ୍ରିୟ ତାହା ତାଙ୍କର ନୀତିକାନ୍ତିରୁ ଜଣାପଡ଼େ। ସକାଳୁ ଗୋପାଳ ବଲ୍ଲଭ ଭୋଗରୁ ଆରମ୍ଭ କରି ରାତିରେ ବଡ଼ସିଂହାର ଭୋଗରେ ଶେଷ ହେବା ଯାଏଁ ଶ୍ରୀମନ୍ଦିରରେ ନିତି ଛଅଥର ଭୋଗ ଲାଗି ହୁଏ। ଭୋଗର ଆକାର ଷାଠିଏ ପଉଟି ଏବଂ ପ୍ରକାର ଛପନ। ତେଣୁ ତାକୁ 'ଛପନ ଭୋଗ' କୁହାଯାଏ। ଷଡ଼ରସ ବିଶିଷ୍ଟ ଏହି ୫୬ଟି ଭୋଗର ନାମ ଏହିପରି ଅଟକାଳି, ଅମାଲୁ, ଆରିସା, ଏଣ୍ଡୁରି, କଦମ୍ବ, କାକରା, କାନ୍ତି, ହଂସକେଳି, କୋରା, ଖଇରଚୂଳ, ଖଜା, କ୍ଷୀରି, କ୍ଷୀରିସା, ଖୁରୁମା, ଖେଚୁଡ଼ି, ଗଇଁଠା, ଗଜା, ପୋଟଳି, ଚକଟା, ଚକୁଳି, ଚିତଉ, ଛୁଞ୍ଚ୍‌ଠିଚପତ୍ର, ଜଗନ୍ନାଥବଲ୍ଲଭ, ଜେନାମଣି, ଝିଲି, ଡାକୁଆ, ଡାଳିମ୍ବ, ଛେନା ତାଡ଼ିଆ, ତ୍ରିପୁରି, ଧଉଳା, ନାଡି, ପଣାସୁଆ, ପଣା, ଅଦା, ପାଚେଡ଼ି, ସର ପାପୁଡ଼ି, ପାଲୁଅ କ୍ଷୀରି, ପଖାଳ, ପିଠା (ପୋଡ଼ପିଠା, ସାତପୁରି, କାନ୍ତି, ସୁଆର, ମହୁବିର), ପୁରି, ସରପୁଳି, ଫେରି, ବରା, ବଳିବାମନ, ଭଜା, ଲଡ୍ଡୁ, ଖୁଆମଣ୍ଡା, ମନୋହରା, ମହାଦେଇ, ଛେନା ମାଣ୍ଡୁଅ, ମୋହନ ଭୋଗ, ରସାବଳି, ରାଧାବଲ୍ଲଭ, ଲହୁଣିଆ, ଲକ୍ଷ୍ମୀ ବିଳାସ, ସରସ୍ୱତିଆ ଓ ହଂସ ବଲ୍ଲଭ (ମୋଟ ୫୬)। ମାଦଳା ପାଞ୍ଜି ଅନୁସାରେ ଆଗେ ଠାକୁରଙ୍କୁ ୪୩୫ ପ୍ରକାରର ଭୋଗ ଲାଗି ହେଉଥିଲା ଯାହା କାଳକ୍ରମେ ୫୬ରେ ରହିଛି।

ଏହି ଛପନଭୋଗ ଶ୍ରୀମନ୍ଦିରର ରୋଷଘରେ ଖୋଦ ମହାଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ସୁଆର ଓ ଛତିଶ ପ୍ରକାରର ସେବାୟତଙ୍କ (ଛତିଶା ନିଯୋଗ ବା ମହାଲକ୍ଷ୍ମୀ ନିଯୋଗ) ଦ୍ୱାରା ପ୍ରସ୍ତୁତ ହୁଏ। ପ୍ରତ୍ୟେକରେ ୯ଟି ଲେଖାଏଁ ଝିଙ୍କା ଥିବା ୨୪୦ଟି ଚୁଲିରେ ମାଟିହାଣ୍ଡି ଓ କାଠଜାଳରେ ମା'ଲକ୍ଷ୍ମୀଙ୍କ କୃପାରୁ ଖୁବ କମ ସମୟ ଭିତରେ ସମ୍ପୂର୍ଣ୍ଣ ପାକକ୍ରିୟା ସମ୍ପନ୍ନ ହୁଏ। 'ଜତ୍ରାନ୍ନ ପାଚିକା ଲକ୍ଷ୍ମୀ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ'। ସେ ରୋଷେଇର ମହିମା କ'ଣ ବର୍ଣ୍ଣନା କରିବା? ପ୍ରଭୁଙ୍କର ମଣୋହି ପାଇଁ ଉଦ୍ଦିଷ୍ଟ ରନ୍ଧନ ସାମଗ୍ରୀରେ ବିଲାତି ଆଳୁ, ବିଲାତି, ବାଇଗଣ, ଲାଉ, ସଜନା ଛୁଇଁ, ଅମୃତଭଣ୍ଡା, ଭେଣ୍ଡି, ଝୁଡୁଙ୍ଗ, ବିଟ, ଗାଜର, କାପ୍ସିକମ, ଲଙ୍କା ଓ ତିନି ପ୍ରକାର କୋବି ଆଦି ପରିବା ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ। ପୌଷ ମାସର ପହିଲି ଭୋଗରେ ୨୩ ପ୍ରକାରର ସାମଗ୍ରୀ ଥାଏ। ପ୍ରଭୁଙ୍କ ନିତି ଦୁଇ ପ୍ରକାର ଭୋଗ ଅର୍ପଣ କରାଯାଏ, ଶଙ୍ଖୁଡ଼ି ଓ ଶୁଖିଲା। ଶଙ୍ଖୁଡ଼ି ଭୋଗରେ ଘିଅ ଅନ୍ନ, ସାଧା ଅନ୍ନ, କାନିକା, ଖେଚୁଡ଼ି, ମିଷ୍ଟାନ୍ନ, ରସାବଳି, ଡାଲି, ଡାଲମା, ବେସର, ମହୁର, ଶାଗ, ଆମ୍ବିଳ ଆଦି ନଅ ପ୍ରକାର ଅନ୍ନ, ଚାରି ପ୍ରକାର ପଖାଳ, ବାର ପ୍ରକାର ମିଠା ବ୍ୟଞ୍ଜନ, ନଅ ପ୍ରକାର ପିଠା ଓ ଦୁଗ୍ଧଜାତ ପଦାର୍ଥ, ଚଉଦ ପ୍ରକାର ତରକାରୀ ଓ ତିନି ପ୍ରକାର ଡାଲି ଅନ୍ତର୍ଭୁକ୍ତ ଥିଲାବେଳେ ଶୁଖିଲା ଭୋଗରେ ଖଜା, ଗଜା, ନାଡ଼ି, ବଡ଼ି, ମାଠପୁଳି, ଝିଲ୍ଲି, ଆରିସା, କାକରା, ମାଲପୁଆ ଆଦି ସାମିଲ ଥାଏ।

'ବ୍ରହ୍ମ ବୈବର୍ତ୍ତ' ପୁରାଣ ଅନୁସାରେ 'ଜଗନ୍ନାଥୋ ଯଥା ସାକ୍ଷାତ ଦର୍ଶନାମୁକ୍ତିଦୋ ଧ୍ରୁବଂ' ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ ମହାପ୍ରସାଦରୁ କଣିକାଏ ପାଇଲେ ସେହି ଫଳ ମିଳେ। ସେହିପରି 'ନୀଳାଦ୍ରୀ ମହୋଦୟ' ଅନୁଯାୟୀ ଯେ କୌଣସି ଲୋକ, ପିତୃ ପୁରୁଷ, ମୁନି ଋଷି ଯେ କେହି ମହାପ୍ରସାଦ ସେବନ କଲେ ମୁକ୍ତିପ୍ରାପ୍ତ ହୁଅନ୍ତି। 'କପିଳ ସଂହିତା'ରେ ବର୍ଣ୍ଣିତ ହୋଇଛି ଯେ କୋଟିଏ ଜନ୍ମର ପୁଣ୍ୟ ଥିଲେ ମହାପ୍ରସାଦ ସେବନର ସୌଭାଗ୍ୟ ମିଳେ। ଏପରିକି ଏକାଦଶୀ ଦିନ ଅନ୍ନଭୋଜନ ନିଷିଦ୍ଧ 'ଏକାଦଶ୍ୟାମ୍ ନ ଭୁଞ୍ଜୀତି ପକ୍ଷୟୋରୁଭୟୋରପି' ଥିଲେ ବି ଶ୍ରୀମନ୍ଦିରର ମହାପ୍ରସାଦ ସେବନ କଲେ ତାହା ଦୋଷାବହ ନୁହେଁ, କାରଣ ଶ୍ରୀମନ୍ଦିରର ପଶ୍ଚିମ ଦିଗରେ ଏକାଦଶୀ ଦେବୀ ପ୍ରତିଷ୍ଠିତ ଅଛନ୍ତି ଏବଂ ମନ୍ଦିରର ରୋଷଘରେ ପ୍ରସ୍ତୁତ ହେଉଥିବା ଅନ୍ନରେ ଅନ୍ନତ୍ୱ ଲୋପ ପାଇ ବ୍ରହ୍ମତ୍ୱ ଆରୋପିତ ହେଉଥିବାରୁ ତାହା ଅନ୍ନପ୍ରସାଦ ନୁହେଁ ଅନ୍ନ ବ୍ରହ୍ମ। ଭାରତ ବର୍ଷରେ ଗଢ଼ି ଉଠିଥିବା ମନ୍ଦିର ମାନଙ୍କର ପୂଜାଉପାସନା ବିଧାନ ଠାରୁ ପୁରୀ ବଡ଼ଦେଉଳର ବିଧିବିଧାନ ଭିନ୍ନ ଓ ସ୍ୱତନ୍ତ୍ର। ଏପରିକି ମହାପ୍ରଭୁଙ୍କର ମହାସ୍ନାନ ନୀତିରେ କେବେ ଗଙ୍ଗାଜଳ ବ୍ୟବହାର ହୁଏ ନାହିଁ। ଦେବତାଙ୍କୁ ଅର୍ପିତ ଫୁଲମାଳରେ କେବେ ଗଣ୍ଠି ପଡ଼େ ନାହିଁ। ଭୋଗ ବା ନୈବେଦ୍ୟ ସମୟରେ କେବେ ଘଣ୍ଟଘଣ୍ଟି ବାଜେ ନାହିଁ। ବିଚିତ୍ର ଏ ଦେବତା - ବିଚିତ୍ର ତାଙ୍କର ନୀତି। ଶ୍ରେଷ୍ଠ ବା ଉତ୍ତମ ମଣିଷ ଭଳି ତାଙ୍କର ଚଳଣି। ଗର୍ବ-ଅହଂକାର କିଛି ନାହିଁ। ଭକ୍ତର ଭକ୍ତି ଓ ଶ୍ରଦ୍ଧାରେ ବନ୍ଧା ମହାପ୍ରଭୁ ଶ୍ରୀଜଗନ୍ନାଥ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,
ମୋବାଇଲ୍: ୯୪୩୭୨୨୫୬୮୯**

# ପୂର୍ବତନ ହୁରିୟତ୍ ଅଧକ୍ଷଙ୍କ ପରଲୋକ

## ପ୍ରମୁଖ ନେତାଙ୍କ ଶୋକ ବ୍ୟକ୍ତ

ନୂଆଦିଲ୍ଲୀ,୧୮।୯ଃ ପୂର୍ବତନ ହୁରିୟତ କନଫରେନ୍ସ ଅଧକ୍ଷ ଅବଦୁଲ ଘନି ଭଟ୍‌ଙ୍କ ପରଲୋକ। ବୁଧବାର ସୋପୋରସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ପରିବାର ସୂତ୍ରରୁ ଜଣାପଡିଛି ଯେ ଭଟ୍‌ଙ୍କୁ ତାଙ୍କ ପୈତୃକ କବରସ୍ଥାନରେ କବର ଦିଆଯିବ। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କ ସମେତ ଅନେକ ନେତା ଭଟ୍‌ଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ହୁରିୟତ ଅଧକ୍ଷ ମୀରୱାଇଜ୍ ଉମର ଫାରୁକ୍ କହିଛନ୍ତି ଯେ, ଭଟ୍ ଗତ କିଛି ବର୍ଷ ଧରି ଅସୁସ୍ଥ ଥିଲେ। ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଛି। ମୀରୱାଇଜ୍ କହିଛନ୍ତି, "ମୁଁ ଭଟ୍ ସାହିବଙ୍କ ପୁଅଙ୍କଠାରୁ ଏକ ଫୋନ୍ ପାଇଲି ଯେଉଁଥିରେ ସେ ବରିଷ୍ଠ ନେତାଙ୍କ ଦେହାନ୍ତ ବିଷୟରେ ସୂଚନା ଦେଇଥିଲେ। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ମୀରୱାଇଜ୍ କହିଛନ୍ତି ଯେ, ଅବଦୁଲ୍ ଭଟ୍‌ଙ୍କ ମୃତ୍ୟୁ ତାଙ୍କ ପାଇଁ ଏକ ବଡ଼ ବ୍ୟକ୍ତିଗତ କ୍ଷତି। ସେ ଲେଖିଛନ୍ତି, 'ମୁଁ ଏବେ ଦୁଃଖଦ ଖବର ପାଇଲି ଯେ ମୁଁ ମୋର ପ୍ରିୟ ବନ୍ଧୁ ଏବଂ ସହକର୍ମୀ ପ୍ରଫେସର ଅବଦୁଲ୍ ଘନି ଭଟଙ୍କୁ ହରାଇଛି।' ସେହିପରି ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଭଟ୍‌ଙ୍କ ଦେହାନ୍ତରେ ଶୋକ ପ୍ରକାଶ କରି କହିଛନ୍ତି, 'ଆମର ରାଜନୈତିକ ଚିନ୍ତାଧାରା ଭିନ୍ନ ଥିଲେ ମଧ, ମୁଁ ତାଙ୍କୁ ସର୍ବଦା ଜଣେ ଅତ୍ୟନ୍ତ ଭଦ୍ର ଏବଂ ଭଲ ବ୍ୟକ୍ତି ଭାବରେ ମନେ ରଖିବି। ବରିଷ୍ଠ ରାଜନୈତିକ ନେତା ଏବଂ ପ୍ରଫେସର ଅବଦୁଲ ଘନି ଭଟ୍‌ଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଦୁଃଖିତ।' ଯେତେବେଳେ ଅନେକ ଲୋକ ବିଶ୍ୱାସ କରୁଥିଲେ ଯେ ହିଂସା ହିଁ ଏକମାତ୍ର ରାସ୍ତା, ଭଟ୍ ଆଲୋଚନା ବାଛି ସାହସ ଦେଖାଇଥିଲେ। ସେ ଏ ସମ୍ପର୍କରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବାଜପେୟୀ ଏବଂ ଉପପ୍ରଧାନମନ୍ତ୍ରୀ ଏଲ୍‌କେ ଆଡଭାନୀଙ୍କ ସହ ସାକ୍ଷାତ କରିଥିଲେ। ପ୍ରକାଶଥାଉକି, କାଶ୍ମୀରରେ ଆତଙ୍କବାଦର ଚରମ ସୀମାରେ ସୟଦ ଅଲି ଶାହ ଗିଲାନି ଏବଂ ମସରତ ଆଲମ ଭଳି ବିଚ୍ଛିନ୍ନତାବାଦୀ ନେତାଙ୍କ ମଧରେ ଭଟ୍ ଜଣେ ଶାନ୍ତିପ୍ରିୟ ବ୍ୟକ୍ତିତ୍ୱ ଭାବରେ ଉଭା ହୋଇଥିଲେ। ସେ ହିଂସା ମାଧମରେ ନୁହେଁ, ବରଂ ଶାନ୍ତିପୂର୍ଣ୍ଣ ଭାବେ କାଶ୍ମୀର ସମସ୍ୟାର ସମାଧାନ କରିବାକୁ ଚାହୁଁଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନଡିଏ ସରକାର ଏବଂ ପରେ ମନମୋହନ ସିଂହଙ୍କ ନେତୃତ୍ୱରେ ୟୁପିଏ ସରକାର ସମୟରେ ହୁରିୟତ ସମ୍ମିଳନୀକୁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନାରେ ଆଣିବାରେ ଭଟ୍ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# 'ବାୟୁ ପ୍ରଦୂଷଣ ରୋକିବାକୁ ୩ ସପ୍ତାହରେ ଯୋଜନା କର'



ନୂଆଦିଲ୍ଲୀ,୧୮।୯ଃ ପାର୍ବଣ ଆରମ୍ଭ ସହ ଶୀତରତୁର ଆଗମନ ହେବାକୁ ଯାଉଛି। ଏହି ସମୟରେ ପ୍ରଦୂଷଣର ମାତ୍ରା ଅଧିକ ରହିଥାଏ। ବିଶେଷକରି ସହରାଞ୍ଚଳରେ ବାୟୁ ପ୍ରଦୂଷଣ ସାଙ୍ଗକୁ ମୁକ୍ତବାୟୁର ଅଭାବ ଲୋକଙ୍କ ପାଇଁ ନାନା ରୋଗକୁ ଡାକିଆଣିଥାଏ। ଏହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ବୁଧବାର ୩ ସପ୍ତାହ ମଧରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବାକୁ କମିଶନ୍ ଫର୍ ଏୟାର କ୍ୱାଲିଟି ମ୍ୟାନେଜ୍‌ମେଣ୍ଟ (ସିଏକ୍ୟୁଏମ୍), କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ପ୍ରଦୂଷଣ ନିରୋଧୀ ସଂସ୍ଥାଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ ସମ୍ପର୍କିତ ଏକ ପ୍ରସଙ୍ଗରେ ସୁପ୍ରିମକୋର୍ଟ ନିଜ ଆଡୁ ଶୁଣାଣି କରି ଏଥିରେ ବିଳମ୍ବକୁ ନେଇ ଭର୍ତ୍ସନା କରିଛନ୍ତି। ସିଏକ୍ୟୁଏମ୍ ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ ବୈଧାନିକ ସଂସ୍ଥା। ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ସମେତ ଏହାର ପାର୍ଶ୍ୱବର୍ତ୍ତୀ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଅଞ୍ଚଳରେ ବାୟୁ ଗୁଣବତ୍ତା ପରିଚାଳନା ସହ ଏଥିରେ ସୁଧାର ଆଣିବା ହେଉଛି ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ସିଜେଆଇ ବି.ଆର୍. ଗବଇ ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ ଏହା ଉପରେ ଶୁଣାଣି ବେଳେ ଏହି ରାଜ୍ୟଗୁଡ଼ିକୁ ୩ ମାସ ମଧରେ ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସିଏକ୍ୟୁଏମ୍, ସିପିସିବି ଏବଂ ରାଜ୍ୟ ବୋର୍ଡଗୁଡ଼ିକୁ ପଦୋନ୍ନତିଭିତ୍ତିକ ପଦବୀ ପୂରଣ ପାଇଁ ୬ ମାସ ସମୟ ଦିଆଯାଇଛି। ବର୍ତ୍ତମାନ ହରିୟାଣା, ପଞ୍ଜାବ, ୟୁପି ଓ ରାଜସ୍ଥାନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଯଥାକ୍ରମେ ୪୪, ୪୩, ୧୬୬ ଓ ୨୫୯ ପଦବୀ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ପ୍ରଦୂଷଣ ନିୟନ୍ତ୍ରଣ ନୀତିକୁ କାର୍ଯ୍ୟକାରୀ କରାଇବା ସମ୍ଭବପର ନୁହେଁ ବୋଲି ଅଦାଲତ ଚିନ୍ତାବ୍ୟକ୍ତ କରିଛନ୍ତି।

# ଅର୍ଦ୍ଧାଧିକ ଭୋଟର ଦେବେନି ଦସ୍ତାବିଜ୍!

## ଏସ୍‌ଆଇଆର୍ ପ୍ରସଙ୍ଗ




ନୂଆଦିଲ୍ଲୀ,୧୮।୯ଃ ଅଧିକାଂଶ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବେଳେ ଅର୍ଦ୍ଧାଧିକ ମତଦାତାଙ୍କୁ ନୂଆ ଦସ୍ତାବିଜ ଦେବାକୁ ପଡ଼ି ନ ପାରେ ବୋଲି ଗତକାଲି ନିର୍ବାଚନ କମିଶନ (ଇସି) ଅଧିକାରୀମାନେ ସୂଚନା ଦେଇଛନ୍ତି। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଅନେକ ରାଜ୍ୟରେ ୨୦୦୨ରୁ ୨୦୦୪ ମଧରେ ଭୋଟର ତାଲିକାର ଏସ୍‌ଆଇଆର୍ କରାଯାଇଛି। ଏହି ବର୍ଷକୁ ସେମାନଙ୍କ ପରବର୍ତ୍ତୀ ଏସ୍‌ଆଇଆର୍ ପାଇଁ କଟ୍‌ଅଫ୍ ତାରିଖ ଭାବେ ବିଚାର କରାଯିବ। ସାରା ଦେଶରେ ଏସ୍‌ଆଇଆର୍ ଲାଗୁ ପାଇଁ ଇସି ଖୁବ୍‌ଶୀଘ୍ର ତାରିଖ ଘୋଷଣା କରିବେ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ମାନଙ୍କୁ ଭୋଟର ତାଲିକା ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। କେତେକ ରାଜ୍ୟର ସିଇଓମାନେ ଗତ ଏସ୍‌ଆଇଆର୍ ପରେ ପ୍ରକାଶିତ ଭୋଟର ତାଲିକା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିସାରିଛନ୍ତି। କୌଣସି ଯୋଗ୍ୟ ନାଗରିକ ଯେପରି ବାଦ୍ ନ ପଡ଼ନ୍ତି ତାହା ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଏହାକୁ ଗୁରୁତ୍ୱ ଦେଇ ସିଇଓମାନେ କାର୍ଯ୍ୟ କରୁଥିବା କୁହାଯାଉଛି। ଇତିମଧରେ ଇସି ଇଭିଏମ୍ ବାଲଟ୍ ପେପରର ଡିଜାଇନିଂ ଓ ପ୍ରିଣ୍ଟିଂ ସମ୍ପର୍କିତ ସଂଶୋଧିତ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ତଦନୁସାରେ ଏହା ଅଧିକ ପଠନଯୋଗ୍ୟ ଓ ଭୋଟର-ଅନୁକୂଳ ହେବ। ଏଥିରେ ପ୍ରାର୍ଥୀମାନଙ୍କ ରଙ୍ଗିନ ଫଟୋ ସହ ସେମାନଙ୍କ ନାମ ବଡ଼ ଅକ୍ଷରରେ ଉଲ୍ଲେଖ ରହିବ, ଯାହାକୁ ଦେଖି ମତଦାତାମାନେ ସହଜରେ ସେମାନଙ୍କୁ ଜାଣିପାରିବେ ଏବଂ ନିଜ ପସନ୍ଦ ଅନୁସାରେ ଭୋଟ ଦେଇପାରିବେ। ପ୍ରାର୍ଥୀଙ୍କ ନାମ ସହ ନନ୍ ଅଫ୍ ଦି ଏବଭ୍ (ନୋଟା)ର ଅକ୍ଷର ଆକୃତି ୩୦ ସାଇଜ୍‌ରେ ରହିବ ଏବଂ ସ୍ପଷ୍ଟତା ପାଇଁ ତାକୁ ବୋଲ୍ଡ କରାଯିବ। ଏଥିପାଇଁ ବ୍ୟବହୃତ କାଗଜ ମଧ ପୂର୍ବାପେକ୍ଷା ମୋଟା ରହିବ। ବିଧାନସଭା ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଭାବେ ପିଙ୍କ୍ କଲର ପେପର ବ୍ୟବହାର କରାଯିବ। ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରୁ ଏହା ଲାଗୁ ହେବ ବୋଲି ଇସି ସୂଚନା ଦେଇଛନ୍ତି। ଭାରତର ନିର୍ବାଚନ କମିଶନ କଣ୍ଡକ୍ଟ ଅଫ୍ ଇଲେକ୍ସନ ରୁଲ୍ସ, ୧୯୬୧ର ରୁଲ୍ ୪୯ବିରେ ସଂଶୋଧନ ଆଣି ପ୍ରଚଳିତ ଗାଇଡ୍‌ଲାଇନ୍‌ରେ ଏପରି ପରିବର୍ତ୍ତନ କରିଥିବା ଦର୍ଶାଇଛନ୍ତି।

## ବିଷ୍ଣୁଙ୍କ ମୂର୍ତ୍ତି ନେଇ ଟିପ୍ପଣୀ ପ୍ରସଙ୍ଗ

# ସୋସିଆଲ ମିଡିଆକୁ ଦୋଷଦେଲେ ସିଜେଇଆଇ



ନୂଆଦିଲ୍ଲୀ,୧୮।୯ଃ ଖଜୁରାହରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ଉପରେ ଟିପ୍ପଣୀକୁ ନେଇ ଭାରତର ମୁଖ୍ୟ ବିଚାରପତି ବି.ଆର.ଗଭାଇ ନିଜର ସ୍ପଷ୍ଟୀକରଣ ରଖିଛନ୍ତି। ବି.ଆର. ଗାଭାଇ କୋର୍ଟରେ କହିଛନ୍ତି ଯେ,ବିଷ୍ଣୁ ପ୍ରତିମା ପ୍ରସଙ୍ଗରେ ତାଙ୍କ ବକ୍ତବ୍ୟକୁ ସୋସିଆଲ ମିଡିଆରେ ଭୁଲ ଭାବରେ ଉପସ୍ଥାପନ କରାଯାଉଛି। ସେ ଆହୁରି ମଧ କହିଛନ୍ତି, "ମୁଁ ସମସ୍ତ ଧର୍ମକୁ ସମ୍ମାନ କରେ। ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି, "ମୁଁ ସିଜେଆଇ (CJI) ଙ୍କୁ ୧୦ ବର୍ଷ ଧରି ଜାଣିଛି। ଏହି ମାମଲା ଗମ୍ଭୀର। ଆମେ ପୂର୍ବରୁ ନ୍ୟୁଟନଙ୍କ ନିୟମ ଅଧୟନ କରୁଥିଲୁ। ପ୍ରତ୍ୟେକ କ୍ରିୟାର ସମାନ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ଥାଏ। ସିଜେଆଇ ସମସ୍ତ ଧାର୍ମିକ ସ୍ଥଳ ପରିଦର୍ଶନ କରିଛନ୍ତି।"

ଏହି ସମୟରେ, କପିଲ ସିବଲ କହିଛନ୍ତି କି, ଆମେ ପ୍ରତିଦିନ ସୋସିଆଲ ମିଡିଆ ଦ୍ୱାରା ଅସୁବିଧାର ସମ୍ମୁଖୀନ ହେଉଛୁ। ଏହା ଏକ ଅନିୟନ୍ତ୍ରିତ ଘୋଡା, ଯାହାକୁ ନିୟନ୍ତ୍ରଣ କରିବା ଅସମ୍ଭବ। ସିଜେଆଇ ପ୍ରତିକ୍ରିୟା ଦେଇଥିଲେ ଯେ, 'ନେପାଳରେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି।" ମଙ୍ଗଳବାର ଦିନ ତାଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ ମଧପ୍ରଦେଶର ୟୁନେସ୍କୋ ବିଶ୍ୱ ଐତିହ୍ୟ ଖଜୁରାହୋ ମନ୍ଦିର ପରିସରର ଏକ ଅଂଶ, ଜାୱାରି ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ସାତ ଫୁଟ ଉଚ୍ଚ ପ୍ରତିମାକୁ ପୁନଃନିର୍ମାଣ ଏବଂ ପୁନଃସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦାବି କରୁଥିବା ଏକ ଆବେଦନକୁ ଖାରଜ କରିବା ପରେ ସିଜେଆଇଙ୍କ ଏହି ସ୍ପଷ୍ଟୀକରଣ ଆସିଛି। ରିପୋର୍ଟ ଅନୁଯାୟୀ ସିଜେଆଇ ଗଭାଇ କହିଛନ୍ତି, "ଏହା ଏକ ସମ୍ପୂର୍ଣ୍ଣ ପ୍ରଚାର ଆବେଦନ। ଯଦି ଆପଣ କହୁଛନ୍ତି ଯେ ଆପଣ ଭଗବାନ ବିଷ୍ଣୁଙ୍କ ଜଣେ ଦୃଢ଼ ଭକ୍ତ, ତେବେ ପ୍ରାର୍ଥନା କରନ୍ତୁ ଏବଂ ଧ୍ୟାନ କରନ୍ତୁ।' ମୁଖ୍ୟ ବିଚାରପତି ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲା ସିଧାସଳଖ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ)ର ଅଧିକାର କ୍ଷେତ୍ର ମଧରେ ପଡ଼େ। ସେ ଏହା ମଧ କହିଛନ୍ତି ଯେ, ଆବେଦନକାରୀ ଏହି ସମୟ ମଧରେ ଶିବ ମନ୍ଦିରକୁ ଯାଇ ପୂଜା କରିପାରିବେ। "ଏହି ସମୟ ମଧରେ, ଯଦି ଆପଣଙ୍କର ଶୈବ ଧର୍ମ ପ୍ରତି କୌଣସି ଆପତ୍ତି ନାହିଁ, ତେବେ ଆପଣ ସେଠାରେ ଯାଇ ପୂଜା କରିପାରିବେ। "ସେଠାରେ ଏକ ବିଶାଳ ଶିବ ଲିଙ୍ଗ ଅଛି, ଯାହା ଖଜୁରାହୋର ସବୁଠାରୁ ବଡ଼ ମଧରୁ ଗୋଟିଏ।" ପ୍ରଧାନ ବିଚାରପତି ବି.ଆର. ଗଭାଇଙ୍କ କଥିତ ମନ୍ତବ୍ୟ ସୋସିଆଲ ମିଡିଆରେ ଏକ ବଡ଼ ବିବାଦ ସୃଷ୍ଟି କରିଥିଲା। ବିଭିନ୍ନ ହିନ୍ଦୁ ସଂଗଠନ କହିଛନ୍ତି ଯେ ସେ ସେମାନଙ୍କ ବିଶ୍ୱାସକୁ 'ଉପହାସ' କରିଛନ୍ତି। ପ୍ରଧାନ ବିଚାରପତିଙ୍କ ମହାଭିଯୋଗ ଦାବି କରୁଥିବା ପୋଷ୍ଟ ମଧ ଭାଇରାଲ ହୋଇଥିଲା, ବ୍ୟବହାରକାରୀମାନେ ଦାବି କରିଥିଲେ ଯେ ମନ୍ତବ୍ୟ ଧାର୍ମିକ ଭାବନାକୁ ଆଘାତ ଦେଇଛି।

# କଂଗ୍ରେସ ସବୁବେଳେ ମିଥ୍ୟା କାହାଣୀ ପ୍ରସାର କରେଃ ଶାହ



ନୂଆଦିଲ୍ଲୀ,୧୮।୯ଃ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭୋଟ ଚୋରି ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ସେ ଭୋଟର ଅଧିକାର ଯାତ୍ରାକୁ "ଅନୁପ୍ରବେଶକାରୀଙ୍କୁ ବଞ୍ଚାଅ ଯାତ୍ରା" ବୋଲି ଅଭିହିତ କରିଛନ୍ତି। ବିହାରର ରୋହତାସରେ ଦଳୀୟ କର୍ମୀ ମାନଙ୍କୁ ସମ୍ବୋଧିତ କରି ସେ କଂଗ୍ରେସ ଦଳ ଉପରେ ବିକାଶ ପ୍ରସଙ୍ଗକୁ ଅଣଦେଖା କରିବା ଏବଂ ବାଂଲାଦେଶରୁ ଅବୈଧ ପ୍ରବାସୀଙ୍କୁ ସୁରକ୍ଷା ଦେବାର ଅଭିଯୋଗ ଆଣିଛନ୍ତି। ଗୃହମନ୍ତ୍ରୀ ଶାହ କହିଛନ୍ତି ଯେ,'କଂଗ୍ରେସ ପ୍ରତ୍ୟେକ ଥର ମିଥ୍ୟା କାହାଣୀ ପ୍ରସାର କରେ। ରାହୁଲ ଗାନ୍ଧୀ ଏକ ଯାତ୍ରା କରିଥିଲେ... ତାଙ୍କ ଯାତ୍ରାର ବିଷୟବସ୍ତୁ ଭୋଟ ଚୋରି ନଥିଲା। ତାଙ୍କର ଧ୍ୟାନ ଭଲ ଶିକ୍ଷା, ନିଯୁକ୍ତି, ବିଦ୍ୟୁତ୍ କିମ୍ବା ରାସ୍ତା ଉପରେ ନଥିଲା, ବରଂ ବାଂଲାଦେଶରୁ ଅବୈଧ ପ୍ରବାସୀଙ୍କୁ ସୁରକ୍ଷା ଦେବା ଉପରେ ଥିଲା। ଏହା ଥିଲା ରାହୁଲ ଗାନ୍ଧୀଙ୍କ 'ଅନୁପ୍ରବେଶକାରୀ ବଞ୍ଚାଅ ଯାତ୍ରା'। କଂଗ୍ରେସ ଦଳର ଯାତ୍ରା ଉପରେ ପ୍ରଶ୍ନ ଉଠାଇ ଗୃହମନ୍ତ୍ରୀ ପଚାରିଥିଲେ ଯେ 'ଅନୁପ୍ରବେଶକାରୀଙ୍କୁ ଭୋଟ ଦେବାର ଅଧିକାର ମିଳିବା ଉଚିତ କି ମାଗଣା ରାସନ ମିଳିବା ଉଚିତ? ଅନୁପ୍ରବେଶକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚାକିରି, ବାସଗୃହ ଏବଂ ଚିକିତ୍ସା ମିଳିବା ଉଚିତ କି?' ଆମ ଯୁବକମାନଙ୍କ ବଦଳରେ ରାହୁଲଙ୍କ ଭୋଟ ବ୍ୟାଙ୍କ ଅନୁପ୍ରବେଶକାରୀଙ୍କୁ ଚାକିରି ଦେଉଛି।' ଶାହ ଆହୁରି କହିଛନ୍ତି, "ଆପଣମାନେ (ବିଜେପି କର୍ମୀମାନେ) ଜାଣନ୍ତି ଏହାର ଉଦ୍ଦେଶ୍ୟ କ'ଣ ଥିଲା? ଏହାର ଉଦ୍ଦେଶ୍ୟ ଥିଲା ବାଂଲାଦେଶରୁ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା।' ଆପଣ ରାଜ୍ୟ ସାରା ଯିବା ଉଚିତ, ପ୍ରତ୍ୟେକ ଘରକୁ ଯିବା ଉଚିତ ଏବଂ ଲୋକଙ୍କୁ କହିବା ଉଚିତ ଯେ ଯଦି ସେମାନେ (ବିରୋଧୀ ମେଣ୍ଟ) କ୍ଷମତାକୁ ଆସେ,ତେବେ ବିହାରର ପ୍ରତ୍ୟେକ ଜିଲ୍ଲା ଅନୁପ୍ରବେଶକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଯିବ।'

# ବିଧାନସଭା ନିର୍ବାଚନ ପୂର୍ବରୁ ମମତାଙ୍କ ବଡ଼ ଘୋଷଣା



କୋଲକାତାଃ ପଶ୍ଚିମବଙ୍ଗ ସରକାର ୨୦୧୧ ମସିହାରୁ ଏପର୍ଯ୍ୟନ୍ତ ୮୪୦ ଜଣ ଆଜୀବନ କଏଦୀଙ୍କୁ ମୁକ୍ତ କରିଛନ୍ତି। ଯେଉଁମାନେ ସମସ୍ତେ ୧୪ ବର୍ଷରୁ ଅଧିକ ସମୟ ଜେଲରେ ବନ୍ଦୀ ଥିଲେ। ଏନେଇ ସୂଚନା ଦେଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମୁଖ୍ୟମନ୍ତ୍ରୀ ଏହା ମଧ ଘୋଷଣା କରିଛନ୍ତି ଯେ, ଉପଯୁକ୍ତ ଆଇନଗତ ପ୍ରକ୍ରିୟା ପରେ ଏବେ ଅତିରିକ୍ତ ୪୫ ଜଣ କଏଦୀଙ୍କୁ ମୁକ୍ତ କରାଯାଉଛି। ସେ ମୁକ୍ତ ହୋଇଥିବା ବ୍ୟକ୍ତି ଏବଂ ସେମାନଙ୍କ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି। ଜେଲ୍ ସମୟରେ ସେମାନଙ୍କର ଭଲ ଆଚରଣ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମମତା କହିଛନ୍ତି। ଆମର ସରକାର ଆଜୀବନ କାରାଦଣ୍ଡ ଭୋଗିଥିବା ଅନେକ କଏଦୀଙ୍କୁ ଆଇନଗତ ଭାବରେ ମୁକ୍ତ କରିଛି ବୋଲି 'ଏକ୍ସ'ରେ ଲେଖିଛନ୍ତି ମମତା ବାନାର୍ଜୀ। ମମତା କହିଛନ୍ତି, '୨୦୧୧ ପରଠାରୁ, ଏପରି ୮୪୦ ଜଣଙ୍କୁ ମୁକ୍ତ କରାଯାଇଛି। ଆହୁରି ୪୫ ଜଣ କଏଦୀଙ୍କୁ ଆଇନଗତ ଭାବରେ ମୁକ୍ତ କରାଯାଉଛି। ମୁଁ ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ଅଭିନନ୍ଦନ ଜଣାଉଛି।'ସୁଧାର ଗୃହର ପୁନର୍ଗଠନ ଉପରେ ଗୁରୁତ୍ୱାରୋପ କରି ସେ ଲେଖିଛନ୍ତି, 'ମୁଁ ଜାଣେ ଜେଲରେ ଥିବା ସମୟରେ ସେମାନଙ୍କର ଆଚରଣ ଭଲ ଥିଲା। ସେଥିପାଇଁ ସେମାନଙ୍କୁ ମୁକ୍ତ କରାଯାଇଛି।' ମୁକ୍ତ ହୋଇଥିବା କଏଦୀମାନେ ଶୃଙ୍ଖଳାର ସହ ଜୀବନଯାପନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ମୁଁ ଆଶା କରୁଛି ଏହି ମୁକ୍ତ କଏଦୀମାନେ ସେମାନଙ୍କର ନୂତନ ଏବଂ ମୁକ୍ତ ଜୀବନରେ ଭଲ ନାଗରିକ ହେବେ। ସେତେବେଳେ ହିଁ ଆମର ପ୍ରୟାସ ସଫଳ ହେବ।' ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାର ଏକ ଦୁର୍ଗା ପୂଜା କମିଟି ପାଇଁ ଏକ ଥିମ୍ ସଙ୍ଗ ଲେଖିଛନ୍ତି ଏବଂ ଜଣେ ରାଜ୍ୟର ମନ୍ତ୍ରୀ ଏହି ଗୀତଟି ଗାଇଛନ୍ତି। ଉତ୍ତର କୋଲକାତାର ତାଲା ପ୍ରତୋୟ ଦୁର୍ଗା ପୂଜା କମିଟିର ୧୦୦ ବର୍ଷ ପୂରଣ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ କମିଟି ଲାଗି ଏକ ଥିମ୍ ସଙ୍ଗ ଲେଖିଥବାରୁ ସେମାନେ ଗୌରବାନ୍ୱିତ ମନେ କରୁଛନ୍ତି ବୋଲି କମିଟିର ସଦସ୍ୟମାନେ କହିଛନ୍ତି।

# ଭୁଶୁଡ଼ି ପଡ଼ିଲା ପାହାଡ଼, ଅଳ୍ପକେ ବର୍ତ୍ତିଲେ ସାଂସଦ

ଡେରାଡୁନ,୧୮।୯ଃ ଉତ୍ତରାଖଣ୍ଡ ସମେତ ଅନେକ ରାଜ୍ୟରେ ଏବେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ବାଦଲ ଫଟା ବର୍ଷା ହେତୁ ପରିସ୍ଥିତି ବିଗିଡ଼ି ଯାଇଛି। ସେହିଭଳି ଲଗାତାର ଭୂସ୍ଖଳନ ହେତୁ ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏସବୁ ମଧରେ ଭାଜପା ଏମ୍‌ପି ଅନୀଲ ବଲୁନୀ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତାଙ୍କ ସାମ୍ନାରେ ଏକ ସମ୍ପୂର୍ଣ୍ଣ ପାହାଡ଼ ଖସି ପଡ଼ିଥିଲା। ସୌଭାଗ୍ୟବଶତଃ ତାଙ୍କୁ କୌଣସି ଆଘାତ ଲାଗିନାହିଁ। ହେଲେ ଯଦି ସେ ଆଗକୁ ବଢ଼ିଥାନ୍ତେ, ତେବେ ଏକ ବଡ଼ ଦୁର୍ଘଟଣା ଘଟିଥାନ୍ତା। ଭାଜପା ଏମ୍‌ପି ଅନୀଲ ବଲୁନୀ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଦେଖୁ ଦେଖୁ କିପରି ପାହାଡ଼ରୁ ମାଟି ଓ ପଥର ଖସି ରାସ୍ତାରେ ଜମା ହେଉଛି ତାହା ଦେ। ଏହି ସମୟରେ ରାସ୍ତାରେ ଅନେକ ଗାଡ଼ି ମଧ ଥିଲା, କିନ୍ତୁ ସୌଭାଗ୍ୟବଶତଃ କୌଣସି ଗାଡ଼ି କ୍ଷତିଗ୍ରସ୍ତ ହୋଇ ନ ଥିଲା। ତଥାପି ଏପରି ଭୂସ୍ଖଳନ ଘଟଣା ଲୋକଙ୍କୁ ଭୟଭୀତ କରି ଦେଇଛି। ଭିଡିଓ ଶେୟାର କରି ଏମ୍‌ପି ବଲୁନୀ ଲେଖିଛନ୍ତି, ଉତ୍ତରାଖଣ୍ଡରେ ଏହି ବର୍ଷ ଅତିବୃଷ୍ଟି ଓ ଭୂସ୍ଖଳନ ଯୋଗୁ ଏପରି ଗଭୀର କ୍ଷତ ହୋଇଛି, ଯାହାକୁ ପୂରଣ କରିବାକୁ ବହୁତ ସମୟ ଲାଗିବ। ଗତକାଲି ସାରେ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ଭୂସ୍ଖଳନର ଏକ ଭୟଙ୍କର ଦୃଶ୍ୟ ଆପଣଙ୍କ ସହ ଶେୟାର କରୁଛି। ଏହି ଦୃଶ୍ୟ ନିଜେ କହୁଛି ଯେ ଆମର ଉତ୍ତରାଖଣ୍ଡ ଏବେ କେତେ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ସହ ଗତି କରୁଛି। ସେ ଆହୁରି ଲେଖିଛନ୍ତି, ମୁଁ ବାବା କେଦାରନାଥଙ୍କଠାରୁ ସମସ୍ତଙ୍କ ସୁରକ୍ଷିତ ଜୀବନ, ସୁସ୍ଥତା ଓ ଖୁସି ପାଇଁ ମଙ୍ଗଳ କାମନା କରୁଛି। ଏହି ବିପଦ ସମୟରେ ଜନସେବାରେ ନିୟୋଜିତ ସମସ୍ତ ଅଧିକାରୀ, ଏନଡିଆରଏଫ ଓ ଏସଡିଆରଏଫ ଯବାନ, ପ୍ରଶାସନ ଏବଂ କଠିନ ପରିସ୍ଥିତିରେ ମଧ ରାସ୍ତାରୁ ମାଟି ହଟାଉଥିବା କର୍ମଚାରୀଙ୍କ ସେବାଭାବକୁ ମୁଁ ପ୍ରଶଂସା କରୁଛି। ମୁଁ ନିରନ୍ତର ପ୍ରଶାସନ ସହ ସମ୍ପର୍କରେ ଅଛି ଓ ନିଜେ ପରିସ୍ଥିତିର ଗଭୀର ନିରୀକ୍ଷଣ କରୁଛି। ଈଶ୍ୱରଙ୍କଠାରୁ ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି।

## ଭୋଟ ଚୋରି ନେଇ ରାହୁଲଙ୍କ ନୂଆ ଅଭିଯୋଗ

# ସଫ୍ଟୱେୟାର୍ ମାଧମରେ ହଟୁଛି ଭୋଟର୍‌ଙ୍କ ନାମ



ନୂଆଦିଲ୍ଲୀ,୧୮।୯ଃ ଭୋଟର ତାଲିକାରେ ଅନିୟମିତତା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପୁଣି ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଭୋଟର ତାଲିକାରୁ ଲୋକଙ୍କ ନାମ ଜାଣିଶୁଣି ହଟାଯାଉଛି। ଏହା ଏକ ବଡ଼ ଯୋଜନାର ଅଂଶ ବୋଲି ସେ ଦାବି କରିଛନ୍ତି। ଏହି କାମ ପାଇଁ ଏକ ସ୍ୱତନ୍ତ୍ର ସଫ୍ଟୱେୟାର ବ୍ୟବହାର ହେଉଛି, ଯାହା ମାଧମରେ ନକଲି ଆବେଦନପତ୍ର ତିଆରି କରାଯାଉଛି। ରାହୁଲ ଗାନ୍ଧୀ ଏହାର ପ୍ରମାଣ ତାଙ୍କ ପାଖରେ ଥିବା ମଧ କହିଛନ୍ତି। ସୂଚନା ମୁତାବକ, ଗୁରୁବାର ରାହୁଲ ଗାନ୍ଧୀ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରିଥିଲେ। ଏହି ସମ୍ମିଳନିରେ ସେ କେତେକ ପ୍ରେଜେଣ୍ଟେସନ ସମସ୍ତଙ୍କୁ ଦେଖାଇଥିଲେ। ଯେଉଁଥିରେ ସ୍ୱତନ୍ତ୍ର ସଫ୍ଟୱେୟାର ଯୋଗେ ନକଲି ଆବେଦନ ତିଆରି ହେଉଥିବା ଦେଖାଇଥିଲେ। ଯେଉଁଥିରେ କେବଳ ସଂଖ୍ୟାଲଘୁ ମାନଙ୍କୁ ଟାର୍ଗେଟ କରାଯାଉଥିଲା ବୋଲି ସେ ଦାବି କରିଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ କିଛି ଲୋକ ଜାଣିଶୁଣି ଭୋଟର ତାଲିକାରୁ ନାମ ହଟାଉଛନ୍ତି। ଏହା ଏକ ସୁଚିନ୍ତିତ ଯୋଜନା ଅନୁଯାୟୀ ହେଉଛି। ସେ କର୍ଣ୍ଣାଟକ ରାଜ୍ୟକୁ ଉଦାହରଣ ଭାବେ ଦେଇଛନ୍ତି। ସେଠାରେ ଏକ ସଫ୍ଟୱେୟାର ବ୍ୟବହାର କରି ନକଲି ଆବେଦନପତ୍ର ତିଆରି ହେଉଛି, ଯାହା ଦ୍ୱାରା ଅନେକ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଉଛି। ଏହା ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ ବୋଲି ସେ ଆଶଙ୍କା କରିଛନ୍ତି। ରାହୁଲ ଗାନ୍ଧି କର୍ଣ୍ଣାଟକର ଉଦାହରଣ ଦେଇ କହିଛନ୍ତି ଯେ କର୍ଣ୍ଣାଟକରେ ଅଳନ୍ଦ ନାମକ ଏକ ନିର୍ବାଚନମଣ୍ଡଳୀ ରହିଛି। ଯେଉଁଠି କେହି ଜଣେ ୬,୦୧୮ ଜଣ ଭୋଟରଙ୍କ ତଥ୍ୟକୁ ଡିଲିଟ କରିଦାବାକୁ ଚାହିଁଥିଲେ।"ସେ ଆହୁରି ମଧ କହିଛନ୍ତି ଯେ "ଅଳନ୍ଦର ୨୦୨୩ ନିର୍ବାଚନରେ କେତେଜଣଙ୍କ ଭୋଟ ଚୋରି ହୋଇଛି ଆମକୁ ଜଣାନାହିଁ। ଏହା ୬,୦୧୮ ଭୋଟରୁ ଅଧିକ ହେବ ନିଶ୍ଚୟ। ତେବେ ସମ୍ବିଧାନ ସହାୟତାରେ କେହି ଜଣେ ମାତ୍ର ଏତିକି ଭୋଟ ଡିଲିଟ କରୁଥିବା ବେଳେ ଧରାପଡିଯାଇଛନ୍ତି। ତେବେ ରାହୁଲ ଗାନ୍ଧୀଙ୍କ ଏହି ମନ୍ତବ୍ୟ ଆସିବାପରେ ନିର୍ବାଚନ ଆୟୋଗ ଏହାକୁ ଖଣ୍ଡନ କରିଛି। ରାହୁଲଙ୍କ ମନ୍ତବ୍ୟର କୌଣସି ସତ୍ୟତା ନାହିଁ ଏହା କେବଳ ଅନୁମାନ କରି କୁହାଯାଇଛି। କୌଣସି ଭୋଟରଙ୍କ ତଥ୍ୟକୁ କୌଣସି ପ୍ରକାର ସଫ୍ଟୱେୟାର ଯୋଗେ କଟାଯାଇନାହିଁ ବୋଲି ଇସି ସୂଚନା ଦେଇଛି। ତେବେ, ରାହୁଲ ଏହି ସଫ୍ଟୱେୟାରର ନାମ ବା ଏହା କିପରି କାମ କରୁଛି, ସେ ବିଷୟରେ କିଛି ସ୍ପଷ୍ଟ କହିନାହାନ୍ତି। ସେ କେବଳ ଏତିକି ଜଣାଇଛନ୍ତି ଯେ ଏହା ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ। ରାହୁଲ ଗାନ୍ଧୀ କହିଛନ୍ତି ଯେ ତାଙ୍କ ପାଖରେ ଏହି ଅଭିଯୋଗର ସପକ୍ଷରେ ପ୍ରମାଣ ଅଛି। ତେବେ, ସେ ଏହି ପ୍ରମାଣଗୁଡ଼ିକୁ ସାର୍ବଜନୀନ ଭାବେ ପ୍ରକାଶ କରିନାହାନ୍ତି।

## ରାଜ କୁନ୍ଦ୍ରା-ଶିଳ୍ପା ଶେଟ୍ଟୀଙ୍କ ଠକେଇ ମାମଲା

# ଇଓଡବ୍ଲ୍ୟୁ ରାଡାର୍‌ରେ ବିପାଶା, ନେହା ଓ ଏକତା



ମୁମ୍ବାଇ,୧୮।୯ଃ ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସହିତ ଜଡିତ ୬୦ କୋଟି ଠକେଇ ମାମଲାରେ ଏକ ନୂତନ ମୋଡ଼ ଆସିଛି। ମୁମ୍ବାଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବେ ତିନି ଜଣ ପ୍ରମୁଖ ଚଳଚ୍ଚିତ୍ର ଶିଳ୍ପ ବ୍ୟକ୍ତିତ୍ୱ – ବିପାଶା ବସୁ, ନେହା ଧୂପିଆ ଏବଂ ଏକତା କପୁରଙ୍କୁ ସାମିଲ କରିବା ପାଇଁ ଏହାର ତଦନ୍ତକୁ ବିସ୍ତାର କରୁଛି।

ଏକ ଇଂରାଜୀ ଗଣମାଧମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଇଓଡବ୍ଲ୍ୟୁ ଖୁବ ଶୀଘ୍ର ଏହି ତିନି ଜଣଙ୍କୁ ନୋଟିସ ଜାରି କରିବ। ନୋଟିସ ସେମାନଙ୍କୁ ରାଜ କୁନ୍ଦ୍ରାଙ୍କ କମ୍ପାନୀରୁ ପାଇଥିବା ପରିମାଣ, ବ୍ୟବହାର କରାଯାଇଥିବା ବିବରଣୀ ଏବଂ ପେମେଣ୍ଟ ପ୍ରକ୍ରିୟା ବିଷୟରେ ସୂଚନା ଦେବାକୁ କୁହାଯିବ। ତଦନ୍ତକାରୀ ଅଧିକାରୀମାନେ ସମଗ୍ର ଆର୍ଥିକ ନେଟୱାର୍କକୁ ବୁଝିବା ପାଇଁ ଏହି କାରବାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଚାହାଁନ୍ତି। ଏହି ମାମଲା ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ବ୍ୟବସାୟୀ ଦୀପକ କୋଠାରୀ ଅଭିଯୋଗ କରିଥିଲେ ଯେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ତାଙ୍କୁ ପ୍ରାୟ ୬୦ କୋଟି ଠକେଇ କରିବାକୁ ଷଡ଼ଯନ୍ତ୍ର କରିଥିଲେ। କୋଠାରୀଙ୍କ ଅନୁଯାୟୀ, ୨୦୧୫ ରୁ ୨୦୨୩ ମଧରେ, ସେ ରାଜ କୁନ୍ଦ୍ରାଙ୍କୁ ବ୍ୟବସାୟ ବିସ୍ତାର ନାମରେ ଏକ ବିପୁଳ ପରିମାଣର ଟଙ୍କା ଦେଇଥିଲେ, କିନ୍ତୁ ପରେ ଜଣାପଡିଥିଲା ଯେ ଏହି ଟଙ୍କା ବ୍ୟବସାୟିକ ଉଦ୍ଦେଶ୍ୟ ବଦଳରେ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ବ୍ୟବହୃତ ହୋଇଥିଲା। ଏହି ମାମଲାରେ ଇଓଡବ୍ଲ୍ୟୁ ରାଜ କୁନ୍ଦ୍ରାଙ୍କୁ ପଚରାଉଚରା କରିଛି। ପଚରାଉଚରା ସମୟରେ, କୁନ୍ଦ୍ରା ଦାବି କରିଛନ୍ତି ଯେ ଟଙ୍କାର ଏକ ଅଂଶ ବିଭିନ୍ନ ଅଭିନେତ୍ରୀଙ୍କୁ 'ଫିଜ' ଭାବରେ ଦିଆଯାଇଥିଲା। ବର୍ତ୍ତମାନ, ପୋଲିସ ତଦନ୍ତ କୁନ୍ଦ୍ରାଙ୍କ କମ୍ପାନୀ 'ବେଷ୍ଟ ଡିଲ ଟିଭି' ମାଧମରେ ପ୍ରକୃତରେ କିପରି ପାଣ୍ଠି ବ୍ୟବହାର କରାଯାଇଥିଲା ତାହା ଉପରେ କେନ୍ଦ୍ରିତ। ତଦନ୍ତ ସମୟରେ, ଯେତେବେଳେ ରାଜ କୁନ୍ଦ୍ରାଙ୍କୁ 'ବେଷ୍ଟ ଡିଲ' ପ୍ରୋଜେକ୍ଟ ସହିତ ଜଡିତ ଭିଡିଓଗୁଡ଼ିକ କେଉଁଠାରେ ଅଛି ସେ ବିଷୟରେ ପଚରାଯାଇଥିଲା, ସେ କହିଥିଲେ ଯେ ଏହି ଭିଡିଓଗୁଡ଼ିକ ପୂର୍ବରୁ ମୁମ୍ବାଇ ପୋଲିସର ସମ୍ପତ୍ତି ସେଲକୁ ହସ୍ତାନ୍ତର କରାଯାଇଛି। ତଥାପି, ତଦନ୍ତକାରୀ ଅଧିକାରୀମାନେ ବିଶ୍ୱାସ କରନ୍ତି ଯେ ଏହି ଭିଡିଓଗୁଡ଼ିକର ପୁନଃପରୀକ୍ଷା ଆବଶ୍ୟକ ଏବଂ ସେଗୁଡ଼ିକୁ ପୁନର୍ବାର ଜବତ କରିବା ପାଇଁ ପ୍ରସ୍ତୁତି ଚାଲିଛି। ତଦନ୍ତକାରୀ ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଆଗାମୀ ଦିନରେ ମାମଲାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ମଧ ପଚରାଉଚରା ପାଇଁ ଡକାଯାଇପାରେ। ଇଓଡବ୍ଲ୍ୟୁ ଏବେ ନିବେଶକଙ୍କ ଟଙ୍କା ପ୍ରକୃତରେ ଅପବ୍ୟବହାର କରାଯାଇଥିଲା କି ନାହିଁ ଏବଂ ଏଥିରେ କିଏ ସମସ୍ତେ ସାମିଲ ଥିଲେ ତାହାର ତଲବ କରିବାକୁ ଚାହୁଁଛି।

● ରାଜଭବନଠାରେ ରକ୍ତଦାନ ଶିବିର

# ୧୭୦ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରକ୍ତଦାତାଙ୍କ ଦ୍ୱାରା ଅନ୍ୟର ଜୀବନ ରକ୍ଷା ପାଇଁ ପ୍ରଦର୍ଶିତ କରୁଣା ଓ ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ ଏବଂ ଆଶ୍ୱାସଜନକ ବୋଲି ମତ ପ୍ରକାଶ କରିଛନ୍ତି। ଗୁରୁବାର ଦିନ ରାଜ ଭାବନର ନ୍ୟୁ ଅଭିଷେକ ହଲରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ ସମୟରେ ରାଜ୍ୟପାଳ ଏପରି ମନ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶିବିର ରାଜଭବନ ଓ କ୍ୟାପିଟାଲ ହସ୍ପିଟାଲର ବ୍ଲଡ ବ୍ୟାଙ୍କର ମିଳିତ ସହଯୋଗରେ ଆୟୋଜିତ କରାଯାଇଥିଲା। ଶିବିରରେ ମୋଟ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟସଦସ୍ୟା ଏବଂ ରାଜଭବନର କର୍ମଚାରୀ ଓ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜନସେବା ଓ ସାମୂହିକ ଅଂଶଗ୍ରହଣ ପୂର୍ବକ ସମର୍ପଣଭାବ ପ୍ରଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ରାଜ୍ୟପାଳ ରକ୍ତଦାତାମାନଙ୍କ ସହ ଆଲୋଚନା କରି ସେମାନଙ୍କ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଏପରି ମାନବିକ ପ୍ରୟାସକୁ ନିରନ୍ତର ସମର୍ଥନ କରିବାକୁ ଉତ୍ସାହିତ କରିଥିଲେ। ରାଜ୍ୟପାଳ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଏବଂ ଟି-ସାର୍ଟ ବଣ୍ଟନ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଶିବିରର ଉଦ୍ଦେଶ୍ୟ ଥିଲା। ଶିବିରଟି ରାଜଭବନ ଡିସପେନସାରୀର ଡା. ବିକେ ମେହେର ଏବଂ କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ଡା. ଦେବାଶିଷ ମିଶ୍ରଙ୍କ ସମନ୍ୱୟରେ ପରିଚାଳିତ ହୋଇଥିଲା।

## ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣାରେ ନାରୀ ନ୍ୟାୟ ବାହିନୀର ନ୍ୟାୟ ଦାବି




**ପୁରୀ,୧୮।୯(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଘଟି ଯାଇଥିବା ଗଣ ଦୁଷ୍କର୍ମ ମାମଲାରେ ନାରୀ ନ୍ୟାୟ ବାହିନୀ ର ଅବାହିକ ଡ଼ ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡିତା ଘରକୁ ଯାଇଥିଲେ। ସେଠାରେ ପରିବାର ଠାରୁ ତଥ୍ୟ ସଂଗ୍ରହ କରିଥିଲେ। ପୁରୀ ସଦରଥାନାକୁ ଯାଇ ପୀଡିତା ଓ ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ପଚାରି ବୁଝିଥିଲେ। ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ପୀଡିତାକୁ ତୁରନ୍ତ ନ୍ୟାୟ ଓ ଅଭିଯୁକ୍ତ ମାନଙ୍କୁ କଠୋର ଦଣ୍ଡ ବିଧାନ ପାଇଁ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ମଧୁସ୍ମିତା ଦାସ, ସୂର୍ଯ୍ୟସ୍ମିତା ପଣ୍ଡା, ଶେଫାଳି ଶର୍ମା, ସୃଷ୍ଟି ସୋମେନ, ରଞ୍ଜୁକ୍ତା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ବଡଚଣା ବିଜେଡି ପକ୍ଷରୁ ବିଭିନ୍ନ ଦାବି ନେଇ ବାଲିଚନ୍ଦ୍ରପୁର ଥାନା ଘେରାଉ

**ଧର୍ମଶାଳା,୧୮।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲା ବଡଚଣା ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ଦାବି ନେଇ ବାଲିଚନ୍ଦ୍ରପୁର ଥାନା ଘେରାଉ କରାଯାଇଥିବା ଦେଖିବାକୁ ମିଳିଛି। ଦଳୀୟ ନେତା ଓ କର୍ମୀମାନେ ନାରାବାଜି ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଆଜି ବଡଚଣା ବ୍ଲକ ଯୁବ ବିଜେଡି ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବ୍ଲକ ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଥାନା ଘେରାଉ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ଓ ବରିଷ୍ଠ ବିଜେଡି ନେତା ପ୍ରହ୍ଲାଦ ନନ୍ଦ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟରେ ଓ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଅରାଜକତା ବୃଦ୍ଧି ପାଇବାରେ ଲାଗିଛି। ଥାନା ଅଞ୍ଚଳରୁ ମୋରମ, ବାଲି, ମାଟି, ମାଙ୍କଡା ପଥର ଆଦି ଲୁଟପାଟ୍ ଚାଲିଛି। ଥାନାରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ବରଂ ସେମାନଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରାଯାଉଛି। ବିଜେପି ଲୋକଙ୍କ ପାଇଁ ଥାନା ଅଧିକାରୀ କାମ କରୁଥିବା ବେଳେ ଏଠାରେ ମହିଳାମାନେ ଅସୁରକ୍ଷିତ, ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ଥାନା ବିଜେପି ପାର୍ଟି କାର୍ଯ୍ୟାଳୟ ପାଲଟିଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଥାନାରୁ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଏକ ଦାବି ପତ୍ର ଯାଜପୁର ରୋଡ ଏସଡିପିଓଙ୍କୁ ପ୍ରଦାନ କରିଥିଲେ। ତୁରନ୍ତ ବଦଳି କରା ନ ଗଲେ ଆଗକୁ ବିଜେଡି ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦିଆଯାଇଛି।

ସାର ସଙ୍କଟର ସମାଧାନ ଦାବି

# ୨୩ରେ ବିଧାନସଭା ଘେରିବ କିଷାନ କଂଗ୍ରେସ

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ସାରା ରାଜ୍ୟର ଚାଷୀକୁଳ ସାର ଅଭାବ ଯନ୍ତ୍ରଣାରେ ଗତ ଦୁଇ ମାସ ଧରି ଛଟପଟ ହେଉଛନ୍ତି। ନବରଙ୍ଗପୁରରୁ ରାଇରଙ୍ଗପୁର, ମହେନ୍ଦ୍ରତନୟାରୁ ମହୋଦଧି ତଟ ପର୍ଯ୍ୟନ୍ତ ଚାଷୀକୁଳ ସାର ପାଇଁ କ୍ଷେତ ଛାଡି ରାସ୍ତାରେ ବସିଛନ୍ତି। କ୍ଷେତରେ କାମ କରିବା ଚାଷୀ କେତେବେଳେ ସମବାୟ ସମିତି ଆଗରେ, କେତେବେଳେ କୃଷି କାର୍ଯ୍ୟାଳୟ ଆଗରେ ଓ ଆଉ କେତେବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛି, ଧାରଣା ଦେଉଛି, ଆଧାରକାର୍ଡ ଧାଡ଼ିରେ ରଖି ସାର ପାଇଁ ଅପେକ୍ଷା କରୁଛି, ହେଲେ



ସାର ଅଭାବ ପୁରଣ ହେଇପାରୁନାହିଁ। ଅନ୍ୟପକ୍ଷରେ ୟୁରିଆ ସାର ଲକ୍ଷ ଲକ୍ଷ ଟନ ଗଚ୍ଛିତ ଅଛି ବୋଲି ସରକାର ଖୁବ୍ ଚଢ଼ା ଗଳାରେ ବୟାନ ରଖୁଛନ୍ତି। କିନ୍ତୁ ଚାଷୀ ସାର ମିଳିବା ଯନ୍ତ୍ରଣାରୁ ମୁକ୍ତି ପାଇପାରୁନାହିଁ। ଚାଷୀକୁଳକୁ ହୀନସ୍ତା କରି ରାଜ୍ୟବାସୀଙ୍କର ପ୍ରଭୂତ କ୍ଷତି କରୁଥିବା ସରକାର ବିରୋଧରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଆସନ୍ତା ୨୩ ସକାଳ ୯ଟାରେ କଟକ ଜିଲ୍ଲା ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଓଡ଼ିଶା କିଷାନ କଂଗ୍ରେସର ଏକ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥରେ ରସୁଲଗଡ଼, ବାଣୀବିହାର ଦେଇ ମାଷ୍ଟରକ୍ୟାଂଟିନସ୍ଥିତ କଂଗ୍ରେସ ଭବନରେ ପହଞ୍ଚିବ। ସେଠାରେ ଏକ ସଭା କରି ଚାଷୀକୁଳର ନେତା ଓ କର୍ମୀମାନେ ବହୁ ସଂଖ୍ୟାରେ ବିଧାନସଭା ଘେରାଉ କରିବେ ବୋଲି ପିସିସି କିଷାନ ସେଲ୍‌ଫର ଅଧ୍ୟକ୍ଷ ଅଭୟ ସାହୁ ଜଣାଇଛନ୍ତି। କିଷାନ କଂଗ୍ରେସର ଏକ ଜରୁରୀ କର୍ମକର୍ତାଙ୍କ ବୈଠକ ବସି ଆସନ୍ତା ବିଧାନସଭା ଅବଧି ଭିତରେ ରାଜ୍ୟରେ ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ ବା ସମବାୟ ସମିତି ଆଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦିଆଯାଇଛି। ସମସ୍ୟା ଦୂର ହେବା ପର୍ଯ୍ୟନ୍ତ ଆବଶ୍ୟକ ସ୍ଥଳେ ଅହୋରାତ୍ର ଧାରଣାରେ ବସି ସରକାରଙ୍କୁ ବାଧ୍ୟ କରିବା ପାଇଁ ଚରମ ପଦକ୍ଷେପ ନେବା ପାଇଁ ନିଷ୍ପତି ନେଇଛନ୍ତି। ଏହି ବୈଠକରେ କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ ଓ କିଷାନ ନେତା ଡ. କାର୍ତ୍ତିକ ବରାଳ, ଅରୁଣ ଜେନା, ଲଲାଟେନ୍ଦୁ ମୋହନ ପଟ୍ଟନାୟକ, ଶୀତିକଣ୍ଠ ମହାନ୍ତି, ରତନ ନାୟକ, ଜାନକୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରୀଙ୍କ ମୁଣ୍ଡ ଫଟାଇଲେ ଆମ ବସ୍ କର୍ମଚାରୀ

### କର୍ମଚାରୀଙ୍କୁ ବହିଷ୍କାର କଲା କ୍ରୁଟ୍

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ଆମ ବସ୍ କର୍ମଚାରୀଙ୍କ ଦାଦାଗିରି। ଯୁକ୍ତିତର୍କରୁ ଯାତ୍ରୀଙ୍କୁ ନିର୍ଘୃମ ଛେଚିବା ସହ ମୁଣ୍ଡ ଫଟାଇଛନ୍ତି ଆମ ବସ୍ କଣ୍ଡକ୍ଟର। ଓଡିଶାଆଇଏଏଚ୍୧୬୬ ଗାଡି ରେ ଘଟିଛି ଏହି ଘଟଣା। ପରେ ଏହି ଘଟଣାରେ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) କାର୍ଯ୍ୟାନୁଷ୍ଠାନ ନେଇଛି। ମାଡ଼ ମାରିଥିବା କଣ୍ଡକ୍ଟରକୁ କ୍ରୁଟ ନିଲମ୍ବନ କରିଛି। ଏଥି ସହିତ ଏହି ଘଟଣାକୁ ନେଇ କ୍ରୁଟ ଦୁଃଖ ପ୍ରକାଶ କରିଛି। କ୍ରୁଟ କହିଛି ଯେ, ଆଜିର ୨୮ ନମ୍ବର ରୁଟ୍ ଆମ ବସ୍‌ଷ୍ଟପ୍‌ରେ ଘଟିଥିବା ଘଟଣାକୁ ନେଇ କ୍ରୁଟ୍ ଅତ୍ୟନ୍ତ ଦୁଃଖିତ। ବସ୍‌ରେ ଯାତ୍ରା କରୁଥିବା ଜଣେ ଯାତ୍ରୀ ପାଇବାକୁ ଥିବା ଅବଶିଷ୍ଟ ଟିକେଟ୍ ମୂଲ୍ୟକୁ ନେଇ ଗାଇଡ୍ ସହିତ ବଚସା ଆରମ୍ଭ ହୋଇଥିଲା। ପରେ



ଏହା ମାରପିଟ୍ ଆଡ଼କୁ ଗତି କରିଥିଲା। ୟୁନିଟ୍ ୮ ନିକଟରେ ଘଟିଥିବା ଏଭଳି ଘଟଣା ପରେ ଦାୟିତ୍ୱରେ ଥିବା ଗାଇଡ୍ କୁ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଇଛି। ଏନେଇ ରେଭିନ୍ୟୁ କଲେକ୍ସନ୍ ଏଜେନ୍ସି (ଆରସିଏ) ପକ୍ଷରୁ ସ୍ଥାନୀୟ ପୁଲିସ୍ ଷ୍ଟେସନ୍ ରେ ପ୍ରାଥମିକ ସୂଚନା ରିପୋର୍ଟ ପ୍ରଦାନ କରାଯାଇଛି। କ୍ରୁଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଏହା ଉପରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ୟୁନିଟ ୮ ମାର୍କେଟ ପାଖରେ ଥିବା ବସ ଷ୍ଟପରେ ଯାତ୍ରୀ ଜଣଙ୍କ ବସକୁ ଚଢ଼ିଥିବା ବେଳେ ଗଭର୍ଣ୍ଣର ହାଉସ୍ ଛକକୁ ଆସୁଥିଲେ ହେଲେ କଣ୍ଡକ୍ଟର୍ ଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। କଣ୍ଡକ୍ଟର ରାଗିଯାଇ ଯାତ୍ରୀଙ୍କୁ ବସ୍ ବାହାରକୁ ବାହାର କରି ଦେବା ସହିତ ଶକ୍ତ ଚାପୁଡ଼ା ମାରିଥିଲେ।ଏହାସହ ରାସ୍ତା କଡରେ ତାର ଜାଲି ରେ ପକାଇ ମାରିବାରୁ ବ୍ୟକ୍ତିଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଛନ୍ତି।

## ଶୁଭମିତ୍ରାଙ୍କ ପାଇଁ ନ୍ୟାୟ ଦାବିରେ ମହିଳା କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ଓଡିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶ କ୍ରମେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତା ଏବଂ କର୍ମୀଙ୍କ



ପକ୍ଷରୁ ମୃତା ଶୁଭମିତ୍ରା ସାହୁଙ୍କ ଆତ୍ମାର ସଦଗତି କାମନା ସହ ନ୍ୟାୟ ଦାବି କରି ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।ଏହି ମହମବତୀ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚିଥିଲା। ସେଠାରେ ଅମର ଆତ୍ମା ଉଦ୍ଦେଶ୍ୟରେ ମହିଳା କଂଗ୍ରେସ ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାରକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ଏହାର ପ୍ରତିକାର ପାଇଁ ସରକାର ପାଖରେ ଦାବି କରାଯାଇଥିଲା । ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସହ ଦୋଷୀକୁ ପାସୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ପାତ୍ର,ସିଲି ସେଠୀ,ବିଶ୍ୱକଲ୍ୟାଣୀ କର,ଅମିତା ବିଶ୍ୱାଳ, ସୁନୀତା ବିଶ୍ୱାଳ, ମଧୁମିତା ସେଠୀ,ଶ୍ରୀୟାସ୍ମିତା ପଣ୍ଡା,ଉର୍ବଶୀ ମିତ୍ର, ରଂଜିତା ହେମ୍ବ୍ରମ, ଅନୀମା ମୀଞ୍ଜ ,ଚୈତାଳୀ ପଟ୍ଟନାୟକ,ଗୀତା ମହାନ୍ତି,ମାଳତୀ ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

## ଗାଡ଼ି ଧକ୍କାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

**କୋରେଇ,୧୮।୯(ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ନିକଟରେ ଗାଡ଼ି ଧକ୍କାରେ ଜଣେ ଟ୍ରକ୍ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।
ପ୍ରକାଶଯେ, ନୟାଗଡ଼ ଜିଲ୍ଲା ଜୟପୁରା ଗ୍ରାମର ମହାଜନ ପ୍ରଧାନଙ୍କ ପୁଅ ଶରତ (ଓଡ଼ି୦୪ କ୍ୟୁ ୯୭୦୧) ଟ୍ରକର ଚାଳକ ଥିଲେ। ତେବେ ସେ ଗତକାଲି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଭୋର୍ ସମୟରେ ପଥରପଦାସ୍ଥିତ ବାଜାଜ ସୋ ରୁମ ସାମ୍ନାରେ ଗାଡ଼ି ରଖି ଚାହା ପିଇବାକୁ ଓହ୍ଲାଉଥିବା ବେଳେ ପଛପଟୁ ଆଉ ଏକ ଗାଡ଼ି ତାଙ୍କୁ ଚଢାଇ ଦେଇ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପାଣିକୋଇଲି ପୁଲିସ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଶରତଙ୍କ ମୃତଶରୀରକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଳୟରେ ଆସ ଆମେ ସ୍କୁଲ ଯିବା କାର୍ଯ୍ୟକ୍ରମ

**କନ୍ଧମାଳ,୧୮।୯ (ସଂଚାର ବ୍ୟୁରୋ):** ଲାଇନ୍‌ପଡ଼ା ମଧ୍ୟଇଂରାଜୀ ବିଦ୍ୟାଳୟ ତରଫରୁ 'ଆସ ଆମେ ସ୍କୁଲ ଯିବା 'ପାଳନ କରାଯାଇଛି। ପ୍ରଧାନ ଶିକ୍ଷଯ ସୁଶାନ୍ତ କୁମାର ମୁଖୀ, ସହକାରୀ ଶିକ୍ଷକ ସୁଜିତ କୁମାର ସାହୁ, ଲକ୍ଷ୍ମୀପ୍ରିୟା ନାୟକ, କ୍ରୀଡା ଶିକ୍ଷକ ଅବୋଧ କୁମାର ସାହୁ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପଦଯାତ୍ରା କରିଥିଲେ। ପଦଯାତ୍ରା ସହ ସଙ୍ଗୀତ ଶିକ୍ଷକ ଅସିତ୍ ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ବାଦ୍ୟଯନ୍ତ୍ର ସାହାଯ୍ୟରେ ସଙ୍ଗୀତ ଭିତିକ ସଚେତନ କାର୍ଯ୍ୟକ୍ରମ 'ଆସ ଆମେ ସ୍କୁଲ ଯିବା ପରିଚାଳନା କରିଥିଲେ।

## ଚମ୍ପୁଆ ବନ ବିଭାଗ ପକ୍ଷରୁ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଚମ୍ପୁଆ,୧୮।୯(ସଂଚାର ବ୍ୟୁରୋ):** ଚମ୍ପୁଆ ବନ ବିଭାଗ ପକ୍ଷରୁ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ଚମ୍ପୁଆ ବନାଞ୍ଚଳ ଅଧିନରେ ଥିବା ୫୩ ଗୋଟି ପଞ୍ଚାୟତକୁ ବନ ବିଭାଗ ପକ୍ଷରୁ ୨୯ ହଜାର ୧୫୦ଟି ଚାରା ବଣ୍ଟନ କରଯାଇଥିଲା। ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରୀଆ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ନିକଲସନ ବନ ବିଦ୍ୟାଳୟର ଡିସିଏଫ୍ ରାମଚନ୍ଦ୍ର ମୁର୍ମୁ, ଏସିଏଫ ରବିନ କିସ୍କୁ, ଓକିଲ ସଂଘ ସଭାପତି ରମେଶ ପ୍ରଧାନ, ବିଜେଡି ବ୍ଲକ ସଭାପତି ଗଣେଶ ଖିଲାର, ନିକଲସନ ବନ ବିଦ୍ୟାଳୟର ପ୍ରଶିକ୍ଷଣ ନେଉଥିବା ସମସ୍ତ ପ୍ରଶିକ୍ଷାର୍ଥ, ବନସୁରକ୍ଷା ସମିତିର ସଦସ୍ୟ ସଦସ୍ୟା, ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

## ୫ କେଜି ଗଞ୍ଜେଇ ଜବତ

**ମୁଖୀଗୁଡା,୧୮।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ରଜାଘର ପଛପଟ ବନ୍ଧପଡ଼ାରେ ବେଆଇନ ଭାବେ ଗଞ୍ଜେଇ ବିକ୍ରି କରୁଥିବା କାଞ୍ଚନ ସେଠୀ(୬୮)କୁ ଗିରଫ କରି କୋର୍ଟଚାଲାଣ କରିଛି ଅବକାରୀ ବିଭାଗ। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଧର୍ମଗଡ଼ ରେଞ୍ଜ ଇନିସ୍ପେକ୍ଟର ସୁଧାଂଶୁ ମୁଣ୍ଡାଙ୍କ ନେତୃତ୍ୱରେ ଜୟପାଟଣା ଅବକାରୀ ଥାନା ଅଧିକାରୀ ନରେନ୍ଦ୍ର ମିଞ୍ଜ ସହ ତାଙ୍କ ଟିମ ଆଜି ସକାଳୁ କାଞ୍ଚନଙ୍କ ଘରେ ଚଢ଼ଉ କରି ୫ କେଜି ଗଞ୍ଜେଇ ଜବତ କରିଥିଲେ।

## ୧୯ ଜୀବନ ନେଲାଣି ମସ୍ତିଷ୍କ ଖାଉଥିବା ରୋଗ ଆମିବା-୧୧

**କେରଳ,୧୮।୯:** କେରଳରେ ହାଇଆଲର୍ଟ। ୧୯ ଜୀବନ ନେଲାଣି ଆମିବା। କେରଳରେ ପ୍ରାଇମାରୀ ଆମିବିକ୍ ମେନିଞ୍ଜୋଏନ୍ସେଫାଲାଇଟିସ୍ ବା ପିଏଏମ ସଂକ୍ରମଣ ବୃଦ୍ଧି ହୋଇଛି। ଆମିବାକୁ ନେଇ ରାଜ୍ୟରେ ହାଇଆଲର୍ଟ ଜାରି କରାଯିବା ସହ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସତର୍କ କରାଯାଇଛି। କେରଳର ବିଭିନ୍ନ ଜିଲ୍ଲାରେ କେସ୍ ରେକର୍ଡ କରାଯାଇଛି। ଯେଉଁଥିରେ ୩ମାସର ଶିଶୁ ସହ ୯୧ ବର୍ଷୀୟ ବୟସ୍କ ସାମିଲ ରହିଛନ୍ତି। ଏହି ସଂକ୍ରମଣ ନିଗ୍ରୋହଲିୟା ଫାଓଲରୀ ଆମିବା ଦ୍ୱାରା ହୁଏ, ଯାହାକୁ 'ବ୍ରେନ୍ ଇଟିଙ୍ଗ ଆମିବା' ବୋଲି କୁହାଯାଏ। ୨୦୨୫ରେ କେରଳରେ ୬୯ଟି ସଂକ୍ରମଣ କେସ୍ ରିପୋର୍ଟ ହୋଇଛି। ଏଥିରେ ୧୯ ଜଣଙ୍କର ମୃତ୍ୟୁ ହୋଇଛି। ଅଧିକାଂଶ ମୃତ୍ୟୁ ପୂର୍ବ କିଛି ସପ୍ତାହରେ ଘଟିଛି।



## କଲେଜ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର

**ଗୋପାଳପୁର,୧୮।୯(ସଂଚାର ବ୍ୟୁରୋ):** ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମର ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ମାମଲାରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୋଳଥିଗାଁ ଦିବାକର ଦାସ (୧୯)। ଏହି ଥାନା ଅଧିନସ୍ଥ ଏକ ଗ୍ରାମର ଯୁକ୍ତ ଦୁଇ ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ କୋଳଥିଗାଁ ଦିବାକର ଦାସ ପ୍ରୋଲାଭନ ଦେଖି ସେପ୍ଟେମ୍ବର ୪ ତାରିଖରେ ଘରୁ ଅପହରଣ କରି ନେଇ ଯାଇଥିଲେ। ଛାତ୍ରୀଙ୍କ ପରିବାର ଲୋକ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ଟେର ପାଇ ନ ଥିଲେ। ଏନେଇ ପରିବାର ଲୋକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେଶ୍ ନଂ. ୩୯୩/୨୫ ପ୍ରକାରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀ ଓ ଦିବାକର ତାମିଲନାଡୁରେ ଥିବା ଖବର ପାଇ ବୁଧବାର ଗୋଳନ୍ଥରା ଥାନାର ଏକ ପୋଲିସ ଟିମ ସେଠାରେ ଚଢ଼ାଉ କରି ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଦିବାକରଙ୍କୁ କାବୁ କରିଥିଲା। ଛାତ୍ରୀ ଜଣକ ପୋଲିସ ନିକଟରେ ଶାରୀରିକ ସମ୍ପର୍କ ରଖିଥିବା ନେଇ ପ୍ରକାଶ କରିଥିଲେ। ପରେ ପୋଲିସ ମାମଲାକୁ ପରିବର୍ତ୍ତନ କରି ବଳତ୍କାର ମାମଲା ରୁଜୁ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତ ଦିବାକରଙ୍କୁ ପୋଲିସ ଗିରଫ କରିଥିଲା। ବିଏନ୍‌ଏସ୍‌ଏସ୍ ୧୮୩ ଧାରା ଅନୁସାରେ ନାବାଳିକା ଛାତ୍ରୀଙ୍କ ବିଚାରପତିଙ୍କ ନିକଟରେ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ଦିବାକରକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ଓଡ଼ିଶା ସିଭିଲ ସର୍ଭିସେସ ପ୍ରିଲିମ ପରୀକ୍ଷା-୨୦୨୪ର ତାରିଖ ଘୋଷଣା

**କଟକ,୧୮।୯(ସଂଚାର ବ୍ୟୁରୋ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଓଡ଼ିଶା ସିଭିଲ ସର୍ଭିସେସ (ପ୍ରିଲିମ) ପରୀକ୍ଷା-୨୦୨୪ର ତାରିଖ ଘୋଷଣା କରିଛି। ପରୀକ୍ଷା ଅକ୍ଟୋବର ୧୨, ୨୦୨୫ରେ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଜୟପୁର ଓ ସମ୍ବଲପୁର ଏହି ଛଅଟି ଜୋନରେ ଅନୁଷ୍ଠିତ ହେବ। ଆୟୋଗର ବିଜ୍ଞପ୍ତି ଅନୁଯାୟୀ, ପରୀକ୍ଷା ଦୁଇଟି ସିଟିଂରେ ହେବ: ପେପର-୧ ସକାଳ ୧୦:୦୦ରୁ ମଧ୍ୟାହ୍ନ ୧୨:୦୦ ପର୍ଯ୍ୟନ୍ତ ଏବଂ ପେପର-୨ ଅପରାହ୍ନ ୧:୩୦ରୁ ୩:୩୦ ପର୍ଯ୍ୟନ୍ତ। ଦିବ୍ୟାଙ୍ଗ (ପିଡବ୍ଲ୍ୟୁଡି) ଶ୍ରେଣୀର ପରୀକ୍ଷାର୍ଥୀଙ୍କୁ ପ୍ରତ୍ୟେକ ସିଟିଂରେ ଅତିରିକ୍ତ ୪୦ ମିନିଟ୍ ସମୟ ମିଳିବ। ପ୍ରବେଶପତ୍ର ଓ ପରୀକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଅକ୍ଟୋବର ୪, ୨୦୨୫ରୁ ଓପିଏସସିର ଅଫିସିଆଲ ୱେବସାଇଟ www.opsc.gov.in ରେ ଉପଲବ୍ଧ ହେବ।

## ରେଭେନ୍ସାକୁ ମିଳିଲା ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ଅନୁମତି

କଟକ : ରେଭେନ୍ସାକୁ ମିଳିଲା ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ଅନୁମତି । ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଚାରି ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ITEP) ପାଇଁ ଏନସିଟିଇରୁ ମାନ୍ୟତା ମିଳିଛି। ଆଗାମୀ ଶିକ୍ଷା ବର୍ଷରୁ ନୂଆ ଚାରି ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ ହେବ ।

ଗତ ବର୍ଷ ରେଭେନ୍ସା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଆବେଦନ କରାଯାଇଥିଲା । ଏହି ଅନୁମତି ମିଳିବା ପରେ ପୂର୍ବରୁ ରେଭେନସାରେ ଚାଲିଥିବା ପାରମ୍ପରିକ ଚାରି ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍ / ବିଏସ ସି ବିଏଡ ସ୍ଥାନରେ ଆଗାମୀ ଶିକ୍ଷା ବର୍ଷରୁ ନୂଆ ଚାରି ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ ହେବ ।

ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (NTA) ପକ୍ଷରୁ କରାଯାଉଥିବା ନ୍ୟାସନାଲ୍ କମନ୍ ଏନଟ୍ରାନ୍ସ ଟେଷ୍ଟରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଲିସ୍ ...

ତାଙ୍କରେ ସେଇ ଭାଇ ଅଭିଯୋଗ କରିଛନ୍ତି। ଏହାପରେ ୨୦୨୨ରେ ସଡକ ଦୁର୍ଘଟଣାରେ ଅପର୍ଣ୍ଣାଙ୍କ ମୃତ୍ୟୁ ହୋଇଥିଲା ବୋଲି ଦୀପକ କହିଥିଲା।

ଭୁବନେଶ୍ୱରରୁ ଢେଙ୍କାନାଳ ଫେରିବା ବାଟରେ ଖୁଣ୍ଟୁଣୀ ନିକଟରେ ଦୁର୍ଘଟଣା ହୋଇଥିବା ପରିବାରକୁ ସୂଚନା ଦେଇଥିଲା ଦୀପକ। ଅପର୍ଣ୍ଣା କାରରୁ ଓହ୍ଲାଇବା ବେଳେ ହଠାତ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ତେବେ ଆମ୍ବୁଲାନ୍ସ ବିଳମ୍ବ ହେବାରୁ ହସ୍ପିଟାଲ ନେବାରେ ବିଳମ୍ବ ହୋଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଅପର୍ଣ୍ଣାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଏକ ନାଟକ ଥିଲା। ଏପରି ନାଟକୀୟ ଢଙ୍ଗରେ ଅପର୍ଣ୍ଣାଙ୍କର ମୃତ୍ୟୁକୁ ଦୁର୍ଘଟଣାର ରୂପ ଦେଇଥିଲା।

ଯେଉଁ ବାବଦରେ ଦୀପକ କୋଟିଏ ଟଙ୍କାର ବୀମା ରାଶି ପାଇଥିଲା। ତେଣୁ ଏ ଘଟଣାର ବି ତଦନ୍ତ ହେବା ଦରକାର ବୋଲି ଦାବି କରିଛନ୍ତି ଅପର୍ଣ୍ଣାଙ୍କ ପରିବାର ଲୋକେ।

### ମନ୍ଦିରରୁ...

ବିଚାରପତି ରାଜା ବିଜୟରାଘବନ ଭି ଏବଂ କେ.ଭି. ଜୟକୁମାରଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ କହିଛନ୍ତି ଯେ, ଏହି ଅଭାବ କେବଳ ସୁନା ପ୍ଲେଟିଂ ଯୋଗୁଁ ହୋଇପାରେ ଏବଂ ତୁରନ୍ତ ଏବଂ ସମ୍ପୂର୍ଣ୍ଣ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହା ମଧ୍ୟ ସମ୍ଭାବନା ଉଠାଇଛନ୍ତି ଯେ, ପୁନଃ ପ୍ଲେଟିଂ ପାଇଁ ଏକ ସମ୍ପୂର୍ଣ୍ଣ ଭିନ୍ନ ତମ୍ବା ପ୍ଲେଟ୍ ସେଟ୍ ଦାଖଲ କରାଯାଇପାରେ।

### ପ୍ରଧାନମନ୍ତ୍ରୀ...

ଥିଲା, ଏହି କାରଣରୁ ଯୁଦ୍ଧ ବନ୍ଦ କରିବା ଏକ ସହଜ କାମ ବୋଲି ସେ ଭାବୁଥିଲେ। କିନ୍ତୁ ପୁଟିନ ତାଙ୍କୁ ନିରାଶ କରିଛନ୍ତି ଓ ଭରସା ଭାଙ୍ଗିଛନ୍ତି। ଏହା ପରେ ଆମେରିକା ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିପାରେ।

### ଭିତର...

ଗଣମାଧ୍ୟମରେ ଭାଇରାଲ ହେଉଛି।

ଏହା ଢିଲା ସୁରକ୍ଷା ବ୍ୟବସ୍ଥା ସହ ଶ୍ରୀମନ୍ଦିରର ସୁରକ୍ଷା ଓ ନିରାପତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ଅପ୍ ଲୋଡକାରୀଙ୍କୁ ସିଂହଦ୍ୱାର ଥାନା ପୋଲିସ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ପେନସନ୍...

ମଧୁବାବୁ ପେନସନ ଯୋଜନା କିମ୍ବା ଏନ୍‌ଏସ୍‌ଏପିରେ ସୁଭଦ୍ରା ଯୋଜନାର ପୂର୍ବ ହିତାଧିକାରୀଙ୍କୁ ସାମିଲ କରାଯିବ। ଏଥିପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ଚିଠି ଲେଖିଛି ସାମାଜିକ ନିରାପତ୍ତା ଓ ନ୍ୟାୟ ବିଭାଗ। ସୁଭଦ୍ରା ହିତାଧିକାରୀ ୬୦ ବର୍ଷ ପରେ ଏମ୍‌ବିପିୱାଇ/ ଏନ୍‌ଏସ୍‌ଏପି ଅଧୀନରେ ସାମାଜିକ ସୁରକ୍ଷା ପେନସନ ପାଇଁ ଯୋଗ୍ୟ ହୋଇପାରିବେ। କିନ୍ତୁ ସେମାନେ ସିଧାସଳଖ ମଧୁବାବୁ ପେନସନ୍ କି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ଆସିବେ ନାହିଁ। ୬୦ ବର୍ଷ ପରେ ଆବେଦନ କରିବାକୁ ପଡ଼ିବ। ପ୍ରଥମେ ଅଧିକ ବୟସ୍କ, ଦୁର୍ବଳ ଓ ଅପେକ୍ଷା ତାଲିକାରେ ଥିବା ଲୋକଙ୍କୁ ପ୍ରାଥମିକତା ମିଳିବ। ସେହିପରି ତୃତୀୟ କିସ୍ତି ବେଳେ ୬୦ ବର୍ଷ ବୟସ ପାଇଁ ୯୩ ହଜାର ହିତାଧିକାରୀ ବାଦ୍ ପଡିଛନ୍ତି। ସୁଭଦ୍ରା ଆବେଦନ କରିବା ବେଳେ ଏବଂ ତୃତୀୟ କିସ୍ତି ପୂର୍ବରୁ ସେମାନଙ୍କୁ ୬୦ ବର୍ଷ ହୋଇ ନଥିଲା। ଗତ ରାକ୍ଷୀ ପୂର୍ଣ୍ଣିମାରେ ତୃତୀୟ କିସ୍ତି ଟଙ୍କା ନମିଳିବାରୁ ଅସନ୍ତୋଷ ଜାହିର କରିଛନ୍ତି ହିତାଧିକାରୀ। ଶୀଘ୍ର ଭତ୍ତା ନହେଲେ ପୁଣି ଥରେ ସୁଭଦ୍ରାରେ ସାମିଲ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ଭତ୍ତା ପାଇଁ ସେମାନଙ୍କୁ ଆଉ କୌଣସି ଦସ୍ତାବିଜ କି ପ୍ରମାଣପତ୍ର ଦେବାକୁ ପଡ଼ିବନି। କେବଳ ଆବେଦନ କରିବେ। ସାମାଜିକ ନିରାପତ୍ତା ଓ ନ୍ୟାୟ ବିଭାଗ ହିତାଧିକାରୀଙ୍କୁ ଭତ୍ତା ଦେବ। ନଚେତ୍ ପେନସନ୍ ପାଇବା ଯାଏଁ ସେମାନେ ସୁଭଦ୍ରା ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### କଂଗ୍ରେସ...

କୃଷକମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇ ପଡିଛି। ସାରର କଳା ବଜାରି ରୋକିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସଂପୂର୍ଣ୍ଣ ଉଜୁଡି ଯାଇଛି। ପନ୍ଦର ମାସରେ ଗୋଟିଏ ବି ନିଯୁକ୍ତି ଭିତିକ ପରୀକ୍ଷାକୁ ସୂଚାରୁ ରୂପେ କରି ପାରିଲେ ନାହିଁ। ଲକ୍ଷଲକ୍ଷ ଛାତ୍ରଛାତ୍ରୀମାନଙ୍କ ସହିତ ଏ ସରକାର ଖେଳ ଖେଳୁଛନ୍ତି। ଏ ସରକାର ଆସିବା ପରେ ବିକାଶର ନିରନ୍ତର ପ୍ରକ୍ରିୟା ସାମଗ୍ରିକଭାବେ ବିଫଳ ହୋଇଛି। ଜନତାଙ୍କୁ ଦେଇଥିବା କଥା ରକ୍ଷା କରିବାରେ ବିଫଳ ହୋଇଛି ସରକାର। ଏ ସମସ୍ତ ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଅନାସ୍ତା ପ୍ରସ୍ତାବ ଆଗତ କରିବାକୁ ନୋଟିସ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ପିସିସି ସଭାପତି ଶ୍ରୀଯୁକ୍ତ ଦାସ ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ ବୋଲି ଘୋଷଣା କରିଥିଲେ । ଶ୍ରୀଯୁକ୍ତ ଦାସ କହିଥିଲେ ଯେ ବିଜେଡି ଦଳ ଅନାସ୍ଥା ପ୍ରସ୍ତାବ ଆଣୁ,ଆମେ ତାହାକୁ ସମର୍ଥନ କରିବୁ। ନଚେତ ଆମେ ଅନାସ୍ଥା ପ୍ରସ୍ତାବ ଆଣିବୁ ଓ ବିଜେଡି ଦଳ ଉକ୍ତ ପ୍ରସ୍ତାବକୁ ସମର୍ଥନ କରୁ ବୋଲି ଶ୍ରୀ ଦାସ କହିଥିଲେ।

### ଏନକାଉଣ୍ଟରରେ...

ଜଣକ ହେଲେ ବୁସ୍କି ନୁପୋ। ଏହି ମହିଳା ମାଓବାଦୀ ଗାଙ୍ଗଲୁର ଏରିଆ କମିଟିର ସଦସ୍ୟ ଥିଲା। ଏଥିସହ ଘଟଣାସ୍ଥଳରୁ ଗୋଟିଏ ୩୧୫ ବନ୍ଧୁକ ସହ ମାଓ ସାମଗ୍ରୀ ଜବତ କରାଯାଇଛି। ଜଙ୍ଗଲରେ ଅପରେସନ ଏବେ ମଧ୍ୟ ଚାଲିଥିବା ପୁଲିସ କହିଛି।

### ଅନାସ୍ଥା ...

ବିଶ୍ଳେଷକମାନେ ମତ ଦେଉଥିବା ବେଳେ ସିଲଭର କପ୍ ପାଇଁ ବିଜେଡି-କଂଗ୍ରେସ ଲଢେଇ ବୋଲି କଟାକ୍ଷ କରି ବରିଷ୍ଠ ବିଜେପି ନେତା ଜୟ ନାରାୟଣ ମିଶ୍ର ରାଜନୀତି ପାଣିପାଗକୁ ଆହୁରି ସରଗରମ କରିଛନ୍ତି।

### ଗୁଳିବିନିମୟରେ ...

ମାଓବାଦୀଙ୍କ ପାଲଟା ଗୁଳିଚୋଟରେ ଯବାନ ପ୍ରେମସିଂହ ମାଝୀ ଗୁରୁତର ହୋଇଥିଲେ। ତାଙ୍କର ବାମ ହାତ ଓ ପେଟରେ ଗୁଳିବାଜିଛି। ପେଟରେ ଗୁଳି ରହିଛି। ଗୁରୁତର ଭାବେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କନ୍ଧମାଳ ଜିଲ୍ଲା ରାଇକିଆର ଇନ୍ଦ୍ରଗଡ଼ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଭଂଜନଗର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦରକାର ପଡ଼ିଲେ ଏଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇ ପାରେ ବୋଲି ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ ଜାରି ରହିଛି। ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଘଞ୍ଚ ଜଙ୍ଗଲକୁ ପଳାୟନ କରିଛନ୍ତି।

ସେପଟେ ବାଲିଗୁଡ଼ାରେ ପୁଣି ଲାଲ ବ୍ୟାନର ଲଗାଇ ସ୍ଥିତି ଜାହିର କଲା ମାଓ ସଂଗଠନ। ବାଲିଗୁଡା ଥାନା ସୁଡ୍ରା ପଞ୍ଚାୟତର ଗାଟିଙ୍ଗିଆ ଗାଁ ନିକଟରେ ଡାବୁଡ଼କା ଘାଟିରେ ଲାଗିଛି ଲାଲ ବ୍ୟାନର । ନାଡା ପାଟଙ୍ଗରୁ ୪୧ ନମ୍ବର ରାଜ୍ୟ ରାଜପଥରେ ଲଣ୍ଡାଗାଁ ମୁଖ୍ୟ ରାସ୍ତାରେ ଲାଲ ବାହିନୀ ପକ୍ଷରୁ ଏହି ବ୍ୟାନର ଲଗାଯାଇଛି । କେକେବିଏନ ଡିଭିଜନାଲ କମିଟି ପକ୍ଷରୁ ବ୍ୟାନର ଲଗାଯାଇଥିବା ନେଇ ସ୍ପଷ୍ଟ କରିଛି ଲାଲବାହିନୀ ।

ମାଓବାଦୀ ସଙ୍ଗଠନକୁ ଶେଷ କରିବାକୁ ଶତ୍ରୁ ଦ୍ୱାରା ଚଲା ଯାଉଥିବା ଅପେରସନ ସିନ୍ଦୂରକୁ ହରେଇବା ପାଇଁ ଆହ୍ୱାନ ଦେଇଛି ଲାଲ ବାହିନୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨୧ତମ ପ୍ରତିଷ୍ଠା ଦିବସକୁ ବିପ୍ଳବୀ ଉତ୍ସାହ ସହ ପାଳନ କରିବାକୁ ବ୍ୟାନର ଜରିଆରେ ଆହ୍ୱାନ ଦେଇଛି ଲାଲ ବାହିନୀ ।

**ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ**

# ଶହ ଶହ ରୋଗୀଙ୍କ ପାଇଁ ଗୋଟିଏ ଏକ୍ସ-ରେ ମେସିନ୍




**ରେଡ଼ିଓଗ୍ରାଫର ଛୁଟିରେ ରହିଲେ ସେବା ବନ୍ଦ**

**ରୋଗୀ ହନ୍ତସନ୍ତ**

**ହିଞ୍ଜିଳିକାଟୁ,୧୮।୯ (ସଂଚାର ବ୍ୟୁରୋ):** ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ହେଲେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ଏକ୍ସ-ରେ ପାଇଁ ଚିକିତ୍ସାଳୟ ଉପରେ ୧୦୦ରୁ ଅଧିକ ରୋଗୀ ନିର୍ଭରଶୀଳ ରହୁଥିବା ବେଳେ ଚିକିତ୍ସାଳୟରେ ଗୋଟିଏ ମାତ୍ର ଏକ୍ସ-ରେ ମେସିନ୍ ଓ ଗୋଟିଏ ମାତ୍ର ରେଡ଼ିଓ ଗ୍ରାଫର ଅଛନ୍ତି। ରେଡ଼ିଓ ଗ୍ରାଫର ଜଣକ ତାଙ୍କର ଯେକୌଣସି ବ୍ୟକ୍ତିଗତ କାମ ପାଇଁ ଛୁଟି ନିଅନ୍ତି ତେବେ ଉକ୍ତ ଚିକିତ୍ସାଳୟରେ ଏକ୍ସ-ରେ ବନ୍ଦ ରୁହେ। ଯାହାର ଫଳ ଭୋଗୁଛନ୍ତି ଚିକିତ୍ସାଳୟକୁ ଏକ୍ସ-ରେ କରି ଆସୁଥିବା ସାଧାରଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ। ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ସବୁଠୁ ଅଧିକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ, ହିଞ୍ଜିଳିକାଟୁ ସହର ସମେତ ଆଖପାଖର ପ୍ରାୟ ୪୦ଟି ଅଂଚଳର ଲୋକେ ଏହି ଉପଖଣ୍ଡ ଚିକିତ୍ସାଳୟକୁ ନିର୍ଭର କରୁଛନ୍ତି। ବିଭିନ୍ନ ଯୋଜନାରେ ସରକାର ଏବେ ଅନେକ ସୁବିଧା ମାଗଣା କରି ଦେଇଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ବେଳେ ପ୍ରତିଦିନ ଶହ ଶହ ରୋଗୀ ଏଠାକୁ ଆସୁଛନ୍ତି। ହେଲେ ଏହି ହସ୍ପିଟାଲରେ ରହିଛି ଅନେକ ସମସ୍ୟା। ଯୁଆଡେ ଦେଖିବ ରୋଗୀ ଅସୁବିଧାରେ ଦହଗଞ୍ଜ। ଏକଥା ଆମେ କହୁନି ଏକଥା ନିଜେ ରୋଗୀ ଓ ତାଙ୍କ ସମ୍ପର୍କୀୟ କହିଛନ୍ତି।

ତେବେ ଏନେଇ ଗ୍ରାଉଣ୍ଡ ଜିରୋରେ 'ସଂଚାର' ସ୍ଥିତି ପରଖିଥିବା ବେଳେ ଦେଖିବାକୁ ମିଳିଥିଲା ରୋଗୀ ଡ଼ାକ୍ତରଙ୍କୁ ରୋଗ ଦେଖାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଅନ୍ୟପକ୍ଷରେ ଦୈନିକ ଶହ ଶହ ରୋଗୀ ଏକ୍ସ-ରେ ନିର୍ଭରଶୀଳ ହେଉଥିବା ବେଳେ ଚିକିତ୍ସାଳୟରେ ମାତ୍ର ଗୋଟିଏ ଏକ୍ସ-ରେ ମେସିନ ଓ ଗୋଟିଏ ରେଡ଼ିଓ ଗ୍ରାଫର ରହିଛନ୍ତି। ତେବେ ଆଜି ରେଡ଼ିଓ ଗ୍ରାଫର ଜଣକ ତାଙ୍କର ବ୍ୟକ୍ତିଗତ ପାଇଁ ଛୁଟିରେ ରହିଥିବା ବେଳେ ଚିକିତ୍ସାଳୟରେ ଏକ୍ସ-ରେ ବନ୍ଦ ରହିଥିଲା। ଯାହାଫଳରେ ରୋଗୀ ନାହିଁ ନ ଥିବା ହଇରାଣ ହେଉଥିବା ବେଳେ ଅଧିକ ଖର୍ଚ୍ଚାନ୍ତ ହୋଇ ବାହାରେ ଏକ୍ସ-ରେ କରିବାକୁ ବାଧ୍ୟ ହୋଇଥିଲେ। ଅନେକ ଗରୀବ ଶ୍ରେଣୀର ଲୋକେ ଅର୍ଥ ଅଭାବରୁ ଏକ୍ସ-ରେ କରି ନ ପାରି ବାଧ୍ୟହୋଇ ଘରକୁ ଫେରିଥିବା ଜଣାପଡିଛି।

ତେଣୁ ଜରୁରୀ ପରିସ୍ଥିତିରେ ଡାକ୍ତରଖାନାକୁ ରୋଗୀଟିଏ ଆସିଲେ ଏକ୍ସ-ରେ ନ ହୁଏ ତେବେ ସେଇ ପରିସ୍ଥିତିରେ ରୋଗୀଟିଏ କ'ଣ କରିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଚିକିତ୍ସାଳୟର ଅଧିକ୍ଷକ ଡ଼ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଘଟଣା ସିଡ଼ିଏମଙ୍କୁ ଜଣାଯାଇଥିବା ବେଳେ ଖୁବଶୀଘ୍ର ଆଉ ଗୋଟେ ଏକ୍ସ-ରେ ମେସିନ ଆସିବ ଓ ରେଡ଼ିଓ ଗ୍ରାଫର ଜଣେ ନିଯୁକ୍ତି ହେବ ନେଇ କହିଛନ୍ତି।

# ବିଶ୍ୱକର୍ମାଙ୍କ ପୂଜା ପାଇଁ ଚଳଚଞ୍ଚଳ ଅସ୍ତରଙ୍ଗ

**କାକଟପୁର/ଅସ୍ତରଙ୍ଗ,୧୮।୯ (ସଂଚାର ବ୍ୟୁରୋ):** ଦେବଶିଳ୍ପୀ ବିଶ୍ୱକର୍ମା ହେଉଛନ୍ତି ନିର୍ମାଣ ତଥା ସୃଜନର ଦେବତା। କୁହାଯାଏ, ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସେ ବିଶ୍ୱବ୍ରହ୍ମାଣ୍ଡ ନିର୍ମାଣ କରିଥିଲେ। ସ୍ୱର୍ଗର ଅମରାବତୀଠାରୁ ହସ୍ତିନାପୁର, ଇନ୍ଦ୍ରପ୍ରସ୍ଥ, ସ୍ୱର୍ଣ୍ଣଲଙ୍କା ଆଦି ତାଙ୍କ ଦ୍ୱାରା ନିର୍ମିତ। ବିଶ୍ୱକର୍ମା ଅନେକ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଛନ୍ତି, ଯେଉଁଥିରେ ଶିବଙ୍କର ତ୍ରିଶୂଳ, ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଓ ଇନ୍ଦ୍ରଙ୍କ ବଜ୍ର ରହିଛି। ସେହିପରି ପୁଷ୍ପକ ବିମାନ, ଦାନବୀର କର୍ଣ୍ଣଙ୍କର କୁଣ୍ଡଳ ମଧ ତାଙ୍କ ସୃଷ୍ଟି। ଏସବୁ ବାଦ୍ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ଦ୍ୱାରିକା ନଗରୀର ସ୍ଥାପନା କରିଥିଲେ ବିଶ୍ୱକର୍ମା। ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବିଗ୍ରହ ବିଶ୍ୱକର୍ମା ନିର୍ମାଣ କରିଥିଲେ ବୋଲି କଥିତ ଅଛି।

ଅନେକ ନିର୍ମାଣର ସ୍ରଷ୍ଟା ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳିର ନିଦର୍ଶନ ସ୍ୱରୂପ ଭାଦ୍ରବ ମାସ, କନ୍ୟା ସଂକ୍ରାନ୍ତିରେ ତାଙ୍କର ପୂଜା ଉତ୍ସବ ପାଳନ କରାଯାଇଆସୁଛି। ସେ ନିର୍ମାଣ ଦେବତା ହୋଇଥିବାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳ ବିଭିନ୍ନ ଗ୍ରାମାଞ୍ଚଳ ରେ ହେଉ ଅବା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ, ଅସ୍ତରଙ୍ଗ ମୋଟର ସଙ୍ଘ ପୁଷ୍ପା ଫଣୀ ଚର ସହ ଅନ୍ୟାନ୍ୟ ସ୍ଥାନରେ ବିରାଟ ଆଡ଼ମ୍ବର ପୂର୍ଣ୍ଣ ପୂଜାର୍ଚ୍ଚନା କରାଯାଇଛି। ଅସ୍ତରଙ୍ଗ ବିଦ୍ୟୁତ କାର୍ଯ୍ୟାଳୟରେ ବେଶ ଧୁମଧାମରେ ମଧ ପୂଜାର୍ଚ୍ଚନା କରାଯାଇଛି। ଅସ୍ତରଙ୍ଗ ବିଦ୍ୟୁତ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର ସନ୍ତୋଷ ବେଉରା ନିଜେ କର୍ତ୍ତା ହୋଇଥିଲେ।

ଏଥିରେ ବିଶେଷକରି ଯନ୍ତ୍ର ଓ ଯନ୍ତ୍ରପାତିଗୁଡ଼ିକୁ ପୂଜା କରାଯାଏ। ବିଶ୍ୱାସ ରହିଛି, ଭକ୍ତି ଓ ନିଷ୍ଠାର ସହ ବିଶ୍ୱକର୍ମାଙ୍କୁ ପୂଜା କଲେ ପରିବାରରେ ସୁଖ, ସମୃଦ୍ଧି ବଢ଼ିଥାଏ।ବିଶ୍ୱକର୍ମା ଶିଳ୍ପୀ ସମାଜର ସ୍ରଷ୍ଟା। ମର୍ତ୍ତ୍ୟଲୋକରେ ନିର୍ମାଣ ହୋଇଥିବା ଯନ୍ତ୍ରପାତି, କଳକାରଖାନା, ମେସିନ୍ ଆଦି ବିଶ୍ୱକର୍ମାଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ନିର୍ମାଣ ବୋଲି ବିଶ୍ୱାସ ରହିଛି। କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ନିର୍ମାଣର ଦେବତା ଭଗବାନ ବିଶ୍ୱକର୍ମାଙ୍କୁ ସମଗ୍ର ଭାରତ ପୂଜା କରାଯାଏ।

**ପୁଲିସକୁ ଲୁଟେରାଙ୍କ ଚ୍ୟାଲେଞ୍ଜ୍**

# ତାଲା ଭାଙ୍ଗି ଲୁଟିଲେ ସୁନାଗହଣା



**ହିଞ୍ଜିଳିକାଟୁ,୧୮।୯ (ସଂଚାର ବ୍ୟୁରୋ):** ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ମା' ଦୁର୍ଗାପୂଜା ପାଇଁ ସବୁଠି ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଏବେଠୁ ଗହଳଚହଳ ଆରମ୍ଭ ହୋଇଗଲାଣି। ଏହା ଭିତରେ ସକ୍ରିୟ ହୋଇଗଲେଣି ଲୁଟେରା। ହିଞ୍ଜିଳିକାଟୁ ପୌରାଞ୍ଚଳର ମୋହନ କଲୋନୀ ପ୍ରଥମ ଲାଇନ ସ୍ଥିତ ମମତା ପଣ୍ଡାଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ କଳାକନା ବୁଲାଇଦେଇଛନ୍ତି ଦୁର୍ବୃତ୍ତ। ସେ ଗତ କିଛି ଦିନ ହେଲା ଆଶ୍ୱିନ ପିତୃପକ୍ଷ ଶ୍ରାଦ୍ଧ କରିବାକୁ ପୋଡ଼ିଙ୍ଗି ଗ୍ରାମକୁ ଯାଇଥିଲେ। ତେବେ ଘରେ କେହି ନଥିବା ସୁଯୋଗ ଦେଖି ମୁଖ୍ୟଦ୍ୱାର ଗ୍ରିଲର ଚାବି ଭାଙ୍ଗି ଘରେ ପଶି ଆଲମାରୀ ଭାଙ୍ଗି ୨ତୋଳାର ମଙ୍ଗଳସୂତ୍ର, ୧ତୋଳାର ସୁନାରୁଲି, ୮ଟି ରୁପା ପାଉଁଜି ଓ ନଗଦ ୫୦୦୦ ଟଙ୍କା ଧରି ଚମ୍ପଟ୍ ମାରିଛନ୍ତି ଲୁଟେରା। ପରେ ଆଜି ସକାଳୁ ସ୍ଥାନୀୟ ବାସିନ୍ଦା କବାଟ ଭଙ୍ଗା ଯାଇଛି ନେଇ ଦେଖିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଆସି ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରେ ଏନେଇ ମମତା ପଣ୍ଡା ଥାନାକୁ ଯାଇ ଏକ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ପୁଲିସକୁ ଚକମା ଦେଇ ଆଖପାଖ ଅଞ୍ଚଳରେ ବାରମ୍ବାର ଚୋରି ହେବାକୁ ନେଇ ଆତଙ୍କିତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ତୁରନ୍ତ ଏହି ସଂପୃକ୍ତ ଚୋରଙ୍କୁ ଧରିବା ଏବଂ ଅଞ୍ଚଳବାସୀଙ୍କୁ ଚୋରି ଦାଉରୁ ମୁକ୍ତି ଦେବାକୁ ଦୃଢ଼ ଦାବି ହୋଇଛି।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ



**ଫୁଲବାଣୀ,୧୮।୯ (ସଂଚାର ବ୍ୟୁରୋ):** ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନରେ ତଥା ଆଜି ଠାରୁ ଆସନ୍ତା ଅକ୍ଟୋବର ଦୁଇ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳନ କରାଯାଉ ଥିବା ସେବା ପକ୍ଷ ପାଳନ ଅବସରରେ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ରକ୍ତଭଣ୍ଡାର ରେ ଅନୁଷ୍ଠିତ ଏହି ଶିବିରକୁ ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ ଉଦଘାଟନ କରିଥିଲେ।ପରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷ, ଜିଲ୍ଲା ଭାଜପା ସଭାପତି ପଣ୍ଡିତ ବିଶିମାଝି,କାର୍ଯ୍ୟକ୍ରମ ର ସଂଯୋଜକ ରମେଶ ଚନ୍ଦ୍ର ମହାନ୍ତି,ଜଗନ୍ନାଥ ସାହୁ,ଅନିଲ କୁମାର ପ୍ରଧାନ,ମୁକ୍ତିକାନ୍ତ ମହାନ୍ତି,ସୁଧାଂଶୁ ଗୁରୁ,ଦେବେନ୍ଦ୍ର କୁଦେଇ,ସ୍ୱରୁପାନନ୍ଦ ପଟ୍ଟନାୟକ,ଭଗବାନ ମହାନ୍ତି,ଲିଙ୍ଗରାଜ ଦଳବେହେରା ଓ ବିଶିଷ୍ଟ ରକ୍ତଦାତା ତଥା ସମାଜସେବୀ ପ୍ରଶାନ୍ତ କୁମାର ବେହେରା ଓ ଶଶୀଭୂଷଣ ପ୍ରଧାନ ଏବଂ ଅନ୍ୟମାନେ ଯୋଗ ଦେଇ ରକ୍ତଦାନ କରିବା ସହିତ ଶିବିରରେ ସହାୟତା କରିଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଞ୍ଚଳ ବାଲନ୍ଦାପଡାର ତିତେରୀପାଲା ଗାଁ ଜଣେ ଗ୍ରାମୀଣ ମହିଳା ରାଇଙ୍ଗି ଦିଗାଲ ସ୍ୱେଚ୍ଛାକୃତ ଭାବେ ଆସି ଜୀବନରେ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ। ଶିବିରରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିନକୁ ଦୃଷ୍ଟିରେ ରଖି ୭୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ବାଣପୁର ବିରଜାଇ ମଣ୍ଡଳସ୍ତରୀୟ କର୍ମଶାଳା




**ଚିଲିକା/ବାଣପୁର,୧୮।୯ (ସଂଚାର ବ୍ୟୁରୋ):** ୧୭ ସେପ୍ଟେମ୍ବର ଠାରୁ ୦୨ ଅକ୍ଟୋବର ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ପକ୍ଷରୁ ପାଳନ କରାଯିବାକୁ ଥିବା' ସେବା ପକ୍ଷ' ଉପଲକ୍ଷେ ଚିଲିକା ନିର୍ବାଚନ ମଣ୍ଡଳୀ ବିରଜାଈ ମଣ୍ଡଳ ସ୍ତରୀୟ କର୍ମଶାଳା ବାଣପୁର ବିଧାର ପୁର ସ୍ଥିତ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ୧୭ ସେପ୍ଟେମ୍ବର ଠାରୁ ୦୨ ଅକ୍ଟୋବର ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ପକ୍ଷରୁ ପାଳନ କରାଯିବାକୁ ଥିବା' ସେବା ପକ୍ଷ' ଉପଲକ୍ଷେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ତଥା ଉନ୍ନତି ମୂଳକ କାମ ସହିତ, ପୋଖରୀ ସଫା କରିବା, ରକ୍ତଦାନ, ବୃକ୍ଷ ରୋପଣ, ବିକଶିତ ଭାରତର ବକ୍ତୃତା ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା, ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବା ଓ ବିଭିନ୍ନ କାର୍ଯ୍ୟରେ ସମ୍ମାନ ଜନକ ସ୍ଥାନ ସମାଜରେ ଉପସ୍ଥାପିତ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ କାର୍ଯ୍ୟକ୍ରମ ମାଧ୍ୟମରେ ପୁରସ୍କୃତ କରାଇବା, ଏଥି ସହିତ ଏକ ଫଳ ଉଦ୍ୟାନର ରୂପରେଖ ନେଇ ଭେଟେଶ୍ୱର ଗ୍ରାମ ପଞ୍ଚାୟତର ସାନ ସିରେଇପୁର ଠାରେ ପାହାଡ ନିକଟରେ କାର୍ଯ୍ୟକାରୀ କରିବାପାଇଁ ସ୍ଥିର କରାଯାଇଛି। ବିଜେପି ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏକ ପ୍ରୟାସ ଆରମ୍ଭ ହୋଇଛି।

# ଶିକ୍ଷାର ଘରୋଇକରଣ ବିରୋଧରେ ବିକ୍ଷୋଭ




**ବ୍ରହ୍ମପୁର,୧୮।୯ (ସଂଚାର ବ୍ୟୁରୋ):** ଆଇଟିଇପି (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ଲାଗୁ କରିବା ଆଳରେ ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ବନ୍ଦ କରିବା, ଶିକ୍ଷକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଠାରୁ ପାଇଁ ପ୍ରତି ବର୍ଷ ୪୫,୦୦୦ ଟଙ୍କା କୋର୍ସ ଫିସ୍ ଆଦାୟ କରିବା ନିଷ୍ପରି ବନ୍ଦ କରିବା, ଚୁକ୍ତିଭିତ୍ତିକ ଅଧାପକ ନୁହେଁ; ସ୍ଥାୟୀ ଭିତ୍ତିରେ ଅଧାପକ ନିଯୁକ୍ତି ପ୍ରଦାନ କରିବା ଓ ଶିକ୍ଷକ ଶିକ୍ଷା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେବା ଦାବିରେ ସାରା ଓଡ଼ିଶା ପ୍ରତିବାଦ ଦିବସ ଅବସରରେ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ସମ୍ମୁଖରେ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହେବା ସହ ଦାବି ସମ୍ବଳିତ ଏକ ଦାବିପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁରଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

ସୂଚନା ଥାଉକି ଗତ ୧୩ ସେପ୍ଟେମ୍ବର ଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟମାନଙ୍କୁ ନୋଟିସ ଜାରି କରି ଯେଉଁ ଶିକ୍ଷାନୁଷ୍ଠାନମାନେ ୪ ବର୍ଷିଆ ଆଇ.ଟି.ଇ.ପି. (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି ସେମାନେ ଚୁକ୍ତିଭିତ୍ତିକ ଅତିଥି ଅଧାପକ ନିଯୁକ୍ତି କରିବେ ଏବଂ ଛାତ୍ରଛାତ୍ରୀଙ୍କ ଠାରୁ ଆଦାୟ ହୋଇଥିବା କୋର୍ସ ଫିରୁ ହିଁ ସେମାନଙ୍କୁ ଦରମା ଦେବା ବିଷୟରେ ଉଲ୍ଲେଖ କରିଛନ୍ତି। ଏହା ଦ୍ୱାରା ଶିକ୍ଷକ ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଘରୋଇକରଣ ହେବ। ଛାତ୍ରଛାତ୍ରୀମାନେ ତିବ୍ର ଆର୍ଥିକ ଶୋଷଣର ଶିକାର ହେବେ। ଶିକ୍ଷାନୁଷ୍ଠାନଗୁଡିକ ଡିଗ୍ରୀ ବିକ୍ରୟ କେନ୍ଦ୍ରରେ ପରିଣତ ହେବେ। ପ୍ରିୟାପ୍ରୀତି ତୋଷଣ ଓ ଦୁର୍ନୀତି ବ୍ୟାପକ ରୂପ ନେବ ଏବଂ ଚୁକ୍ତିଭିତ୍ତିକ ଅତିଥି ଅଧାପକମାନେ ନ୍ୟାଯ୍ୟ ପ୍ରାପ୍ୟ ତଥା ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେବେ। ତେଣୁ ଉପର ଲିଖିତ ଦାବିଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ସଭାପତି ସୋମନାଥ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ 'ଏକ ପେଡ୍ ମା' କେ ନାମ' ଅଭିଯାନ ଆରମ୍ଭ

**ଖୋର୍ଦ୍ଧା,୧୮।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପାଲା ଟୋଟାପଡା ଉଚ୍ଚ ବିଦ୍ୟାଳୟ ପରିସରରେ କଲେକ୍ଟର ଖୋର୍ଦ୍ଧା ଅମୃତ ରୁତୁରାଜଙ୍କ ଅଧକ୍ଷତାରେ 'ଏକ ପେଡ ମା କେ ନାମ' ଅଭିଯାନ ଆରମ୍ଭ କରାଯାଇଛି। ମୁଖ୍ୟ ଅତିଥି କାର୍ଯ୍ୟ, ଆଇନ ଏବଂ ଏକ୍ସାଇଜ୍ ମନ୍ତ୍ରୀ ପ୍ରୀତିରାଜ ହରିଚନ୍ଦନ, ସମ୍ମାନିତ ଅତିଥି, ବିଧାୟକ, ଖୋର୍ଦ୍ଧା ପ୍ରସନ୍ନ କୁମାର ଜଗଦେବ, ରାଷ୍ଟ୍ରପତି ଜିଲା ପରିଷଦ ଖୋର୍ଦ୍ଧା, ରୂପଶ୍ରୀ ରାନୀ ଗୁମାନସିଂହ, ବିଭାଗୀୟ ଜଙ୍ଗଲ ଅଧିକାରୀ ଲେଡେ ଗଜାନନ ଦିନାନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଖୋର୍ଧା ପଞ୍ଚାୟତ ସମିତିର ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଡିଏ, ଖୀରାବଦୀ ତନୟା ସାହୁ, ପାଲାଲୋଟାପଡା, ଗ୍ରାମ ପଞ୍ଚାୟତ ସରପଞ୍ଚ ମନପ୍ରୀତ ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ କହିଥିଲେ ଯେ ପୃଥିବୀରେ ଗଛ ଲଗାଇବାର ଯୋଜନା ଏକ ମହାନ ଏବଂ ଆଧାତ୍ମିକ ଯୋଜନା ଏବଂ ପୃଥିବୀକୁ ସବୁଜ କରିବା ପାଇଁ ସମସ୍ତେ ଗଛ ଲଗାଇବା ପାଇଁ ଆଗେଇ ଆସିବା ଉଚିତ। କଲେକ୍ଟର ଋତୁରାଜ ତାଙ୍କ ଭାଷଣରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜ ଘରେ ଗଛ ଲଗାଇବା ଏବଂ ମାନବ ସମାଜଠାରୁ ଆରମ୍ଭ କରି ଏହି ସମୟରେ ସମସ୍ତ ଜୀବଜନ୍ତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ରକ୍ଷା କରିବା , ସୁସ୍ଥ ଏବଂ ରୋଗମୁକ୍ତ ଜୀବନଯାପନ କରିବା ପାଇଁ ଗଛର ଆବଶ୍ୟକତା ବିଷୟରେ ସଚେତନ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ଗଂଜେଇ ଜବତ, ଜଣେ ଗିରଫ



**ହିଞ୍ଜିଳିକାଟୁ,୧୮।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଅବକାରୀ ଟିମ ବୁଧବାର ସକାଳେ ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ପୋଚିଲିମା ଛକରୁ ଏକ ସ୍କୁଟି କ୍ଷିପ୍ର ଗତିରେ ଆସୁଥିବା ସମୟରେ ଗାଡିକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୭ କେଜି ଗଂଜେଇ ଜବତ କରାଯାଇଥିଲା। ତା ସହ ତାହାର ସ୍କୁଟିକୁ ଜବତ କରିବା ସହ ଯୁବକକୁ ଗିରଫ କରାଯାଇଥିଲା।ଗିରଫ ଜଣକ ହେଲେ ଶେରଗଡ଼ ଥାନା କୁଲାଗଡ଼ ଗ୍ରାମର କାଳିଆ ପଣ୍ଡା (୩୦)। ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ସୁମିତ୍ରା ବିଶି ସହ ଉପନିରୀକ୍ଷକ ସୁଶାନ୍ତ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଯୁବ ଆଇନଜୀବୀଙ୍କ ପରଲୋକ



**ଯାଜପୁର,୧୮।୯ (ସଂଚାର ବ୍ୟୁରୋ):** ଯାଜପୁର ସହର ବାଣପୁରରେ ଗତ ବୁଧବାର ରାତିରେ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଗଲା। ଯୁବ ଆଇନଜୀବୀ ତଥା ସମାଜସେବୀ, ମିଷ୍ଟଭାଷୀ, ବନ୍ଧୁମେଳାପି ସରୋଜ କୁମାର ସ୍ୱାଇଁ (କୁନୁଆ) ୩୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁରେ ସହରରେ ଶୋକର ଛାୟା ଖେଳି ଯାଇଛି। ଡିଷ୍ଟ୍ରିକ୍ଟ ଲର୍ୟ୍ୟସ ଆସୋସିଏସନ୍‌ର ସହ ସମ୍ପାଦକ ଭାବେ କାର୍ଯ୍ୟରତ ସରୋଜ କୁମାର ସ୍ୱାଇଁ ଶିକ୍ଷାରେ ଆଇନ ବିଦ୍ୟାର୍ଥୀ ଥିଲେ ଏବଂ କମ୍ ବୟସରୁ ଆଇନଜୀବୀ ଜୀବନରେ ପ୍ରବେଶ କରିଥିଲେ। ଛାତ୍ରଜୀବନରୁ ସମାଜସେବାରେ ରୁଚି ଦେଖାଇଥିବା ସରୋଜ, ଗରିବ-ଦୁର୍ବଳଙ୍କ ସହାୟତା, ରକ୍ତଦାନ, ବିପଦଗ୍ରସ୍ତ ପରିବାରଙ୍କୁ ସହାୟତା, ଓ ଯୁବମାନଙ୍କୁ ଏକତାରେ ଆଣିବାରେ ସଦାଗତିଶୀଳ ଥିଲେ।

**ଏମକେସିଜି ରେଜିଷ୍ଟ୍ରାରଙ୍କ ବଦଳି ବାତିଲ ପ୍ରସଙ୍ଗ**

# ବାବୁପୋଷା ନୀତି ଆପଣାଇଛି ବିଜେପି ?




**ବ୍ରହ୍ମପୁର,୧୮।୯ (ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନରେ ବିଜେପି ବିଜୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ଥିଲା ବାବୁ ରାଜ୍। ଅମଲାତନ୍ତ୍ର ଶାସନକୁ ହଟାଇବାର କଥା କହି ଦଳ କ୍ଷମତାକୁ ଆସିଛି କହିଲେ କିଛି ଭୁଲ ହେବନି। ଏହି ନୀତିବାଣୀକୁ ଖୁବ୍ ପ୍ରଚାର ପ୍ରସାର କରି ଭାଜପା ବିଜୟର ସ୍ୱାଦ ଚାଖିଛି। କିନ୍ତୁ ଶାସନ କ୍ଷମତାକୁ ଆସିବା ପରେ ଯଥା ପୂର୍ବଂ ତଥା ପରଂ। ଅର୍ଥାତ୍ ପୂର୍ବ ସରକାର ଭଳି ସମାନ୍ ବାଟର ବାଟୋଇ ସାଜିଛି ବିଜେପି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏମକେସିଜି ବାବୁଙ୍କ ବଦଳି ବାତିଲ। ଯାହାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି।

ବାବୁ ଜଣକ ଏତେ ପାୱାରଫୁଲ ଯେ ସରକାର ବି ତାଙ୍କୁ ଚୌକିରୁ ହଟାଇବାକୁ ଉଦ୍ୟମ କରି କୁଆଡେ ବିଫଳ ହୋଇଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ବଡ ମେଡ଼ିକାଲରେ ପ୍ରଶାସନିକ ସ୍ତରରେ ବଡ ବଡ଼ ଅବହେଳା କଥା କାହାକୁ ଅଛପା ନାହିଁ। ଏପରି ସ୍ଥଳେ ଜଣେ ଅଧିକାରୀଙ୍କ ବଦଳି ଉପରେ ବ୍ରେକ୍ ଲଗାଇବାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଖବର ପ୍ରକାରେ, ଏମକେସିଜିର ରେଜିଷ୍ଟ୍ରାର ବାବୁ ସଂଗ୍ରାମ ଶେଖର ପଣ୍ଡା (ଓଏଏସ୍)ଙ୍କୁ ନିକଟରେ ବରଗଡ଼ ଜିଲ୍ଲା ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଭାବେ ନିଯୁକ୍ତି ମିଳିଥିବା। ରାଜ୍ୟ ସରକାରଙ୍କ ବଦଳି ନିର୍ଦ୍ଦେଶର କିଛି ଘଣ୍ଟା ମଧ୍ୟରେ ଏହାକୁ ପୁଣି ସ୍ଥଗିତ ରଖାଯାଇଥିଲା। ଗତ ୧୬ରେ ଟ୍ରାନ୍ସଫରକୁ ସମ୍ପୂର୍ଣ୍ଣ ବାତିଲ ବି କରି ଦିଆଗଲା। ହେଲେ ସରକାର ହଠାତ୍ କାହିଁକି ଏଭଳି ପଦକ୍ଷେପ ନେଲେ ତାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ପୂର୍ବରୁ ଗଣତନ୍ତ୍ରର କଥା କହି ଅମଲାତନ୍ତ୍ର ଶାସନକୁ ବିରୋଧ କରୁଥିବା ବିଜେପିର ବାବୁ ପ୍ରେମକୁ ନେଇ ଆଲୋଚନା ହେଲାଣି। ଚର୍ଚ୍ଚା ହେଉଛି, ପୂର୍ବ ସରକାର ଅମଳରେ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତା ହାତେଇଥିଲା, ତାହା ଏବେ ପାଣିର ଗାରରେ ପରିଣତ ହୋଇଛି। ଏହା ରାଜ୍ୟ ପଦ୍ମ ସରକାରର ବାବୁ ପୋଷା ନୀତିକୁ ଦର୍ଶାଉଛି। ଏହାସହ ଏଭଳି ବାବୁ ପ୍ରେମ ଆଗାମୀ ଦିନରେ ପଦ୍ମ ସରକାର ପାଇଁ କାଳ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ତୀର୍ଥରେ ଗଲେ ୯୧ ଜଣ ବରିଷ୍ଠ ନାଗରିକ



**ଫୁଲବାଣୀ,୧୮।୯ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ର ଯୋଜନାରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୯୧ ଜଣ ବରିଷ୍ଠ ନାଗରିକ ଦୁଇଟି ବସ୍ ଯୋଗେ ଅଯୋଧା ଓ ବାରଣାସୀ ଆଧାତ୍ମିକ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ବସ୍ ଯୋଗେ ବ୍ରହ୍ମପୁର ଏବଂ ବ୍ରହ୍ମପୁର ରେଳ ଷ୍ଟେସନଠାରୁ ଟ୍ରେନରୁ ଅଯୋଧା ଓ ବାରଣାସୀ ଯିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।

ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ କୁଶଳ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀଙ୍କ ସମେତ ବିଭିନ୍ନ ବିଭାଗର କର୍ମକର୍ତ୍ତାଙ୍କ ସମେତ ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ଶ୍ରୀବତ୍ସ




**ଯାଜପୁର,୧୮।୯ (ସଂଚାର ବ୍ୟୁରୋ):** ଯାଜପୁର ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ଥିବା ଯାଜପୁରିଆ ରାବିଡି ଲସି ନାମକ ଦୋକାନ ଆଜି ଲୋକମାନଙ୍କ ମଧ୍ୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଦୋକାନଟି ଚଳାଉଛନ୍ତି ୩୬ ବର୍ଷର ଶ୍ରୀବତ୍ସ ପାତ୍ର, ଯିଏ ଯାଜପୁରରୁ ବି.ଏସ୍‌ସି ବଟାନି (ଅନର୍ସ) ପଢ଼ିଥିଲେ ମଧ ସରକାରୀ ଚାକିରିରେ ନିର୍ଭରଶୀଳ ହେବାକୁ ପସନ୍ଦ କରିନଥିଲେ। ତାଙ୍କ "ସ୍ୱାବଲମ୍ବନ" ପ୍ରୟାସର ଫଳରେ, ଆଜି ତାଙ୍କର ରାବିଡି ଲସି, ରାବିଡି କଫି ସମଗ୍ର ଜିଲ୍ଲାରେ ପ୍ରସିଦ୍ଧ। ସାଧାରଣ ଚା-ଲସିରେ ନୂତନ ରୁଚି ଓ ମନୋହର ପରିବେଷଣ ଦ୍ୱାରା ସେ ଯୁବପିଢ଼ିଙ୍କୁ ଆକର୍ଷଣ କରିପାରିଛନ୍ତି।

ଶ୍ରୀବତ୍ସଙ୍କ କାହାଣୀ କେବଳ ବ୍ୟବସାୟିକ ସଫଳତାର ନୁହେଁ, ବରଂ ଆମ ସମାଜରେ ଚାକିରି ପ୍ରତିରୋଧୀ ଚିନ୍ତାଧାରାକୁ ପରିବର୍ତ୍ତନ କରିବାର ପ୍ରେରଣା। ଚାକିରିରେ ବାନ୍ଧି ନ ହୋଇ ସ୍ୱାଧୀନ ଉଦ୍ୟମରେ 'ମୁହାଁ ଉଚ୍ଚ କରି ବଞ୍ଚିବା'ର ମାର୍ଗକୁ ଚୟନ କରିବା, ଆଜିର ସମୟରେ ନିଜସ୍ୱ ପରିଚୟ ଗଢ଼ିବାର ସଠିକ୍ ଉଦାହରଣ। ଯାଜପୁର ଜିଲ୍ଲାରେ ଶ୍ରୀବତ୍ସ ପାତ୍ରଙ୍କ "ରାବିଡି ଲସି ଓ କଫି" ଯେପରି ବ୍ରାଣ୍ଡ ହୋଇଗଲା, ସେପରି ତାଙ୍କ କାହାଣୀ ମଧ ଯୁବପିଢ଼ି ପାଇଁ ଆଦର୍ଶ ହେଇ ରହିବ।

# ଅବ୍ୟବସ୍ଥାରେ ସେସ୍କାଯୋଡି ସେବାଶ୍ରମ

**୧୦୩ ଛାତ୍ରଛାତ୍ରୀରେ ଦୁଇ ଶିକ୍ଷକ**

**ମେଟ୍ରୋନ ଭରସାରେ ଚାଲିଛି ବିଦ୍ୟାଳୟ**

**ତୁରନ୍ତ ଶିକ୍ଷକ ଯୋଗାଇବାକୁ ଦାବୀ**




**ଫୁଲବାଣୀ,୧୮।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତର ସେସ୍କାଯୋଡି ଠାରେ ଥିବା ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ସେସ୍କା ଯୋଡି ସେବାଶ୍ରମ ବର୍ତ୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି।

ଏହି ଆଶ୍ରମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା ରହିଛି। ଏଠାରେ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସମେତ ୧୦୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେଥିମଧରୁ ୮୨ ଜଣ ଅନ୍ତେବାସୀ ଛାତ୍ରଛାତ୍ରୀ ପଢୁଥିବା ବେଳେ ୨୧ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ୧୦୩ ଜଣ ଛାତ୍ରଛାତ୍ରୀରେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଣେଶ୍ୱର କହଁର ଏବଂ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋଛନା ରାଣୀ ପୃଷ୍ଟି ୨ ଜଣ ମଧରେ ପ୍ରଧାନ ଶିକ୍ଷକ ଅନ୍ୟାନ୍ୟ କାଗଜ ପତ୍ର ସହ ମିଟିଙ୍ଗ ଭଳି ବିଭିନ୍ନ କାମରେ ଯୋଗ ଦେଲେ କେବଳ ଜଣେ ମାତ୍ର ଶିକ୍ଷୟିତ୍ରୀ ବିଦ୍ୟାଳୟର ୭ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢା ଅସମ୍ଭବ ହେଉଥିବା ବେଳେ କେବଳ ଯଗିକି ରହୁଥିବା ଦେଖିବାକୁ ମିଳିଛି।

ବର୍ଷେରୁ ଉର୍ଦ୍ଧ୍ୱ ହେବ ଏହି ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗି ରହିଛି। ଜଣେ ମେଟ୍ରୋନ ଅଛନ୍ତି ଓ ରୋଷେୟା ୩ ଜଣ ଅଛନ୍ତି। ହେଲେ ନାମକୁ ମାତ୍ର ବିଦ୍ୟାଳୟ କେବଳ ଚାଲିଥିବା ବେଳେ ଶିକ୍ଷାଦାନକୁ ନେଇଁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ଦେବାକୁ ଅଭିଭାବକ ଏବଂ ଅଞ୍ଚଳବାସୀ ଦାବୀ କରିଥିବା ବେଳେ ଶିକ୍ଷକ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଭିଭାବକମାନେ କହିଛନ୍ତି।

# ସାମ୍ବାଦିକ ସାଜିଲେ ଉପମୁଖ୍ୟମନ୍ତ୍ରୀ

## ଉପମୁଖ୍ୟମନ୍ତ୍ରୀଙ୍କୁ ପଚାରିଲେ ପ୍ରଶ୍ନ



**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାମ୍ବାଦିକ ସାଜି ବୁମ୍ ଧରି ପ୍ରଶ୍ନ ପଚାରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଆଜି ବିଧାନସଭା ପରିସରରେ ଲଗାଇଥିବା ଚନ୍ଦନ ଗଛ ସମ୍ପର୍କରେ ସମାଜକୁ କ'ଣ ବାର୍ତ୍ତା ଦେବାକୁ ଚାହିଁବେ ବୋଲି କନକବର୍ଦ୍ଧନ ପ୍ରଭାତୀଙ୍କୁ ପ୍ରଶ୍ନ ପଚାରିଥିଲେ। ଭିଡିଓରେ କନକବର୍ଦ୍ଧନ ପୁଣି କହୁଛନ୍ତି ଏହା ହିନ୍ଦୀ ଚ୍ୟାନେଲ ହିନ୍ଦୀରେ କୁହନ୍ତୁ। ଓଡ଼ିଶାର ସବୁ ମା'ଙ୍କ ପାଇଁ କ'ଣ ବାର୍ତ୍ତା ଦେବାକୁ ଚାହିଁବେ ବୋଲି ପ୍ରଶ୍ନ ପଚାରିଥିଲେ କନକବର୍ଦ୍ଧନ? ଏହାର ଉତ୍ତରରେ ପ୍ରଭାତୀ କହିଥିଲେ, ମା'ଙ୍କୁ ପ୍ରକୃତିଠାରୁ ବହୁତ ଲୋକ ଭଲ ପାଆନ୍ତି। ତେଣୁ ମା'ଙ୍କ ନାଁରେ ଏକ ଗଛ ଲଗାଇବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ଏହା ପରେ କନକବର୍ଦ୍ଧନ ବହୁତ ବହୁତ ଧନ୍ୟବାଦ ବୋଲି କହିଥିଲେ। ଅନ୍ୟପକ୍ଷରେ ପାଖରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଏହି ଦୃଶ୍ୟ ବେଶ୍ ହାସ୍ୟରୋଳ ସୃଷ୍ଟି କରିଥିବା ଭିଡିଓରେ ଦେଖିବାକୁ ମିଳିଛି।

# ସଡ଼କ ଦୁର୍ଘଟଣାରେ: ହେଲ୍‌ମେଟ୍ ନ ପିନ୍ଧି ୫୧୬ ମୃତ

- ୫ ବର୍ଷରେ ଗଲାଣି ୨୭ ହଜାର ୧୬୭ ଜୀବନ
- ୫୦୪୧ ଜଣ ଦୁର୍ଘଟଣାରେ ଆହତ ହୋଇଛନ୍ତି
- ଦୁର୍ଘଟଣା ହ୍ରାସ ପାଇଁ ଖର୍ଚ୍ଚ ହେବ ୧୧.୮୯କୋଟି



**ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣା ରୋକିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ୫ହଜାରରୁ ଅଧିକ ବ୍ୟକ୍ତିଙ୍କ ଜୀବନ ଯାଉଥିବା ବେଳେ ୧୦ ହଜାରରୁ ଅଧିକ ବ୍ୟକ୍ତି ଆହତ ହୋଇ ପଙ୍ଗୁ ହେଉଛନ୍ତି। ବିଶେଷ କରି ସଡ଼କ ଦୁର୍ଘଟଣାରେ ଯୁବପିଢ଼ିଙ୍କ ଜୀବନ ଯାଉଛି, ଯାହା ବୁଦ୍ଧିଜୀବୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠିଙ୍କ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ଦେଇଥିବା ତଥ୍ୟ ସାଧାରଣରେ ଉଦବେଗ ସୃଷ୍ଟି କରିଛି। ଗତ ୫ବର୍ଷରେ ସଡ଼କ ଦୁର୍ଘଟଣାରେ ଗଲାଣି ୨୭ ହଜାର ୧୬୭ ଜଣଙ୍କ ଜୀବନ ଯାଇଥିବା ବେଳେ ୫୦ ହଜାର ୪୧ଜଣ ଆହତ ହୋଇଛନ୍ତି ବୋଲି ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି।

୨୦୨୦ ମସିହାରେ ୯ହଜାର ୮୧୭ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୪ହଜାର ୭୩୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ହଜାର ୮୧୮ ଜଣ ଆହତ ହୋଇଥିଲେ। ସେହିପରି ୨୦୨୧ରେ ୧୦ ହଜାର ୯୮୪ଟି ଦୁର୍ଘଟଣା ଘଟିଥିବା ବେଳେ ୫ହଜାର ୮୧ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ୯ହଜାର ୭୮୨ଜଣ ଆହତ ହୋଇଥିଲେ। ୨୦୨୨ରେ ୧୧ହଜାର ୬୬୩ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୫ହଜାର ୭୩୯ଜଣଙ୍କ ଜୀବନ ଯାଇଥିବା ବେଳେ ୧୦ ହଜାର ୩୦୨ଜଣ ଆହତ ହୋଇଛନ୍ତି। ୨୦୨୩ରେ ୧୧ହଜାର ୯୯୨ଟି ଦୁର୍ଘଟଣା ଘଟିଥିବା ବେଳେ ୫ହଜାର ୭୩୯ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିବର୍ଷ ଦୁର୍ଘଟଣାରେ ୧୦ହଜାର ୩୬୯ଜଣ ଆହତ ହୋଇଥିଲେ। ଆହୁରି ମଧ୍ୟ ୨୦୨୪ରେ ୧୨ହଜାର ୩୭୫ଟି ଦୁର୍ଘଟଣା ଘଟିଥିବା ବେଳେ ୬ହଜାର ୧୪୨ଜଣଙ୍କ ଜୀବନ ଯାଇଥିବା ବେଳେ ୧୦ ହଜାର ୭୭୦ ଜଣ ଆହତ ହୋଇଥିଲେ। ସରକାର ୨୦୨୪ ଡିସେମ୍ବର ମାସରେ ସଡ଼କ ଦୁର୍ଘଟଣା ହ୍ରାସ ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଦୁର୍ଘଟଣା ହ୍ରାସ ପାଇଁ ଆଇଆଇଟି ମାଡ୍ରାସ ସହିତ ତିନି ବର୍ଷ ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଉକ୍ତ ଏମ୍‌ଓୟୁ ଅନୁଯାୟୀ ସରକାର ୩ବର୍ଷରେ ୧୧.୮୯ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହା ବ୍ୟତୀତ ଆଇଆଇଟି ମାଡ୍ରାସ ଅଧିକାରୀମାନଙ୍କ ଓଡ଼ିଶାରେ ଯାତାୟତ, ରହଣି ଖର୍ଚ୍ଚ ଏବଂ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମର ଆୟୋଜନ ଖର୍ଚ୍ଚ ଇତ୍ୟାଦି ରାଜ୍ୟ ସରକାର ବହନ କରିବେ ବୋଲି ବିଧାନସଭାରେ କହିଛନ୍ତି ମନ୍ତ୍ରୀ। ଆହୁରି ମଧ୍ୟ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ସହ ପଛରେ ବସୁଥିବା ବ୍ୟକ୍ତିଙ୍କ ଭିତରେ ସଚେତନତାର ଅଭାବ ଯୋଗୁଁ ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି। ଦୁଇଚକିଆ ଗାଡ଼ି ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କ ପାଇଁ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏହି ନିୟମ ନମାନି ବେପରୁଆ ଭାବେ ଗାଡ଼ି ଚଲାଇବା କାରଣରୁ ଯାଉଛି ଅନେକ ଜୀବନ। ହେଲମେଟ୍ ନପିନ୍ଧବା କାରଣରୁ କେବଳ ୨୦୨୪ରେ ମୋଟ ୧୬୯୬ ଜୀବନ ଯାଇଛି। ୨୦୨୪ରେ ରାଜ୍ୟରେ ହୋଇଥିବା ମୋଟ ସଡ଼କ ଦୁର୍ଘଟଣା ଓ ସେଥିରେ ହୋଇଥିବା ମୃତ୍ୟୁ ସଂଖ୍ୟା ପରିସଂଖ୍ୟାନରୁ ଏହି ତଥ୍ୟସାମ୍ନାକୁ ଆସିଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କ ମୃତ୍ୟୁ ମୁଣ୍ଡରେ ଆଘାତ ଯୋଗୁଁ ଘଟିଥିବା ଜଣାପଡ଼ିଛି। ଗତ ୩ ବର୍ଷର ରେକର୍ଡ ଦେଖିଲେ, ହେଲମେଟ୍ ନପିନ୍ଧିଥିବାରୁ ୫୧୬୦ଟି ଜୀବନ ଯାଇଛି।

### ।ଦିଲ୍ଲୀରେ ଦକ୍ଷିଣ ଏସୀୟ ଆଲୋଚନାଚକ୍ର ଉଦ୍‌ଯାପିତ।

# ସ୍ଥାୟୀ, ସୁସ୍ଥ ଓ ପାରମ୍ପରିକ ଖାଦ୍ୟ ବ୍ୟବସ୍ଥାକୁ ପ୍ରାଥମିକତା




**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ)** ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (ଆଇଏଫ୍‌ପିଆର୍‌ଆଇ), ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ସହ ସହଭାଗୀତାରେ ଗତ ୧୬ ତାରିଖରେ ନୂଆଦିଲ୍ଲୀରେ "ପରିବର୍ତ୍ତନଶୀଳ ବିଶ୍ୱ ପାଇଁ ଖାଦ୍ୟ ନୀତି: ଦକ୍ଷିଣ ଏସିଆ ପାଇଁ ପ୍ରାଥମିକତା' ଶୀର୍ଷକ ଏକ ଉଚ୍ଚସ୍ତରୀୟ ଆଞ୍ଚଳିକ ନୀତି ଆଲୋଚନା ଅନୁଷ୍ଠିତ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ଗବେଷଣା ପ୍ରତିଷ୍ଠାନ ୨୦୨୫ ବିଶ୍ୱ ଖାଦ୍ୟ ନୀତି ରିପୋର୍ଟ (ଜିଏଫ୍‌ପିଆର୍)ର ଦକ୍ଷିଣ ଏସିଆ ଶୁଭାରମ୍ଭ ମଧ୍ୟ ହୋଇଥିଲା। ଜଳବାୟୁ ପରିବର୍ତ୍ତନ, କୁପୋଷଣ ଓ ଜନସଂଖ୍ୟାଗତ ପରିବର୍ତ୍ତନର ବର୍ଦ୍ଧିତ ଚାପ ମଧ୍ୟରେ ଦକ୍ଷିଣ ଏସିଆ କିପରି ସ୍ଥିର, ଅନ୍ତର୍ଭୁକ୍ତ ଓ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ସୁରକ୍ଷିତ କରିପାରିବ, ସେ ବିଷୟରେ ଆଲୋଚନା ହୋଇଥିଲା । ବରିଷ୍ଠ ନୀତି ନିର୍ଦ୍ଧାରକ, ଗବେଷକ ଏବଂ ବିକାଶର ଅଂଶୀଦାରମାନେ ଏକତ୍ରିତ ହୋଇଥିଲେ।

ମୁଖ୍ୟ ଅତିଥି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍)ଅଧ୍ୟକ୍ଷ ପ୍ରଫେସର ଏସ୍. ମହେନ୍ଦ୍ର ଦେବ କହିଛନ୍ତି ଯେ ଖାଦ୍ୟ ବ୍ୟବସ୍ଥା ପାରମ୍ପରିକ ପ୍ରାଥମିକତାକୁ

### ବିଏମ୍‌ସିର ପ୍ରସ୍ତୁତି ବୈଠକ

# ଚଳିତ ବର୍ଷ ବିଏମ୍‌ସି ଅଞ୍ଚଳରେ ୧୭୨ ମେଢ଼



**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଏହାଛଡ଼ା ବହୁ କର୍ପୋରେଟର, ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା, ବିଭିନ୍ନ ସଂଯୁକ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ପ୍ରାୟ ୧୭୨ଟି ମଣ୍ଡପରେ ପୂଜା ପାଇବେ ଜଗତଜ୍ଜନନୀ ମା' ଦୁର୍ଗା। ପୂଜାକୁ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ବିଏମ୍ ସି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ରାସ୍ତା ମରାମତି, ଗଛ ଡାଳ କାଟିବା, ବିଦ୍ୟୁତ୍ ତାର ଓ ଖୁଣ୍ଟ ମରାମତି କାମ କରିବା, ଖୋଲା ଥିବା ଡ୍ରେନ ଉପରେ ସ୍ଲାବ ପକାଇବା ଆଦି କାମ ପ୍ରାୟ ଶେଷ ହୋଇଯାଇଛି। ପୂଜା କମିଟିମାନଙ୍କ ଅନୁରୋଧ କ୍ରମେ କେତେକ ସ୍ଥାନରେ ମୁକୁଳା ଡ୍ରେନ ଉପରେ ସ୍ଲାବ ପକାଇବା, ବିଦ୍ୟୁତ୍ ଆଲୋକ ଓ ଆବଶ୍ୟକ ସ୍ଥଳେ ଗଛ କାଟିବା ଆଦି ବ୍ୟବସ୍ଥା କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏହି କାମ ତୁରନ୍ତ ସାରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତ ବର୍ଷ ସ୍ୱଚ୍ଛତା ନିୟମ ମାନୁଥିବା ପୂଜା ପେଣ୍ଡାଲ ମଧ୍ୟରୁ ଏକ ନମ୍ବର ପେଣ୍ଡାଲ୍‌କୁ ଶ୍ରେଷ୍ଠ ସ୍ୱଚ୍ଛ ପେଣ୍ଡାଲ୍ ଭାବେ ପୁରସ୍କୃତ କରାଯିବ ବୋଲି ମେୟର କହିଛନ୍ତି। ସେହିପରି ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପରେ ପ୍ରତ୍ୟେକ ପେଣ୍ଡାଲ ଅଞ୍ଚଳରେ ଟିମ୍ ବିଏମ୍‌ସି ସହ କମିଟି ସଦସ୍ୟ ଓ ସ୍ଥାନୀୟ ଲୋକେ ଗଣ ସଫେଇ କରିବା ସକାଶେ ମଧ୍ୟ ମେୟର ଓ କମିଶନର ନିବେଦନ କରିଛନ୍ତି। ସମସ୍ତ କାର୍ଯ୍ୟ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ସଂଯୋଜନା କରିଥିଲେ।

# ଗଡ଼ଜାତ ଗାନ୍ଧୀ ସାରଙ୍ଗଧରଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ଅନ୍ୟତମ ପୁରୋଧା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି।

# ଓଡ଼ିଶା ଗସ୍ତରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** ଦିନିକିଆ ଓଡ଼ିଶା ଗସ୍ତରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ। ବିଜେପି ରାଜ୍ୟ କାର୍ଯ୍ୟାଳୟ ଯାଇ ଜିଏସଟି ସଂସ୍କାରକୁ ନେଇ ଏକ ଆଲୋଚନା ଚକ୍ରରେ ଯୋଗ ଦେବେ। ପରେ ସନ୍ଧ୍ୟା ୬ ଟା ଯାଏଁ ରାଜ୍ୟ କାର୍ଯ୍ୟାଳୟରେ ରହିବେ ତରୁଣ ଚୁଗ। ଏହି ସମୟରେ କିଛି ନେତାଙ୍କୁ ଭେଟି ଆଲୋଚନା କରିବେ। ବୋର୍ଡ ନିଗମ ନିଯୁକ୍ତି ନେଇ ତ୍ୱରାନ୍ୱିତ ହୋଇପାରେ ପ୍ରକ୍ରିୟା। ପୂର୍ବରୁ ଦୁଇ ଦୁଇ ଥର ଓଡ଼ିଶା ଆସି ବୋର୍ଡ ନିଗମ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତିଙ୍କ ସହ ବୈଠକ କରିଥିଲେ ତରୁଣ ଚୁଗ।

# ଶିକ୍ଷା ମନ୍ଦିରରେ ଠକ ପୂଜାରିଣୀ!

### ନକଲି ପ୍ରମାଣପତ୍ରରେ ଅସଲି ଚାକିରି



**ନବରଙ୍ଗପୁର,୧୮।୯(ସଂଚାର ବ୍ୟୁରୋ):** ବିଦ୍ୟାଳୟ କୁନି କୁନି ପିଲାଙ୍କ ପାଇଁ ଶିକ୍ଷାର ମନ୍ଦିର ହୋଇଥିବ ବେଳେ ଏଠାରେ ଶିକ୍ଷାଦାନ ଦାୟିତ୍ୱରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ହେଉଛନ୍ତି ପୂଜାରୀ ସଦୃଶ। ସେମାନଙ୍କ ମାଧ୍ୟମରେ ପିଲାମାନେ ଜ୍ଞାନ ହାସଲ କରି ନିଜ ଜୀବନକୁ ସଠିକ୍ ବାଟରେ ପରିଚାଳିତ କରିଥାନ୍ତି। ତେବେ ଏହି ଶିକ୍ଷାରୂପକ ମନ୍ଦିରରେ ଜଣେ ଗୁରୁମା' ଠକେଇ କରିଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ଗୁରୁମା'ଙ୍କ ନାଁରେ ଦୁଇଟି ବିଇଡି ସାର୍ଟିଫିକେଟ ରହିଛି। ଉକ୍ତ ଦୁଇଟିଯାକ ସାର୍ଟିଫିକେଟ୍ ବି ଗୋଟିଏ ଦିନରେ ଇସ୍ୟୁ କରାଯାଇଛି। ଦୁଇଟି ସାର୍ଟିଫିକେଟରେ ନାଁ ସମାନ ଥିବା ବେଳେ ରେଜିଷ୍ଟ୍ରେସନ୍ ନମ୍ବର ଆଉ କଣ୍ଟ୍ରୋଲର୍ ଅଫ୍ ଏକ୍‌ଜାମିନେସନ୍ସ ଅଧିକାରୀଙ୍କ ଦସ୍ତଖତ ଅଲଗା ଅଲଗା ରହିଛି। ଏନେଇ ଏହି ସାର୍ଟିଫିକେଟ ଦୁଇଟିର ସତ୍ୟତାକୁ ନେଇ ପ୍ରଶ୍ନ ଉଠିବା ସହ ସମ୍ପୃକ୍ତ ଶିକ୍ଷାଦାତା ଜଣକ ନକଲି ସାର୍ଟିଫିକେଟ ଦେଇ ଶିକ୍ଷକ ପଦବୀ ହାତେଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ସାର୍ଟିଫିକେଟ ଠକ୍‌କତାର ଘଟଣା ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କକଡ଼ାଗୁଡା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଦେଖିବାକୁ ମିଳିଛି। ଆଉ ଏଭଳି ଶିକ୍ଷାଗତ ସାର୍ଟିଫିକେଟ ହାତେଇଥିବା ଶିକ୍ଷୟିତ୍ରୀ ହେଉଛନ୍ତି ଟିଜିଟି ପିସିଏମ୍ ବିଭାଗର ଆଶାରାଣୀ କର। ଏହାକୁ ନେଇ ଆର୍‌ଟିଆଇ କର୍ମୀ ତରୁଣ କୁମାର ବିଷୋୟୀ, ନବରଙ୍ଗପୁର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ଜିଲ୍ଲା ଶିକ୍ଷା ବିଭାଗ ଚେଇଁ ଉଠିଛି।

ରିପୋର୍ଟ ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଶାରାଣୀ କର ୨୧ ଏପ୍ରିଲ ୨୦୧୨ରେ ନବରଙ୍ଗପୁର ଜିଲ୍ଲାରେ ଶିକ୍ଷାସହାୟକ ଭାବେ ନିଯୁକ୍ତି ହୋଇଥିଲେ ଆଉ ଝରୀଗାଁ ବ୍ଲକର ଏକ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। କିନ୍ତୁ ପରେ ହାଇସ୍କୁଲ ଶିକ୍ଷକତା ଚାକିରି ପାଇବା ପରେ ଗତ ୨୦୧୩ ଜାନୁଆରୀ ୨୧ରେ ଶିକ୍ଷା ସହାୟକ ପଦବୀରୁ ଇସ୍ତଫା ଦେଇ କକଡାଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିଲେ। କିନ୍ତୁ ସେ ଡିଇଓ କାର୍ଯ୍ୟାଳୟରେ ଦାଖଲ କରିଥିବା ଦୁଇଟିଯାକ ବିଇଡି ସାର୍ଟିଫିକେଟ ନକଲି ବୋଲି ଅଭିଯୋଗ ହେଉଥିଲା। ଏହାକୁ ନେଇ ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ସାର୍ଟିଫିକେଟର ସତ୍ୟତାକୁ ନେଇ ଆନ୍ଧ୍ର ୟୁନିଭର୍ସିଟିକୁ ଚିଠି ଲେଖିଥିଲେ କିନ୍ତୁ କୌଣସି ଉତ୍ତର ମିଳି ନ ଥିଲା। ଏନେଇ ଆରଟିଆଇ କର୍ମୀ ତରୁଣ କୁମାର ବିଷୋୟୀ ଲିଖିତ ଅଭିଯୋଗ କରିବା ପରେ ଏବେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଏହାର ସତ୍ୟତା ଜାଣିବା ପାଇଁ ବାରମ୍ବାର ୟୁନିଭର୍ସିଟିକୁ ଚିଠି ଲେଖିସାରିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୟୁନିଭର୍ସିଟି ପକ୍ଷରୁ କୌଣସି ଉତ୍ତର ଆସିନାହିଁ। ଏହାରି ଭିତରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଆଶାରାଣୀ କରଙ୍କର ଦୁଇଟି ବିଇଡି ସାର୍ଟିଫିକେଟ ଥିବା ଜଣାପଡ଼ିଛି। ଏହାକୁ ନେଇ ଡିଇଓ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସ୍ପଷ୍ଟୀକରଣ ଦେବା ସକାଶେ ଚିଠି ଲେଖିଥିଲେ ଆଉ ତଦାରଖ ପରେ ମାମଲା ସ୍ପଷ୍ଟ ହୋଇଛି। କିନ୍ତୁ ଏହାକୁ ଆଶାରାଣୀ ଫାଙ୍କିବାକୁ ଚେଷ୍ଟା କରିବା ସହ ଏହାକୁ 'ପ୍ରିଣ୍ଟିଂ ମିଷ୍ଟେକ' ବୋଲି କହିଛନ୍ତି।

### ● ମଞ୍ଚରୁ ଓହ୍ଲାଇବା ବେଳେ ଅଘଟଣ

# ଅଚେତ ହୋଇଗଲେ ୧୦ କଳାକାର




**ବଲାଙ୍ଗୀର,୧୮।୯(ସଂଚାର ବ୍ୟୁରୋ):** ନାଟକ ମଞ୍ଚରୁ ଓହ୍ଲାଇବା ବେଳେ ଅଚେତ ହେଲେ ମହିଳା କଳାକାର। ଏକା ଥରକେ ୧୦ ଜଣ କଳାକାର ଅଚେତ ହେବା ପରେ ଗୁରୁତର ହୋଇ ପଡ଼ିଛନ୍ତି। ଗାଁରେ ଝଡା ଫୁଙ୍କା କରିବା ପରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସେମାନଙ୍କୁ ଭର୍ତ୍ତି କରାଯାଇଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଉପରଝର ଗାଁରେ ଏଭଳି ଘଟଣା ଘଟିଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଉପର ଝର ଗାଁର ତଳିପଡ଼ାରେ ଥିବା ମହିଳା ରାମ ଲୀଳା ନାଟକ ପାର୍ଟି ବୁଧୁବାର ରାତିରେ ସୁବର୍ଣ୍ଣପୁର ଜିଲ୍ଲାର ତରଭା ଥାନା ଖଇରଭାଡ଼ି ଗାଁରେ ନାଟକ ପରିବେଷଣ କରିବାକୁ ଯାଇଥିଲେ। ଏହି ସମୟରେ ହଠାତ ରାମାୟଣର ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ସଜ୍ଜିତ ହୋଇଥିବା ଝିଅ ମାନେ ଅସୁସ୍ଥ ଅନୁଭବ କରିଥିଲେ। ମଞ୍ଚ ତଳକୁ ଓହ୍ଲାଇବା ବେଳେ ତଳେ ଅଚେତ ହୋଇ ପଡ଼ିଯାଇଥିଲେ। ସମସ୍ତେ ଏଭଳି ଦୃଶ୍ୟ ଦେଖି ଅବାକ ହୋଇ ଯିବା ସହ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ନାଟକକୁ ବନ୍ଦ କରି ଗାଁକୁ ସମସ୍ତେ ପଳାଇ ଆସିଥିଲେ। ହେଲେ ଗାଁ ରେ ଅବସ୍ଥାରେ ସୁଧାର ନ ଆସିବାରୁ ଗୁରୁବାର ସକାଳୁ ଗୁଣିଗାରେଡ଼ି ହୋଇଥିବା ସନ୍ଦେହ କରି ଝଡା ଫୁଙ୍କା କରାଯାଇଥିଲା। ପରେ ସମସ୍ତ ଅସୁସ୍ଥ ଝିଅକୁ ପରିବାର ଲୋକେ ଭିମ ଭୋଇ ମେଡିକାଲ କଲେଜର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଏନେଇ ଖବର ପାଇବା ପରେ ଦେଓଗାଁ ପୁଲିସ ଉପରଝର ଗାଁରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି।

# ପାଠପଢ଼ା ବେଳେ ଖସିଲା ପଙ୍ଖା, ଛାତ୍ରୀ ଆହତ



**ଉଦଳା,୧୮।୯(ସଂଚାର ବ୍ୟୁରୋ):** କ୍ଲାସ୍ ରୁମରେ ଅଚାନକ ଖସିଲା ପଙ୍ଖା। ଫାଟିଲା ଛାତ୍ରୀଙ୍କ ମୁଣ୍ଡ। ସ୍କୁଲରେ ପାଠ ପଢା ଚାଲୁଥିବା ବେଳେ ଅଘଟଣ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ବାଘିଆଗଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ଘଟଣା। ଗୁରୁତର ଛାତ୍ରୀ ହେଲେ ତୃତୀୟ ଶ୍ରେଣୀର ପ୍ରତୀକ୍ଷାରାଣୀ ବେଜ। ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ପାଠ ପଢ଼ାଉଥିବା ବେଳେ ଅଚାନକ ପଙ୍ଖା ପଡ଼ି ପ୍ରତୀକ୍ଷାଙ୍କ ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ପ୍ରତୀକ୍ଷାଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଛି। ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ମେଡିକାଲରେ ତାଙ୍କର ଚିକିତ୍ସା ଜାରି ରହିଛି। ସେହିପରି କିଛି ଦିନ ତଳେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ପଂଚାୟତ ବହୁମାଘେରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପୂଜା ଚାଲିଥିବା ବେଳେ ଛାତରୁ ପ୍ଲାଷ୍ଟର ଖସି ୩ ଜଣ ଛାତ୍ରୀ ଗୁରୁତର ହୋଇଥିଲେ। ୩ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ବାସୁଦେବପୁର ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା।

# ବିଚ୍ ରାସ୍ତାରେ ଡାକ୍ତରଙ୍କୁ ହାଣିଲେ ଦୁର୍ବୃତ୍ତ

**ସୋର,୧୮।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ସୋରରେ ବିଚ ରାସ୍ତାରେ ଡାକ୍ତରଙ୍କୁ ହାଣିଲେ ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ଶିଶୁ ବିଶେଷଜ୍ଞ ଡାକ୍ତର ବ୍ରଜ କିଶୋର ସ୍ୱାଇଁଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୋର କଲେଜ ରୋଡରେ ଥିବା ନିଜ କ୍ଲିନିକରୁ ବାପାଙ୍କ ସହିତ ଘର ଖଇରାକୁ ଯିବା ପାଇଁ ଡାକ୍ତର ସ୍ୱାଇଁ କ୍ଲିନିକରୁ ତଳକୁ ଓହ୍ଲାଇ ଆସୁଥିବା ବେଳେ ଅତର୍କିତ ଆକ୍ରମଣ ହୋଇଛି। ୬ ଜଣ ଦୁର୍ବୃତ୍ତ ପଲସରରେ ଆସି ଡାକ୍ତର ବ୍ରଜକିଶୋର ସ୍ୱାଇଁଙ୍କ ବେକକୁ ହାଣି ପକାଇଥିଲେ। ଏହାପରେ ସେମାନେ ଫେରାର ହୋଇଯାଇଛନ୍ତି । ଆକ୍ରମଣ ସ୍ଥଳରୁ କଟୁରୀ ଓ ଅନ୍ୟ ମାରଣାସ୍ତ୍ର ଜବତ ହୋଇଛି। ଗୁରୁତର ଅବସ୍ଥାରେ ଡାକ୍ତର ସ୍ୱାଇଁଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ଜଣାପଡ଼ିନାହିଁ।

# ବୟସ୍କାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ଦେବା ନିନ୍ଦନୀୟ: ବିଜେଡି



**ଭୁବନେଶ୍ୱର, ୧୮।୯(ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କ ମଧ୍ୟରୁ, ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ବାଦ ପଡିବେ ବୋଲି ସ୍ପଷ୍ଟ ହୋଇଥିବା ବେଳେ ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରି ପାରିବେ ବୋଲି ସରକାରଙ୍କ ତରଫରୁ ଦିଆଯାଇଥିବା ମନ୍ତବ୍ୟ ବାସ୍ତବିକ କଟା ଘା'ରେ ଚୂନ ଲଗାଇବା ସଦୃଶ୍ୟ ବୋଲି ବିଜୁ ଜନତା ଦଳ କହିଛି।

ଦଳ ତରଫରୁ ଜାରି କରାଯାଇଥିବା ଏକ ବିବୃତିରେ, ଦଳର ଗଣମାଧମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଜେପି ତା'ର ଇସ୍ତାହାରରେ, ସୁଭଦ୍ରା ଯୋଜନା ମାଧ୍ୟମରେ, ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେପି କ୍ଷମତାକୁ ଆସିବା ପରେ, ପ୍ରତ୍ୟେକ ମହିଳାଙ୍କୁ ନଦେଇ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏହାଛଡା, ୨ ବର୍ଷରେ ୫୦ ହଜାର ଦେବା ପରିବର୍ତ୍ତେ, ପାଞ୍ଚବର୍ଷରେ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିର୍ବାଚନୀ ଇସ୍ତାହାରରେ କୁହାଯାଇଥିଲା ।

### ଦୁର୍ଘଟଣାରେ ମୃତକଙ୍କ ପାଇଁ ୪ ଲକ୍ଷ ସହାୟତା ଘୋଷଣା

**ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗଜବାହାଲ ଅଞ୍ଚଳର ଟିକେଶ୍ୱର ଭୋଇଙ୍କ ପୁଅ ପଞ୍ଚଦେବଙ୍କର ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# କଳିଙ୍ଗା ଘାଟିରେ ଭୂସ୍ଖଳନ ପରେ ପୁନରୁଦ୍ଧାର ଆରମ୍ଭ



**କନ୍ଧମାଳ,୧୮।୯(ସଂଚାର ବ୍ୟୁରୋ):** କଳିଙ୍ଗା ଘାଟିରେ ଭୟଙ୍କର ଭୂସ୍ଖଳନ ପରେ ଆରମ୍ଭ ହୋଇଛି ପୁନରୁଦ୍ଧାର କାମ। କନ୍ଧମାଳ ଓ ଗଞ୍ଜାମ ମଧ୍ୟରେ ଯୋଗାଯୋଗ ଠପ୍ ଥିବା ବେଳେ ସଫେଇ କାର୍ଯ୍ୟ ଜାରି ରହିଛି। ରାସ୍ତା ଉପରେ ପଡିଥିବା ବଡ଼ ବଡ଼ ପଥର ଖଣ୍ଡକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ହଟାଇବା ପରେ ମଧ୍ୟ ସମାଧାନର ବାଟ ଫିଟିପାରିନାହିଁ। ପାହାଡ଼ କଡ଼ରେ ଲମ୍ବି ଯାଇଥିବା ରାସ୍ତା ଧୋଇ ଯିବା ପରେ ତାକୁ ପୁନଃଉଦ୍ଧାର କରିବା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଅନ୍ୟପଟେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାକୁ ପୁନଃନିର୍ମାଣ ପାଇଁ ବିଭାଗର ବରିଷ୍ଠ ଯନ୍ତ୍ରୀ ଘଟଣା ସମ୍ପର୍କରେ ଏବେ ବି ଅନୁଧ୍ୟାନ ଚଳାଇଛନ୍ତି। କେବେ କଳିଙ୍ଗା ଘାଟିରେ ସ୍ୱାଭାବିକ ହେବ ସ୍ଥିତି ଅନେଇ ବସିଛନ୍ତି କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାବାସୀ। ଏପଟେ ତୁରନ୍ତ ମରାମତି ପାଇଁ ଏନ୍‌ଏଚ୍‌ଏଆଇର ଆରଓ ଓ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ। ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ଓ କଳିଙ୍ଗା ଘାଟିର ସୁରକ୍ଷା ପାଇଁ ଯାହା ଆବଶ୍ୟକ ସେ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ସ୍ଥାୟୀ ନିର୍ମାଣ ପାଇଁ ଦାବି କରିବେ ବୋଲି କହିଛନ୍ତି ସାଂସଦ।

# ଅପହରଣର ୬ ଦିନ ପରେ ଉଦ୍ଧାର ହେଲା ମୃତଦେହ



**ଭଦ୍ରକ,୧୮।୯(ସଂଚାର ବ୍ୟୁରୋ):** ଅପହରଣର ୬ ଦିନ ପରେ ନାବାଳିକାର ଗଳିତ ମୃତଦେହ କେନାଲରୁ ଉଦ୍ଧାର। ଏକ ଘାସ ବୁଦା ଭିତରୁ ନାବାଳିକାର ଶବକୁ ଉଦ୍ଧାର କଲା ପୁଲିସ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ରାଧାନାଥପୁର ଅଞ୍ଚଳରେ। ସୂଚନାନୁସାରେ, ଗତ ଶନିବାର ସନ୍ଧ୍ୟାରେ କିଛି ଦୁର୍ବୃତ୍ତ ନାବାଳିକା ଜଣଙ୍କୁ ଉଠାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ ସଦର ଏସଡିପିଓଙ୍କ ସମେତ ବାସୁଦେବପୁର, ନାୟକାଣୀଡ଼ିହି, ଚୂଡ଼ାମଣି ଥାନାଧିକାରିଣୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରବିବାରଠାରୁ ଭଦ୍ରକ ଏସପି ମନୋଜ ରାଉତ ଅପହୃତାଙ୍କ ପରିବାର ନିକଟରେ ପହଂଚି ସମସ୍ତ ତଥ୍ୟ ସଂଗ୍ରହ କରିବା ସହ ସ୍ଥାନୀୟ ଦମକଳ ବାହିନୀ ଦ୍ୱାରା ଆଖପାଖରେ ଥିବା ପୋଖରୀ, ନଈ, ନାଳରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗତକାଲି ଉକ୍ତ ଘଟଣାକୁ ନେଇ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ନିକଟରେ ଥିବା କୋଷ୍ଟ କେନାଲରେ ଭଦ୍ରକ ଓଡ୍ରାଫ୍ ଟିମ ଓ ବାସୁଦେବପୁର ଦମକଳ ବାହିନୀ ଦ୍ୱାରା ଖୋଜିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ଓଡ୍ରାପ ଟିମ ଓ ବାସୁଦେବପୁର ଦମକଳବାହିନୀ ପହଂଚି ଅପହୃତାଙ୍କ ଘରଠାରୁ ମାତ୍ର ୫୦୦ ମିଟର ଦୂରତାରେ ଥିବା କୋଷ୍ଟ କେନାଲରେ ଖୋଜାଖୋଜି କରୁଥିବା ସମୟରେ ଏକ ଘାସ ବୁଦା ଭିତରୁ ନାବାଳିକାର ଶବକୁ ଉଦ୍ଧାର କରିଥିଲେ। ଏହି ଶବ କେନାଲ ଆଡ଼ିରୁ ୧୯ଫୁଟ ଦୂରରେ ପଡ଼ିଥିଲା। ଖବର ପାଇ ଡିଆଇଜି ପିନାକ ମିଶ୍ର, ଏସପି ମନୋଜ ରାଉତ ପହଁଚି ସାଇଣ୍ଟିଫିକ ଟିମ ସାହାଯ୍ୟରେ ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରିବା ସହ ଶବକୁ କଟକ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହତ୍ୟା ପଛରେ ରହସ୍ୟ କ'ଣ ରହିଛି, ତା' ମୃତଦେହ ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ଅନ୍ୟପକ୍ଷରେ ଏହି ହତ୍ୟାକାରୀଙ୍କୁ ତୁରନ୍ତ ଦଣ୍ଡିତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ସଂଶୋଧିତ ଜିଏସ୍‌ଟିରୁ ଅର୍ଥ ବ୍ୟବସ୍ଥାକୁ ଆସିବ ୨ ଲକ୍ଷ କୋଟି

ନୂଆଦିଲ୍ଲୀ,୧୮।୯ : ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ରେ କରାଯାଇଥିବା ସଂଶୋଧନରୁ ଭାରତୀୟ ଅର୍ଥବ୍ୟବସ୍ଥାକୁ ଅନ୍ୟୁନ ୨ ଲକ୍ଷ କୋଟି ଟଙ୍କା ଆସିବ। ଏହାଦ୍ୱାରା ସାଧାରଣ ଖାଉଟିଙ୍କ ପାଖରେ ଅଧିକ ଟଙ୍କା ବଞ୍ଚିବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର ଏହା ପ୍ରକାଶ କରିଛନ୍ତି। ବିଶାଖାପାଟଣମ୍‌ରେ 'ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର' ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ କହିଲେ ଯେ, ଜିଏସ୍‌ଟି ହାରରେ ହ୍ରାସ ଦ୍ୱାରା

## ଦୈନନ୍ଦିନ ସାମଗ୍ରୀ ହେବ ଶସ୍ତା

ଦେଶବାସୀଙ୍କର ୨ ଲକ୍ଷ କୋଟି ଟଙ୍କା ସଞ୍ଚୟ ହେବ। ଏହା ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ବଡ଼ ପଦକ୍ଷେପ। ଲୋକଙ୍କ ହାତକୁ ଟଙ୍କା ଆସିବା ଦ୍ୱାରା ଅର୍ଥନୀତିରେ ଚାହିଦା ବଢ଼ିବ। ଏହା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ସୀତାରମଣ ଆହୁରି କହିଲେ ଯେ, ଜିଏସ୍‌ଟିର ୧୨% ସ୍ଲାବ୍‌ରେ ସାମିଲ ୯୯% ସାମଗ୍ରୀ ଏବେ ୫% ଟିକସ ପରିସରକୁ ଆସିଯାଇଛି। ଏହାସହିତ ୨୮% ଟିକସ ସ୍ଲାବ୍‌ରେ ଥିବା ୯୦% ସାମଗ୍ରୀ ୧୮% ଟିକସ ପରିସରକୁ ଆସିଛି। ସେ କହିଲେ, ଏହି ପରିବର୍ତ୍ତନ ମଧ୍ୟବିତ୍ତଙ୍କୁ ବଡ଼ ଆକାରରେ ଫାଇଦା ଦେବ ଏବଂ ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେବ। ସୀତାରମଣ ଏହା ମଧ କହିଛନ୍ତି ଯେ, ଜିଏସ୍‌ଟି ହାର ସଂଶୋଧନ ଯୋଗୁ ମିଳିବାକୁ ଥିବା ଲାଭ ଦେଶର ଅନେକ




ଶିଳ୍ପକୁ ଦିଆଯାଉଥିବା ପ୍ରୋତ୍ସାହନ ରାଶିଠାରୁ ୧୦ ଗୁଣା ଅଧିକ। ଅର୍ଥମନ୍ତ୍ରୀ ଆହୁରି କହିଲେ ଯେ, ଜିଏସ୍‌ଟି ଲାଗୁ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ ଏ ବାବଦ ରାଜସ୍ୱ ବଢ଼ି ୨୨.୦୮ ଲକ୍ଷ କୋଟି ଟଙ୍କା ହୋଇଛି। ଏହାବ୍ୟତୀତ ଜିଏସ୍‌ଟି ଯୋଗୁ ଟିକସଦାତାଙ୍କ ସଂଖ୍ୟା ବି ୬୫ ଲକ୍ଷରୁ ବଢ଼ି ୧.୫୧ କୋଟିରେ ପହଞ୍ଚିଛି। ଏହା ଦର୍ଶାଉଛି ଯେ, ଜିଏସ୍‌ଟି କେବଳ ରାଜସ୍ୱ ବଢ଼ାଇନାହିଁ ବରଂ ଟିକସଦାତାଙ୍କ ଆଧାରକୁ ବି ମଜଭୁତ କରିଛି। ଏବେ ଜିଏସ୍‌ଟି ୪ ବଦଳରେ ଦୁଇଥାକିଆ ହୋଇଛି। ୫% ଏବଂ ୧୮% ଜିଏସ୍‌ଟି ବ୍ୟବସ୍ଥା ସେପ୍ଟେମ୍ବର ୨୨ରୁ କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ସାଧାରଣ ଭାବେ ବ୍ୟବହୃତ ସାମଗ୍ରୀ ଯେପରି ସାବୁନ, ସ୍ୟାମ୍ପୋ ସହ ଏସି, କାର ବି ଶସ୍ତା ହେବ। ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଏ ନିଷ୍ପତ୍ତି ନିଆଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସେପ୍ଟେମ୍ବର ୩ରେ ଏହି ସୂଚନା ଦେଇଥିଲେ। ସୀତାରମଣ କହିଥିଲେ ଯେ, କ୍ଷୀର, ରୁଟି, ପରଟା, ଛେନା ସମେତ ଅନେକ ଖାଦ୍ୟ ସାମଗ୍ରୀ ଜିଏସ୍‌ଟିମୁକ୍ତ ହେବ। ସେହିଭଳି ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ଉପରେ ବି ଟିକସ ଲାଗିବ ନାହିଁ। ୩୩ ଜୀବନ ରକ୍ଷକ ଔଷଧ, ବିରଳ ରୋଗ ଏବଂ ଗମ୍ଭୀର ରୋଗ ପାଇଁ ଔଷଧଗୁଡ଼ିକ ବି ଟିକସମୁକ୍ତ ହେବ। ବିଳାସ ସାମଗ୍ରୀ ଏବଂ ତମାଖୁ ଉତ୍ପାଦ ଉପରେ ଏବେ ୨୮% ବଦଳରେ ୪୦% ଜିଏସ୍‌ଟି ଲାଗିବ। ମଧ୍ୟମ ଏବଂ ବଡ଼ କାର, ୩୫୦ ସିସିରୁ ଅଧିକ ଇଞ୍ଜିନଯୁକ୍ତ ମୋଟରସାଇକେଲ ମଧ ଏହି ସ୍ଲାବ୍‌ରେ ଆସିବ। ଅର୍ଥମନ୍ତ୍ରୀ କହିଥିଲେ ଯେ, ନୂଆ ସ୍ଲାବ୍ ନବରାତ୍ରିର ପ୍ରଥମ ଦିନ ଅର୍ଥାତ୍ ସେପ୍ଟେମ୍ବର ୨୨ରେ ଲାଗୁ ହେବ। ତେବେ ତମାଖୁଯୁକ୍ତ ସାମଗ୍ରୀ ଉପରେ ନୂଆ ୪୦% ଜିଏସ୍‌ଟି ହାର ଏବେ ଲାଗୁ ହେବ ନାହିଁ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି, ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେବା, କ୍ଷୁଦ୍ର ବ୍ୟବସାୟୀଙ୍କୁ ସହଯୋଗ କରିବା ଏବଂ ତମାଖୁ ଭଳି ଅବଗୁଣକାରୀ ଉତ୍ପାଦଗୁଡ଼ିକ ଉପରେ ଟିକସ ବଢ଼ାଇ ସେଗୁଡ଼ିକର ଉପଯୋଗ କମ୍ କରିବା।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୧୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୧,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୧,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୧,୩୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୧,୪୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୧୧,୧୭୦ଓ ୧,୦୧,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୧,୦୦୦ ଟଙ୍କା ହୋଇଛି।

# ୧.୨୯ ଲକ୍ଷ ପର୍ଯ୍ୟନ୍ତ ଶସ୍ତା ହେଲା ମାରୁତି କାର୍

ମୁମ୍ବାଇ, ୧୮।୯: ଜୀବନରେ କିଛି ହଉ କି ନ ହଉ; ନିଜ ନାମରେ ଘର ଓ ଗାଡ଼ିଟିଏ କରିବାର ସ୍ୱପ୍ନ କାହାର ବା ନଥାଏ! ଘର ତ ଅତି ବଡ଼ ସ୍ୱପ୍ନ। ହେଲେ ଚାରିଚକିଆ ଗାଡ଼ି ଚଳାଇବାର ଇଚ୍ଛା ଆଜିକାଲା ପ୍ରାୟ ସଭିଙ୍କ ଭିତରେ। ହେଲେ ଟଙ୍କାକୁ ଡରି ଲୋକେ ନିଜ ସ୍ୱପ୍ନକୁ ମାରିପକାନ୍ତି। ଏବେ କିନ୍ତୁ ଆଉ କାହାକୁ ତାଙ୍କ ସ୍ୱପ୍ନ ମାରିବାକୁ ପଡ଼ିବ ନାହିଁ। କାରଣ ଗାଡ଼ି ଦରରକୁ ଲକ୍ଷ ଲକ୍ଷ ଟଙ୍କା କମ୍ କରିଦେଇଛି ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକି। ମାରୁତି ସୁଜୁକି ଆଜି ଏହାର କାର୍‌ଗୁଡ଼ିକର ମୂଲ୍ୟ ହ୍ରାସ ଘୋଷଣା କରିଛି। କମ୍ପାନି ଘୋଷଣା କରିଛି ଯେ ମାରୁତି ୱାଗନ-ଆର ଠାରୁ ଆରମ୍ଭ କରି ଅଲ୍ଟୋ ଏବଂ ଇଗ୍ନିସ୍ ଭଳି ଛୋଟ କାରଗୁଡ଼ିକର ମୂଲ୍ୟ ୧.୨୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଛି। କାରର ମୂଲ୍ୟରେ ଏହି ହ୍ରାସ ସେପ୍ଟେମ୍ବର ୨୨ ତାରିଖରୁ ଲାଗୁ ହେବ। ମାରୁତି ସୁଜୁକି ଦ୍ୱାରା ଜାରି ଏକ ସରକାରୀ ବିବୃତିରେ କୁହାଯାଇଛି ଯେ ସାମ୍ପ୍ରତିକ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ର ଲାଭ ସିଧାସଳଖ ଗ୍ରାହକମାନଙ୍କୁ ଦିଆଯିବ।




## ସେପ୍ଟେମ୍ବର ୨୨ରୁ ଲାଗୁ ହେବ ନୂଆ ଦର

ଏହାକୁ ନେଇ କମ୍ପାନି ତାର ପୋର୍ଟଫୋଲିଓରେ ଅନ୍ତର୍ଭୁକ୍ତ ମଡେଲଗୁଡ଼ିକର ମୂଲ୍ୟ ହ୍ରାସ ଘୋଷଣା କରିଛି। ତେବେ ଆସନ୍ତୁ ଦେଖିବା କେଉଁ କାରର ମୂଲ୍ୟ କେତେ ହ୍ରାସ ପାଇଛି।

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ (ମାର୍କେଟିଂ ଏବଂ ବିକ୍ରୟ) ପାର୍ଥୋ ବାନାର୍ଜୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, କାରର ମୂଲ୍ୟ ହ୍ରାସ କରାଯିବ। ମୂଲ୍ୟ ହ୍ରାସରେ ଗାଡ଼ିର ବୈଶିଷ୍ଟ୍ୟ ଏବଂ ପ୍ରଯୁକ୍ତିବିଦ୍ୟାରେ କୌଣସି ପରିବର୍ତ୍ତନ ଅନ୍ତର୍ଭୁକ୍ତ ନୁହେଁ। ଏହି ନୂତନ ମୂଲ୍ୟ ଅପଡେଟ୍ ପରେ, ଅଲ୍‌ଟୋ କେ୧୦ ଆଉ ମାରୁତି ସୁଜୁକିର ସବୁଠାରୁ ଶସ୍ତା କାର ନୁହେଁ। ପ୍ରକୃତରେ, ମାରୁତି ଏସ୍-ପ୍ରେସୋ ଏବେ କମ୍ପାନିର ପୋର୍ଟଫୋଲିଓରେ ସବୁଠାରୁ ଶସ୍ତା କାର ପାଲଟିଛି। ଏହି କାରର ସର୍ବାଧିକ ମୂଲ୍ୟ ୧,୨୯,୬୦୦ ହ୍ରାସ ପାଇ ୩୪୯,୯୦୦ ଟଙ୍କାରେ ପହଞ୍ଚିଛି। ସେହିପରି ମାରୁତି ସ୍ୱିଫ୍ଟ ଏବେ ମାତ୍ର ୫.୭୯ ଲକ୍ଷ ଟଙ୍କାରୁ ଆରମ୍ଭିକ ମୂଲ୍ୟରେ ଉପଲବ୍ଧ। ମାରୁତି ସୁଜୁକି ଏହାର ଲୋକପ୍ରିୟ କାର ସ୍ୱିଫ୍ଟର ମୂଲ୍ୟ ୮୪,୬୦୦ ଟଙ୍କା ହ୍ରାସ ଘୋଷଣା କରିଛି। ଏହା ସହିତ, ବାଲେନୋର ମୂଲ୍ୟ ୮୬,୧୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଛି। ଯାହା ଫଳରେ ଏହାର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୫.୯୯ ଲକ୍ଷ ଟଙ୍କା ହୋଇଛି। ମାରୁତି ଡିଜାୟାର ବର୍ତ୍ତମାନ ମାତ୍ର ୬.୨୬ ଲକ୍ଷ ଟଙ୍କାରୁ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ।

# ନାଲ୍‌କୋର ସାମାଜିକ ସୁରକ୍ଷା ପଦକ୍ଷେପ



ଭୁବନେଶ୍ୱର, ୧୮।୯: ନ୍ୟାସନାଲ୍ ଆଲୁମିନିୟମ କମ୍ପାନି (ନାଲ୍‌କୋ) ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। କର୍ମଚାରୀ କଲ୍ୟାଣ ପ୍ରତି ରହିଥିବା ପ୍ରତିବଦ୍ଧତା ଅନୁସାରେ ନାଲ୍‌କୋ ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ଅନ୍ୟାନ୍ୟ ଅଗ୍ରଣୀ ବ୍ୟାଙ୍କ ସହ କର୍ପୋରେଟ୍ ଦରମା ଆକାଉଣ୍ଟ୍ ମାଧ୍ୟମରେ ସମସ୍ତ ନିୟମିତ କର୍ମଚାରୀଙ୍କୁ ୧ କୋଟି ଟଙ୍କାର ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା ସୁରକ୍ଷା ପ୍ରଦାନ କରାଯାଉଛି। ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ପାଇଁ ମଧ ଏକ ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନା ଆରମ୍ଭ କରାଯାଇଛି। ଏଥିରେ ପ୍ରତ୍ୟେକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଡ୍ୟୁଟି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୨୦ ଲକ୍ଷ ଟଙ୍କା ଏବଂ ଅକ୍ଷମତା କ୍ଷେତ୍ରରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇବେ। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷନ ରେଡ୍ଡୀଙ୍କ ନେତୃତ୍ୱରେ ଏହି ପଦକ୍ଷେପ କମ୍ପାନି କର୍ମଚାରୀମାନଙ୍କ ପାଇଁ ଏକ ସୁଦୃଢ଼ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିଥିବା କମ୍ପାନି ପକ୍ଷରୁ କୁହାଯାଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଜିନ୍ଦଲ ଫାଉଣ୍ଡେସନ୍ ଲଗାଇଲା ୭୫ ହଜାର ଗଛ

ଭୁବନେଶ୍ୱର, ୧୮।୯: ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ୭୫୦୦୦ରୁ ଅଧିକ ଚାରା ରୋପଣ କରାଯାଇଛି। ରାଜ୍ୟ ସରକାରଙ୍କ ଏକ ପେଡ୍ ମା' କେ ନାମ୍ ୨.୦ ଅଭିଯାନରେ କେବଳ ଓଡ଼ିଶାରେ ୫୫୦୦୦ ଚାରା ରୋପଣ କରାଯାଇଛି। ଫାଉଣ୍ଡେସନ ପକ୍ଷରୁ ଜିନ୍ଦଲ ଷ୍ଟିଲର ପ୍ରମୁଖ କାର୍ଯ୍ୟସ୍ଥଳ ଅନୁଗୁଳ, ବଡବିଲ, ଟେନ୍‌ସା, କାଶିଆର ପାରିପାର୍ଶ୍ୱିକ ଅଞ୍ଚଳରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଅନୁଗୁଳରେ ୪୩୦୦୦ ଚାରା ରୋପଣ କରାଯାଇଥିଲା। ଅନୁଗୁଳର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମହାନ୍ତି, ଉପଜିଲ୍ଲାପାଳ



ମାୟାଧର ବେହେରା, ତହସିଲଦାର ସୁଶାନ୍ତ ମିଶ୍ର, ଜିନ୍ଦଲ ଷ୍ଟିଲ୍‌ର ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ କୁମାର ମହ୍ଲାନ, ପ୍ରେସିଡେଣ୍ଟ ଏବଂ ଗ୍ରୁପ୍ ହେଡ୍-ସିଏସଆର ପ୍ରଶାନ୍ତ ହୋତା, ଇଭିପି ଆଶିଷ ପାଣ୍ଡେ, ଇଭିପି ପ୍ରସନ୍ନ ପଣ୍ଡା ଓ ଭାଇସ ପ୍ରେସିଡେଣ୍ଟ୍ ଏସ କେ ଶର୍ମାଙ୍କ ସମେତ ସିଡିଏଓ ଉମାଶଙ୍କର ମିଶ୍ର, ନାବାର୍ଡର ଡିଡିଏମ ଆଶୁତୋଷ ରଏ ପ୍ରମୁଖ ସେଥିରେ ଅଂଶଗ୍ରହଣ କରିଥିଲେ। ବଡ଼ବିଲ୍‌ରେ ୧୨୦୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା। ସେଥିରେ କ୍ଲଷ୍ଟର ମୁଖ୍ୟ (ବିକେଟିଆର) ପ୍ରମୋଦ କୁମାର ପାତ୍ର, ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ ଡି ଓ ଟେନସା ୟୁନିଟ ହେଡ୍ ଆର୍ ଏସ୍ ରଘୁବଂଶୀ ସାମିଲ ହୋଇଥିଲେ।

## ପ୍ରବଳ ଚାହିଦାରେ କମଳା ରଙ୍ଗ ଆଇଫୋନ୍



ନୂଆଦିଲ୍ଲୀ, ୧୮।୯: ଆମେରିକୀୟ କମ୍ପାନି ଆପଲ୍ ଆଣିଥିବା କସ୍‌ମିକ୍ କମଳା ରଙ୍ଗର ଆଇଫୋନ୍ ୧୭ ପ୍ରୋ ମ୍ୟାକ୍ସ ପ୍ରବଳ ଚାହିଦାରେ ରହିଛି। ପ୍ରାକ୍ ବୁକିଂ ଆରମ୍ଭ ହେବାର ତିନି ଦିନରେ ଭାରତ ଓ ଆମେରିକାରେ ଏହି ରଙ୍ଗର ଫୋନ୍ ଷ୍ଟକ୍ ଶେଷ ହୋଇଯାଇଛି। ଭାରତରେ କୌଣସି ଗୋଟିଏ ବି ଆପଲ୍ ଷ୍ଟୋର୍‌ରେ ଏହି ମଡେଲ୍ କିଣିବା ପାଇଁ ଉପଲବ୍ଧ ନାହିଁ। ଆଇଫୋନ୍ ପ୍ରୋ ମ୍ୟାକ୍ସ ଓ ଆଇଫୋନ୍ ପ୍ରୋ ସିରିଜ୍‌ରେ ମଧ ଏହି ରଙ୍ଗର ଫୋନ୍ ଉପଲବ୍ଧ ନାହିଁ। ଆପଲ୍‌ର ଜଣେ ବିଶେଷଜ୍ଞ କହିଛନ୍ତି ଯେ ସବୁ କସ୍‌ମିକ୍ କମଳା ରଙ୍ଗର ଆଇଫୋନ୍ ୧୭ ପ୍ରୋ ମ୍ୟାକ୍ସ ଶୀଘ୍ର ବିକ୍ରି ହୋଇଯାଇଛି। ତେଣୁ ପ୍ରାକ୍-ବରାଦ ପାଇଁ ସେହି ମଡେଲ୍ ଉପଲବ୍ଧ ନ ଥିବା ଆମେ ଦୁଃଖର ସହ ଜଣାଉଛୁ। ଯଥାଶୀଘ୍ର ସେହି ରଙ୍ଗର ମଡେଲ୍ ଉପଲବ୍ଧ କରିବା ଲାଗି ଆମ ଟିମ୍ ଜୋରଦାର ପ୍ରୟାସ କରୁଥିବା ସେ କହିଛନ୍ତି। ଆପଲ୍ ପକ୍ଷରୁ ନିକଟରେ ଆଇଫୋନ୍ ୧୭ ସିରିଜ୍ ଉନ୍ମୋଚନ କରାଯାଇଥିଲା। ଏହି ସିରିଜ୍‌ରେ ଥିବା ବିଭିନ୍ନ ମଡେଲ୍‌ର ଦାମ୍ ୮୨,୯୦୦ ଟଙ୍କାରୁ ଆରମ୍ଭ ହୋଇ ୨,୨୯,୦୦୦ ଟଙ୍କା ମଧ୍ୟରେ ରହିଛି।

## ବେଦାନ୍ତର ଖାଦ୍ୟ-ପାନୀୟ ଦକ୍ଷତା ତାଲିମ



ଭୁବନେଶ୍ୱର, ୧୮।୯: ବେଦାନ୍ତ ଆଲୁମିନିୟମ ଭବାନୀପାଟଣାରେ ଦକ୍ଷତା ତାଲିମ ପଦକ୍ଷେପ ଅଧୀନରେ ୨୧ତମ ଖାଦ୍ୟ ଏବଂ ପାନୀୟ ତାଲିମ ସଫଳତାର ସହ ଶେଷ କରିବା ସହ ୯୩% ନିଯୁକ୍ତି ହାର ହାସଲ କରିଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ସହିତ ମିଳିତ ଭାବରେ ପରିଚାଳିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବକସମାଜକୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ଦେବା ସହ, ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ସମଗ୍ର ଅଞ୍ଚଳରେ ସାମଗ୍ରିକ, ତୃଣମୂଳ ସ୍ତରୀୟ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ଦକ୍ଷତା ହେଉଛି ଆତ୍ମନିର୍ଭରଶୀଳତାର ମୂଳଦୁଆ। ଏହି ଉଲ୍ଲେଖନୀୟ ନିଯୁକ୍ତିହାର ମାଇଲଖୁଣ୍ଟ କଳାହାଣ୍ଡିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବେଦାନ୍ତ ପକ୍ଷରୁ ଓଏସ୍‌ଡିଏ ଓ ନାବାର୍ଡ ସହଯୋଗରେ ତିନି ବର୍ଷରେ ୧୨୦୦ରୁ ଅଧିକ ଗ୍ରାମୀଣ ଯୁବସମାଜକୁ ତାଲିମ ଦେବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୭୫୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

## ନିମ୍ନମାନର ଲୁହାପଥର ଉପରେ ରପ୍ତାନି ଶୁଳ୍କ ନ ଲଗାଇବାକୁ ନିବେଦନ

ଭୁବନେଶ୍ୱର, ୧୮।୯: ନିମ୍ନ ମାନର (+୫୮ ଏଫ୍‌ଇରୁ କମ୍) ଲୁହାପଥର ଉପରେ ରପ୍ତାନି ଶୁଳ୍କ ନ ଲଗାଇବା ପାଇଁ ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ପକ୍ଷରୁ ଭାରତ ସରକାରଙ୍କୁ ନିବେଦନ କରାଯାଇଛି। ଏହା ଦ୍ୱାରା ସମ୍ବଳ ନଷ୍ଟ ହେବ, ଖଣି ପରିଚାଳନା ବାଧାପ୍ରାପ୍ତ ହେବ, ନିଯୁକ୍ତି କମିବ ଏବଂ ପରିବେଶକୁ କ୍ଷତି ପହଞ୍ଚିବାର ଆଶଙ୍କା ଥିବା ଫିମି କହିଛି। ବର୍ତ୍ତମାନ ଦେଶର ଇସ୍ପାତ କମ୍ପାନିଗୁଡ଼ିକ +୬୨ ଏଫ୍‌ଇରୁ ଅଧିକ ମାନର ଲୁହାପଥର ବ୍ୟବହାର କରୁଛନ୍ତି। ତେଣୁ ନିମ୍ନ ମାନର ଲୁହାପଥର ପାଇଁ ଦେଶରେ କୌଣସି ଚାହିଦା ନାହିଁ। ସେଗୁଡ଼ିକ ଖଣି କିମ୍ବା ପୁରୁଣା ଡମ୍ପରେ ପଡ଼ି ରହୁଛି। କେବଳ ରପ୍ତାନି ଜରିଆରେ ସେଗୁଡ଼ିକୁ ହଟାଯାଇପାରିବ ବୋଲି ଫିମି କହିଛି।



## ପାତ୍ର ଇଲେକ୍ଟ୍ରୋନିକ୍ସରେ ପ୍ରି-ବୁକିଂ ବିଗ୍ ଫେଷ୍ଟିଭାଲ୍ ସେଲ୍

ଭୁବନେଶ୍ୱର, ୧୮।୯: ଜିଏସ୍‌ଟି ସଂସ୍କାର ପ୍ରଭାବରେ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଦର କମ୍ ହେବାକୁ ଯାଉଛି। ଏହି ଅବସରରେ ପାତ୍ର ଇଲେକ୍ଟ୍ରୋନିକ୍ସର ଶାଖାଗୁଡ଼ିକରେ ପ୍ରି ବୁକିଂ ସେଲ୍ ଆରମ୍ଭ ହୋଇଛି। ସେଥିରେ ଜିଏସ୍‌ଟି ଲାଭ ସହିତ ସମସ୍ତ ଜିନିଷକୁ ସହଜ କିସ୍ତିରେ ଦିଆଯାଉଛି। କେତେକ ଜିନିଷକୁ ଶୂନ ଡାଉନ୍ ପେମେଣ୍ଟ, ଶୂନ ସୁଧ, ଶୂନ ପ୍ରୋସେସିଂ ଫି'ରେ ମାତ୍ର ୯୯୦ ଟଙ୍କାର ସହଜ କିସ୍ତି, ୩୬ ମାସ ପର୍ଯ୍ୟନ୍ତ ଇଏମ୍‌ଆଇ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ରିପଲ୍ କ୍ୟାସ୍‌ବ୍ୟାକ୍ ସହ କ୍ରୟ କରାଯାଇପାରିବ। ଦୈନିକ ୨ ଲକ୍ଷ ୫୦ ହଜାର ଟଙ୍କାର ଲକି ଡ୍ର' ଓ ଗିଫ୍ଟ ଭାଉଚର୍‌ର ମଧ ବ୍ୟବସ୍ଥା ରହିଛି। ମାତ୍ର ୩୯୯୦ ଟଙ୍କାରେ ଚାରିଟି ଉତ୍ପାଦ ଯଥା ଏଲ୍‌ଇଡି ଟିଭି, ୱାସିଂ ମେସିନ୍, ଫ୍ରିଜ୍ ଓ ଏସି ମିଳୁଥିବା ବେଳେ ଦୁଇଟି ଇଏମ୍‌ଆଇ ରିଫଣ୍ଡ ବ୍ୟବସ୍ଥା ରହିଛି। ପ୍ରି ବୁକିଂ କଲେ ଜିଏସ୍‌ଟି ପରିବର୍ତ୍ତିତ ମୂଲ୍ୟ ସହ କେତେକ ଜିନିଷ ଉପରେ ୫୦% ରିହାତି ମିଳିବାର ସୁବିଧା ରହିଛି।

### ମଧ୍ୟାହ୍ନଭୋଜନ ରୋଷେଇ ନ ହୋଇ ପୋର୍ଟାଲରେ ତଥ୍ୟ ପ୍ରଦାନ ପ୍ରସଙ୍ଗ

# ୨୦ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ନାଉଗାଁ,୧୮।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତର ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ ନ ହୋଇ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରେ ତଥ୍ୟ ପ୍ରଦାନ କରିବାକୁ ନେଇ ୨୦ ଦିନ ବିତି ଥିଲେ ମଧ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗହ୍ରଣ ହୋଇ ନ ଥିବା ଜଣାଯାଇଛି। ଯାହାକୁ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି। ଅନ୍ୟପଟରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକ ସିତାକାନ୍ତ ଆଚାର୍ଯ୍ୟ ଓ ନାଉଗାଁ ସିଆରସିସି ଅକ୍ଷୟ ରାଉତ ବିଦ୍ୟାଳୟକୁ ଯାଇ ଅଭିଯୋଗ ଉପରେ ତଦନ୍ତ କରି ଫେରିଥିବା ଜଣାଯାଇଛି।




ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ଜଣ ପିଲା ପାଠ ପଢୁଛନ୍ତି। ଅଗଷ୍ଟ ୩୦ ତାରିଖ ଶନିବାର ବିଦ୍ୟାଳୟରେ ଦିନ ୧୧ଟା ହୋଇଥିଲେ ମଧ ବିଦ୍ୟାଳୟରେ ମାତ୍ର ୩ ଜଣ ପିଲା ଉପସ୍ଥିତ ଥିଲେ ସେଥିରୁ ୨ଜଣ ଶିଶୁ ବାଟିକା ପିଲା ବୋଲି ଜଣାପଡ଼ିଚି। ପିଲା ଶ୍ରେଣୀ ଗୃହରେ ବସିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବେହେରା ବିଦ୍ୟାଳୟର ଚୌକି ଉପରେ ବସି ଶୋଇ ରହିଥିବାର ଦେଖିବାକୁ ମିଳିଥିଲା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଅନ୍ୟ ସହକାରି ଶିକ୍ଷକ ଶ୍ରେଣୀ ଗୃହରେ ପିଲା ଉପସ୍ଥିତ ନଥାଇ ୧୮ ଜଣଙ୍କର ଉପସ୍ଥାନ କିପରି ଦିଆଯାଇଥିଲା। ହେଲେ ଉପସ୍ଥାନ ଖାତାରେ ୮ ଜଣ ପିଲାଙ୍କର ନାମ ଲେଖା ହୋଇଥିବା ବେଳେ କୌଣସି ପିଲାଙ୍କର ଉପସ୍ଥାନ ନିଆଯାଇ ନଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାରଙ୍କ ତରଫରୁ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ମାଧ୍ୟମରେ ବିଦ୍ୟାଳୟରେ କେତେ ଜଣ ପିଲା ଉପସ୍ଥିତ ରହିଛନ୍ତି ଓ କେତେ ଜଣ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ ସେସଂକ୍ରାନ୍ତରେ ସମସ୍ତ ତଥ୍ୟ ପୋର୍ଟାଲରେ ପ୍ରଦାନ କରାଯିବ। ଉକ୍ତ ବିଦ୍ୟାଳୟରେ ମାତ୍ର ୩ଜଣ ପିଲା ରହିଥିବା ବେଳେ ପୋଷଣ ପୋର୍ଟାଲରେ ୩୨ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇଥିବା ତଥ୍ୟ ପ୍ରଦାନ କରାଯାଇଥିଲା।

ସତଥ୍ୟକୁ ଶିକ୍ଷା ଅଧିକାରିଙ୍କ ଅଣଦେଖା, ରାଜନିତି ଚାପରେ ଶିକ୍ଷା ଅଧିକାରି ଚେପା କି? ଏ ସର୍ମ୍ପକରେ ବ୍ଲକ ଶିକ୍ଷାଧିକାରୀ ଉମେଶ ରାଉତଙ୍କୁ ପଚାରିବାରୁ ବିଦ୍ୟାଳୟକୁ ଦୁଇ ଜଣିଆ ଟିମ ତଦନ୍ତ କରି ଫେରିଛନ୍ତି। ତଦନ୍ତ ରିପୋର୍ଟ ଉପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଛି।ସେମାନଙ୍କ ଉତର ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବାଚସ୍ପତିଙ୍କୁ ସମ୍ବିଧାନର ବ୍ରେଲି ସଂସ୍କରଣ ପ୍ରଦାନ କଲେ ଏନ୍‌ୟୁଜେଏସ୍ କୁଳପତି




**କୋଲକାତା,୧୮।୯(ସଂଚାର ବ୍ୟୁରୋ):** ଅଧିକ ସୁଗମତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପଶ୍ଚିମବଙ୍ଗ ଜାତୀୟ ନ୍ୟାୟିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ(ଏନ୍‌ୟୁଜେଏସ୍)ର କୁଳପତି ପ୍ରଫେସର ଡକ୍ଟର ନିର୍ମଳ କାନ୍ତି ଚକ୍ରବର୍ତ୍ତୀ ଭାରତୀୟ ସମ୍ବିଧାନର ବ୍ରେଲି ସଂସ୍କରଣ ପଶ୍ଚିମବଙ୍ଗ ବିଧାନସଭାର ବାଚସ୍ପତି ବିମାନ ବାନାର୍ଜୀଙ୍କୁ ପ୍ରଦାନ କରିଛନ୍ତି। କୋଲକାତାର ଏନ୍‌ୟୁଜେଏସ୍ ବର୍ତ୍ତମାନ ଏହାର ରୌପ୍ୟ ଜୟନ୍ତୀ ପାଳନ କରୁଛି। ଏହି ପଦକ୍ଷେପ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଆଇନଗତ ସଚେତନତା ବୃଦ୍ଧି ଉପରେ ଏନ୍‌ୟୁଜେଏସ୍‌ର ଧ୍ୟାନକୁ ପ୍ରତିଫଳିତ କରୁଛି। ବ୍ରେଲି ସଂସ୍କରଣ ସମ୍ବିଧାନକୁ ସହଜରେ ଉପଲବ୍ଧ କରିବା ପାଇଁଡିଜାଇନ୍‌କରାଯାଇଛି, ଯାହାଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ଦେଶର ପ୍ରମୁଖ ଆଇନଗତ ଡକ୍ୟୁମେଣ୍ଟ ସହିତ ସଂଯୋଗ ସ୍ଥାପନ କରିବାରେ ସକ୍ଷମ କରିବ। ଏହି କାର୍ଯ୍ୟକ୍ରମ ପଶ୍ଚିମବଙ୍ଗ ବିଧାନସଭାରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଉଭୟ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ ନାଗରିକଙ୍କୁ ସଶକ୍ତ କରିବାରେ ସୁଗମ ଆଇନଗତ ବିଷୟବସ୍ତୁର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲା।

## ଅଭିଯୁକ୍ତଙ୍କୁ ଗିରଫ ଦାବି କଲେ ପୀଡ଼ିତା ମହିଳା



**ବାଲିଆପାଳ,୧୮।୯ (ସଂଚାର ବ୍ୟୁରୋ):** ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମର ସ୍ୱର୍ଗତ ଗୁନାଧର ନାୟକଙ୍କ ସ୍ତ୍ରୀ ସବିତା ନାୟକ (୨୮)ଙ୍କୁ ବାଲିଆପାଳ ଥାନା ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ଚାଉଳତି ଗ୍ରାମର ସୁବାସ ମଣ୍ଡଳଙ୍କ ପୁଅ ସନ୍ତୋଷ ମଣ୍ଡଳ ବିବାହ ଏବଂ ପିଲାମାନଙ୍କର ଭବିଷ୍ୟତ ଗଢ଼ିବା ପ୍ରତିଶ୍ରୁତି ଦେଇ ସେରଗଡ଼କୁ ନେଇଯାଇଥିଲେ। ସେଠାରେ କିଛି ଦିନ ରଖିବା ପରେ ସନ୍ତୋଷ ଏବଂ ତାର ସାଥୀମାନେ ବିଭିନ୍ନ ସମୟରେ ସବିତାକୁ ଗଣବଳାତ୍କାର କରିଆସୁଥିଲେ। ଏହି ଗଣବଳାତ୍କାରକୁ ସବିତା ପ୍ରତିବାଦ କରିବାରୁ ଅକଥନୀୟ ନିର୍ଯାତନା ଦେବା ସହିତ ତାର ଦୁଇ ପିଲାକୁ ଜୀବନରୁ ମାରିଦେବାର ଧମକ ଦେଉଥିଲେ। ଏହା ସହିତ ବଳାତ୍କାରର ଭିଡିଓ ସୋସିଆଲ ମିଡ଼ିଆରେ ଛାଡ଼ିଦେବେ ବୋଲି ମଧ ଧମକ ଦେଉଥିଲେ। ଏଥିରେ ସଂପୃକ୍ତ ଥିବା ନଅ ଜଣଙ୍କ ମଧରେ ବିବାଦ ଉପୁଜିବା ପରେ ସବିତାଙ୍କ ଭାଇଙ୍କୁ ତାଙ୍କ ମଧରୁ ଜଣେ ବ୍ୟକ୍ତି ଘଟଣା ସର୍ମ୍ପକରେ କହିବା ସହିତ ଭଉଣୀ ରହୁଥିବା ଜାଗାରେ ଠିକଣା ଦେଇଥିଲା। ପୀଡ଼ିତାଙ୍କ ଭାଇ ସେଠାରୁ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ଘଟଣା ସର୍ମ୍ପକରେ ସବିତା ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ଅଭିଯୋଗକୁ ଗ୍ରହଣ କରି କେସ ନମ୍ବର ୧୫୦/୨୫ ରେ ମାମଲା ରୁଜୁ କରି ସେଥିରୁ ଦୁଇ ଅଭିଯୁକ୍ତ ସନ୍ତୋଷ ମଣ୍ଡଳ, ବାବୁଧର ଗିରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ଘଟଣାକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ ଅନ୍ୟ ସାତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ବିଫଳ ହୋଇଛି। ଉକ୍ତ ଅଭିଯୁକ୍ତମାନେ ପୀଡ଼ିତ ମହିଳାଙ୍କୁ ବିଭିନ୍ନ ଧମକଚମକ ଦେଉଛନ୍ତି। ଆଗାମୀ ୧୫ ଦିନ ମଧରେ ସାତ ଜଣ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ବାଲେଶ୍ୱର ଏସପି ଅଫିସ ଆଗରେ ନିଜକୁ ଆତ୍ମହୁତି ଦେବେ ବୋଲି ପୀଡ଼ିତ ଜଣକ ଚେତାବନୀ ଦେଇଛନ୍ତି।

## ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ବଉଳଗଡ଼ିଆଠାରେ ରାସ୍ତାରୋକ

**ନୀଳଗିରି ,୧୮।୯ (ସଂଚାର ବ୍ୟୁରୋ):** ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ପିଠକୁ। ମାତ୍ର ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ବାରମ୍ବାର ଅଭିଯୋଗ ହୋଇଥିଲେ ମଧ କର୍ଣ୍ଣପାତ କରୁନାହାନ୍ତି ସରକାର। ତେଣୁ ଉକ୍ତ ରାସ୍ତା ମରାମତି ଓ କୁଳଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନ କଟକଣା ଉଠାଇବା ଦାବିରେ ଗୁରୁବାର ସକାଳଠାରୁ ନୀଳଗିରି ଉପଖଣ୍ଡ ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ନୀଳଗିରି ବଉଳଗଡିଆ ରାସ୍ତାର ବାଉଁଶବଣିଆ ଛକ ଏବଂ ସନ୍ତରାଗଡିଆ ବଜାର ଠାରେ ରାସ୍ତା ରୋକ ଅନୁଷ୍ଠିତ ହୋଇଛି।



ବାଉଁଶ ବଣିଆ ଛକରେ କୃଷକମଞ୍ଚର ସଭାପତି ରାମଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନିରଞ୍ଜନ ବାରିକ, ବିଜୟ କୁମାର ସ, ପ୍ରକାଶ ଚନ୍ଦ୍ର ଚୌଧୁରୀ, ହରେକୃଷ୍ଣ ପଣ୍ଡିତ, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ ପ୍ରମୁଖ ସାଥି ନେତୃତ୍ୱ ନେଇଥିବା ବେଳେ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ଏହି ଆନ୍ଦୋଳନକୁ ସମର୍ଥକ ପୂର୍ବକ ଉଦବୋଧନ ଦେଇଛନ୍ତି। ସନ୍ତରାଗଡିଆ ବଜାରରେ ମଞ୍ଚର ଉପ-ସଭାପତି ଉମାକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଅବସର ପ୍ରାପ୍ତ ସୈନିକ ଯୋଗେଶ୍ୱର ବେହେରା, ସୀତାରାମ ଦାସ, କମଳାକାନ୍ତ ବାରିକ, ଶୈଳେନ୍ଦ୍ର ପଣ୍ଡା, ଲେଲିନ ବାରିକ, ଶରତ ଚନ୍ଦ୍ର ଦାସ, ରାଧାଶ୍ୟାମ ମିଶ୍ର, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅରୁଣା ବାରିକ, ଗୀତାଞ୍ଜଳି ଦେଉରି ପ୍ରମୁଖ ନେତୃତ୍ୱରେ ସାଥିମାନେ ରାସ୍ତାରୋକ କରିଥିଲେ।

## ନାଉଗାଁ ବ୍ଲକରେ ଆସ ସ୍କୁଲ ଯିବା ପାଇଁ ପଦଯାତ୍ରା




**ନାଉଗାଁ,୧୮।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାନୁସାରେ ଗୁରୁବାର ନାଉଗାଁ ବ୍ଲକର ସମସ୍ତ ବିଦ୍ୟାଳୟରେ ଆସ ସ୍କୁଲ ଯିବା ପାଇଁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ, ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ। ଯେଉଁ ପିଲାମାନେ ଅଧାରୁ ପାଠ ବନ୍ଦ କରିଛନ୍ତି କିମ୍ବା ଆଦୌ ବିଦ୍ୟାଳୟକୁ ଆସୁ ନାହାନ୍ତି ସେମାନଙ୍କୁ ଚିହ୍ନଟ କରିବା ସହିତ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବାଲିମଝିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଦଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜ୍ଞାନ ଭୂଷଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ଗ୍ରାମରେ ପଦଯାତ୍ରା କରି ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବରାଳ, ପଦ୍ମାବତୀ ସିଂ, ଅଭିଭାବକ ପ୍ରଭାତ କୁମାର ସାହୁ, ମନୋରଞ୍ଜନ ବାରିକ ଆଦି ସାମିଲ ଥିଲେ।

## ନୂଆଗାଁ ହୁଟୁବ ସାହିରାସ୍ତା କାଦୁଅ ପଚପଚ



**ବାରିପଦା,୧୮।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବିଜତଳା ବ୍ଲକର ମାଣିକପୁର ପଂଚାୟତ ରେ ନେତା ମାଳ ମାଳ କାମ ଦୁର୍ବଳ। ଏହି ପଂଚାୟତ ବିଜେଡିର ବିଜାତଳା ବ୍ଲକ ସଭାପତି, ବିଜାତଳା ପଂଚାୟତ ସମିତି ଉପାଧକ୍ଷା ଓ ଜିଲ୍ଲାପରିଷଦ ଏହି ପଂଚାୟତବାସୀ। ସରପଞ୍ଚ ତ ନୂଆଗାଁର। ମୟୂରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତର ନୂଆଗାଁର ହୁଟୁବ ସାହି ରୁ ରାସ୍ତା ବେହାଲ। ବର୍ତ୍ତମାନର ବର୍ଷା ଦିନରେ ଗାଁ ଲୋକମାନେ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଲୋକମାନଙ୍କୁ ଯିବା ଆସିବାରେ ଅନେକ ଅସୁବିଧା ହେଉଛି ବିଶେଷ କରି ସ୍କୁଲ, କଲେଜରମାନେ ଛାତ୍ରଛାତ୍ରୀମାନେ ଦୈନିକ ଯିବାଆସିବା ପାଇଁ ହଇରାଣ ହରକତ ହେଉଛନ୍ତି। ବର୍ଷା ଯୋଗୁଁ ରାସ୍ତା ସଂପୂର୍ଣ୍ଣ ଖରାପ୍ ହୋଇଯାଇଛି। ରୋଗୀ ଏବଂ ଗର୍ଭବତୀ ମହିଳାମାନେ ଡ଼ାକ୍ତର ଖାନା ଯିବା ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଏହି ରାସ୍ତାରେ ସ୍ଥାନୀୟ ଲୋକମାନେ ଯେପରି ସୁରୁଖୁରୁରେ ଯିବା ଆସିବା କରି ପାରିବେ, ସେଥିପାଇଁ ବ୍ଲକ ଓ ପଂଚାୟତ ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଛାତ୍ରୀମାନଙ୍କର ହେମୋଗ୍ଲୋବିନ ପରୀକ୍ଷା




**ରାଜନଗର,୧୮।୯ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ୟୁଥ ରେଡ଼କ୍ରସ,ଷ୍ଟୁଡେଣ୍ଟ ସର୍ଭିସ ସେଣ୍ଟର ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ସୁସ୍ଥ ନାରୀ ସଶକ୍ତି ପରିବାର ଅଭିଯାନରେ ଛାତ୍ରୀ ମାନଙ୍କ ହେମୋଗ୍ଲୋବିନ ପରୀକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗ ଦେଇ ଏକ ସୁସ୍ଥ ନାରୀ ହିଁ ଏକ ସଶକ୍ତ ପରିବାର ଓ ଜାତି ଗଠନରେ ସହାୟକ ହୋଇପାରିବ ବୋଲି କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା ସୁଧାଂଶୁବାଳା ବେହୁରା, ଏଏନଏମ କାଦମ୍ବିନୀ ପ୍ରଧାନ, ସ୍ମିତାରାଣୀ ସାମନ୍ତରାୟ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗ ଟିମ ୧୦୦ ଜଣ ଛାତ୍ରୀଙ୍କର ହେମୋଗ୍ଲୋବିନ ପରୀକ୍ଷଣ କରିଥିଲେ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ସାଲେପୁର,୧୮।୯(ସଂଚାର ବ୍ୟୁରୋ):** ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟ, କଟକ ଓ ଜଗନ୍ନାଥ - ଗୋପୀନାଥ ଟ୍ରଷ୍ଟ, ପିକୋଲ ଆନୁକୁଲ୍ୟରେ ତଥା ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ସହଯୋଗରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଅଛି। ରୋଟାରୀ ଚକ୍ଷୁ ଚିକିତ୍ସାଳୟ କଟକର ଚିକିତ୍ସକ ଓ ଚକ୍ଷୁ ବିଶେଷଜ୍ଞ ଯୋଗଦେଇ ୫୮ଜଣ ବ୍ୟକ୍ତି ବିଶେଷଙ୍କ ଚକ୍ଷୁର ପରୀକ୍ଷା କରି ଆବଶ୍ୟକୀୟ ଔଷଧପତ୍ର ଓ ପରାମର୍ଶ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା ଓ ୭ଜଣଙ୍କୁ ରୋଟାରୀ ଗାଡ଼ିରେ କଟକ ସ୍ଥିତ ଚକ୍ଷୁ ଚିକିତ୍ସାଳୟକୁ ମାଗଣାରେ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା।

● ଝାରସୁଗୁଡ଼ାରେ ପୁଲିସ ଅପରେସନ ନେତ୍ର

## ଦେଶୀ ବନ୍ଧୁକ ସହ ୩ ଗିରଫ



**ଝାରସୁଗୁଡ଼ା,୧୮।୯(ସଂଚାର ବ୍ୟୁରୋ):** ପାର୍ବଣ ଋତୁକୁ ଧ୍ୟାନରେ ରଖି ଝାରସୁଗୁଡ଼ା ପୁଲିସ୍ "ଅପରେସନ ନେତ୍ର" ଆରମ୍ଭ କରିଛି। ସୂଚନା ଅନୁସାରେ, ପଞ୍ଚପଡ଼ା ଛକ ନିକଟରେ କିଛି ଯୁବକ ବନ୍ଧୁକ ଦେଖାଇ ଟଙ୍କା ଆଦାୟ କରୁଥିବା ବେଳେ ଟାଉନ୍ ପୁଲିସ୍ ଛାପାମାରି ୩ ଯୁବକଙ୍କୁ ଧରିଲା। ଗିରଫ ଯୁବକମାନଙ୍କୁଠାରୁ ଗୋଟିଏ ଦେଶୀ ବନ୍ଧୁକ, ତିନୋଟି ଗୁଳି, ଦୁଇଟି ମୋବାଇଲ ଓ ଗୋଟିଏ ନମ୍ବର ପ୍ଲେଟ୍ ବିହୀନ ବାଇକ୍ ଜବତ ହୋଇଛି। ସେମାନେ ହେଲେ ମୁନୁ ପାଣ୍ଡେ (୨୫), ଅଭିନନ୍ଦନ ପାଣ୍ଡେ (୧୯) ଓ କମାଲେସ ସା (୨୦)। ଗତ ୭ ସେପ୍ଟେମ୍ବର ରାତିରେ ରେଳବାଇ କଲୋନୀରେ ପୂଜା କମିଟି ସଦସ୍ୟଙ୍କ ଘର ଉପରେ ଗୁଳିବର୍ଷା ଘଟଣାରେ ମୁନୁ ପାଣ୍ଡେଙ୍କ ନାମ ଥିଲା, ହେଲେ ରେଳବାଇ ପୁଲିସ୍ ତାକୁ ଧରିପାରିନଥିଲା। ଏବେ ଟାଉନ୍ ପୁଲିସ୍ ଗିରଫ କରିଥିବାରୁ ରେଳବାଇ ପୁଲିସର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି।

## ଅଙ୍ଗନବାଡ଼ି ସହାୟିକା ନିଯୁକ୍ତିରେ ଅନିୟମିୟତା ନେଇ ଅସନ୍ତୋଷ

**ବୈଶିଙ୍ଗା,୧୮।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ନିଯୁକ୍ତିରେ ଲାଗି ରହିଥିବା ବିରୋଧକୁ ନେଇ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର ତଦନ୍ତ କରି ଫେରି ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ ସାରମଣୀ ହେମ୍ବ୍ରମ ନାମକ ଜନୈକା ଉଚ୍ଚ ଶିକ୍ଷିତା ମହିଳା ସରକାରଙ୍କ ପକ୍ଷରୁ ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଭଗବାନପୁର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇଥିଲେ। ହେଲେ ସେ କାର୍ଯ୍ୟରେ ଯୋଗଦେବାକୁ ଯିବାବେଳେ ଜୁଲାଇ ମାସରେ ଏହି କେନ୍ଦ୍ରର କର୍ମୀ କନକଲତା ସିଂଙ୍କ ସମେତ କିଛି ଗ୍ରାମବାସୀ ସାରମଣୀ ଏହି ଗ୍ରାମର ବାସିନ୍ଦା ହୋଇନଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ଅବୈଧ କହି ବିରୋଧ କରିଥିଲେ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଚାବି ପକାଇ ଦେଇଥିଲେ।

ତେବେ ସାରମଣୀ ଓ ତାଙ୍କୁ ସମର୍ଥନ କରୁଥିବା କିଛି ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଉପସ୍ଥିତ ହୋଇ ଘଟଣା ସର୍ମ୍ପକରେ ଜଣାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ, ପୋଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳ , ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଗୁରୁବାର ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ସମସ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଏବଂ ଯଦି ନିଯୁକ୍ତି ସମସ୍ୟାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥାଏ ତାହେଲେ ଅଦାଲତ ମାଧ୍ୟମରେ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ସାରମଣୀଙ୍କ ନିଯୁକ୍ତିକୁ ତତ୍କାଳୀନ ଭିତ୍ତିରେ ଲାଗୁ କରାଯାଇଥିଲା।

## ଅଚ୍ୟୁତ ଆଶ୍ରମରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ



**ନିଶ୍ଚିନ୍ତକୋଇଲି,୧୮।୯(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବଜାରସ୍ଥ ଅଚ୍ୟୁତ ଆଶ୍ରମରେ ପବିତ୍ର କନ୍ୟା ସଂକ୍ରାନ୍ତି ଅବସରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହେଉଛି। ଅଚ୍ୟୁତ ଆଶ୍ରମ ମଣ୍ଡପରେ ଭକ୍ତ ତପନ କୁମାର ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ କରାଯାଇଛି। ସଂସାରରୁ ମୁକ୍ତି ପାଇଁ ହରି ନାମ ଏକ ମାତ୍ର ମନ୍ତ୍ର। ପ୍ରତେକ ବ୍ୟକ୍ତି ସତ୍ୟ, ଶାନ୍ତି, ଦୟା, କ୍ଷମା ମାର୍ଗରେ ଅନୁପ୍ରାଣିତ ହେବାକୁ ଭକ୍ତ ତପନ କୁମାର ଓଝା ଉପସ୍ଥିତ ଭକ୍ତ ମଣ୍ଡଳୀଙ୍କୁ ନିବେଦନ କରିଥିଲେ। ଏଥିରେ ବରପଡା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ପୀଠରୁ ବାବା ଅରକ୍ଷିତ ଦେବ ଯୋଗଦେଇ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନୀତିବାଣୀ ଉପରେ ଆଲୋଚନା କରିଥିବା ବେଳେ ମାଳିକାଶ୍ରୀ ନାରାୟଣ ଓଝା ଓ ସାଥୀ ଯୋଗଦେଇ ରାହାସ ପରିବେଷଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଜିଲ୍ଲା ପୁଲିସ ମୁଖ୍ୟାଳୟ ଘେରିଲା ବିଜୁ ମହିଳା ଜନତା ଦଳ

**ନୟାଗଡ଼,୧୮।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ଘଟୁଥିବା ମହିଳା ବିରୋଧ ଲୋମହର୍ଷଣକାରୀ ଘଟଣାଗୁଡିକ ତର୍ଜମା କରି ଆଜି ନୟାଗଡ଼ ବିଜୁ ମହିଳା ଜନତା ଦଳ ପକ୍ଷରୁ ଜିଲ୍ଲା ପୋଲିସ ମୁଖ୍ୟାଳୟ ଘେରିଥିବା ଜଣାପଡିଛି । ରାଜ୍ୟବ୍ୟାପି ଏହି ଆନ୍ଦୋଳନ ଚାଲିଥିବା ବେଳେ ଆଜି ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ଆହ୍ୱାନ କ୍ରମେ ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାପତି ବିରଜାଲକ୍ଷ୍ମୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ଶତାଧିକ ମହିଳାଙ୍କୁ ନେଇ ଶାନ୍ତି ଶୃଙ୍ଖଳାର ସହ ପୋଲିସ ମୁଖ୍ୟାଳୟ ଘେରି ଆନ୍ଦୋଳନ କରିଥିଲେ। ସରକାରଙ୍କ ବିରୋଧରେ ନାରା ବାଜି କରିବା ସହ ଛାତ୍ରଛାତ୍ରୀ ଓ ମହିଳା ମାନଙ୍କ ସୁରକ୍ଷା ଦାବି ନେଇ ପୋଲିସ ମହାନିର୍ଦ୍ଦେଶକ ଉଦ୍ଦେଶ୍ୟରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀଙ୍କୁ ସାତ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।




ଦାବି ପତ୍ରରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନ ସ୍ଥଳ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଏକ ଭୟଙ୍କର ଗଣଦୁଷ୍କର୍ମ କରାଯାଇଥିଲା । ଏହି ଘଟଣା ଜାତୀୟ ଏବଂ ଆନ୍ତର୍ଜାତୀୟ ଗଣମାଧମରେ ଶିରୋନାମା ଆଣିଥିଲା ଏବଂ ଆନ୍ତର୍ଜାତୀୟ ସ୍ତରରେ ଓଡିଶାକୁ ଲଜ୍ଜିତ ହେବାକୁ ପଡ଼ିଥିଲେ। ରାଜ୍ୟରେ ମହିଳା ବିରୋଧୀ ଅପରାଧ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଥିବା ବେଳେ, ଶାସକ ଦଳର ବିଧାୟକମାନଙ୍କ ମହିଳା ବିରୋଧୀ ଅଭିମୁଖ୍ୟ ଗମ୍ଭୀର ରହିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳାମାନଙ୍କ ପ୍ରତି ଅପମାନଜନକ, ଯୌନ ଏବଂ ଅଶାଳୀନ ମନ୍ତବ୍ୟ ଦେବା ମହିଳାମାନଙ୍କ ମାନସିକ ଚାପର ଏକ ପ୍ରମୁଖ କାରଣ ପାଲଟିଛି । ଏଭଳି ଅମାନବୀୟ ଘଟଣା ଗୁଡିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ନ୍ୟାୟ ନ ମିଳିବା ହେତୁ ମହିଳାମାନେ ଅତ୍ମହତ୍ୟା କରିବା ପାଇଁ ବାଧ ହେଉଛନ୍ତି।

ସେହିପରି ଗତ ୧୫ ମାସ ମଧରେ ସରକାରୀ ସ୍କୁଲ ଏବଂ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି । ଝାରସୁଗୁଡାରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ଏବଂ ମାଲକାନିଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା ଘଟଣା, କେନ୍ଦୁଝର ଜିଲ୍ଲାର ପଣ୍ଡାପତା ପୋଲିସ ସୀମା ଅନ୍ତର୍ଗତ ତେନ୍ତୁଲାପଶି ଗ୍ରାମରେ ଜଣେ ୧୭ ବର୍ଷୀୟ ଆଦିବାସୀ ଝିଅକୁ ବହୁ ବ୍ୟକ୍ତିଙ୍କ ଦ୍ୱାରା ଯୌନ ନିର୍ଯାତନା ପରେ ଝୁଲାଇ ଦେବା, ଅତୀତରେ ସୁନ୍ଦରଗଡ, କୋରାପୁଟ, ସମ୍ବଲପୁର ଜିଲ୍ଲାଗୁଡିକରେ ଆଦିବାସୀ ଏବଂ ଦଳିତ ଝିଅମାନଙ୍କ ସହିତ ସମାନ ଘଟଣାମାନ ଲୋକଲୋଚନକୁ ଆସିଛି । ଆମ ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ ନାରୀ ନିର୍ଯାତନା ଚଳିତବର୍ଷ ଉଦ୍‌ବେଗ ସ୍ଥିତିରେ ପହଞ୍ଚିଛି। ଓଡିଶାରେ ପ୍ରତିଦିନ ୧୫ଟି ବଳାତ୍କାର ମାମଲା ପଞ୍ଜିକୃତ ହେଉଛି । ଓଡିଶା ପ୍ରଥମଥର ପାଇଁ ଅପରାଧ ହାରରେ ବର୍ଷେ ଭିତରେ ୮ ଟି ରାଜ୍ୟ ମଧରେ ସ୍ଥାନୀତ ହେବା ଚିନ୍ତାର କାରଣ ହୋଇଛି । ଆଜିର ଏହି ଆନ୍ଦୋଳନରେ ଜିଲ୍ଲାପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌର ପରିଷଦର ପୌରାଧକ୍ଷା ନିରୁପମା ଖଟେଇ, ଉପାଧାକ୍ଷ ଗୁରୁପ୍ରସାଦ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଦୁର୍ଯ୍ୟୋଧନ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ମାଳତୀ ଗୁରୁ, ଦଶପଲ୍ଲା ବ୍ଲକ ଅଧକ୍ଷ, ଦଶପଲ୍ଲା ଏନଏସି ଅଧକ୍ଷା, ନୂଆଗାଁ ବ୍ଲକ ଅଧକ୍ଷା, ନୟାଗଡ଼ ବ୍ଲକ ଉପାଧାକ୍ଷାଙ୍କ ସହ ବହୁ ବରିଷ୍ଠ ମହିଳା ନେତ୍ରୀ ଓ ବରିଷ୍ଠ ନେତାମାନେ ମଧ ସାମିଲ ହୋଇଥିଲେ।



## କହି ଦେଉଥାଇ ପରକୁ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ଭାଷଣରେ ଆମେ ସ୍ୱାମୀଜୀଠୁ ତୀବ୍ର
ଶୋଷଣରେ ତା ଠୁ ବଡ
କଷଣ ଦେବାରେ ସବୁଠୁ ଆଗରେ
ବୁହାଉ ପେଷଣ ଝଡ।

ବାକ୍ୟବୀର ବୋଲି ସଭିଏଁ ଜାଣନ୍ତି
ନୋହୁଁ ଆମେ କର୍ମବୀର
ସୁଭାଷ ବୋଷ ଙ୍କ ଫଟୋ ଧରି କହୁ
ଦର୍ପେ ହୁଅ ଅଗ୍ରସର।

କାହାର ଛୁଞ୍ଚିଏ ଦୋଷ ଦେଖିଦେଲେ
ବଖାଣୁ ପାହାଡ଼େ ଖଳ
ଆମେ କିନ୍ତୁ ଦୋଷି ଚାଲୁଣି ହୋଇ ବି
କରୁଥାଉ ମିଛ ଛଳ।

ଅକ୍ଷର ଶୁନ ଭଟ୍ଟାଚାର୍ଯ୍ୟ ଆମେ
ଅନ୍ୟକୁ ଶିଖାଉ ପାଠ
ରୋଗରେ ପଡ଼ି ବି ଡାକ୍ତର ଭାବି
ଛାଡୁ ଉଭଟ୍ଟ କୁହାଟ।

ନିଜ ଘରେ ଚୁଲି ଜଳୁ ନ ଥିଲେ ବି
ପରକୁ ମାରୁ ଫୁଟାଣି
ପାଞ୍ଚ ସାତ ନଅ ରକମ ନ ହେଲେ
ଖାଦ୍ୟ ପାଟିକୁ ରୁଚେନି।

ନିଜ ଘର ହାଟ ଅସନା କମ୍ପୋଷ୍ଟ
ଦେଖାଉ ଫସକା ଭାଉ
ସ୍ୱଚ୍ଛତା ଜାଣିକି କର ହେ ପାଳନ
ଅନ୍ୟକୁ ପାଳୁନ କହୁ।

ନିଜ ଛୁଆ ଗୁଣ୍ଡା ବଦମାସୀ ଦେଖି
କହୁ ଖେଳୁଆଡ଼ି ମୋ ପିଲା
ଅନ୍ୟ ଛୁଆ କେବେ ହୋଇଲେ ଚଗଲା
କରୁ ବଡ ହାଲା ପାଲା।

ଚାଣକ୍ୟଠୁ ବଡ ନୀତିବାଣୀ ଆମ
ଲେଖି କହୁ ଅନ୍ୟ ପାଇଁ
ସେଥିରୁ ବିନ୍ଦୁଏ ଆମ ଆଚରଣେ
ଆଦୌ ଦେଖା ଯାଏ ନାହିଁ।

ନିଜ ଭୁଲ ପାଇଁ ଓକିଲାତି ଆମ
କଳାକୁ କରଇ ଧଳା
ଅନ୍ୟ ଧଳା ଦେଖି ନାକ ଟେକି କହୁ
ଉପରେ ପ୍ରଲେପ ବୋଳା।

କିଏ ଯଦି ମିଛେ ଫୋଡ଼ିଦିଏ କାନେ
ଗୋଳାଇ ତେଲିଆ ଶବ୍ଦ
ନ ଭାବି ନ ବୁଝି ହୋଇ କମ୍ପାମାନ
ମୁଣ୍ଡାଉ ଗୋଲାମି ବୋଝ।

ଯା ର ତା'ର ଚରିତ୍ର ଖରାପ
କହୁ ତା ସଂଜ୍ଞା ନ ଜାଣି
ନିଜ ଚରିତ୍ର କୁ ବିଶ୍ଳେଷଣ କଲେ
ନାକ ଟେକେ ଓଳି ପାଣି।

କହି ଦେଉ ଥାଏ ପରକୁ ଅଜ୍ଞାନ
ଦେଖେନା କେବେ ନିଜକୁ
ସେଥିପାଇଁ ପରା ଲୋକହସା ସିଏ
ଘୃଣ୍ୟ ବି କାଳ କାଳକୁ।

ଜମ୍ବ୍ରା,କେନ୍ଦୁଝର



## ଦେବ ଶିଳ୍ପୀ ବିଶ୍ୱକର୍ମା

**ଡ.ଭାରତୀ ହୋତା**

କନ୍ୟା ସଂକ୍ରାନ୍ତି ତବ ଜନ୍ମତିଥି
ହେ ବିଶ୍ୱ କାରିଗର
କଳା ଭାସ୍କର୍ଯ୍ୟର ଅପୂର୍ବ ବିନ୍ଧାଣି
ଧନ୍ୟ ତୁମେ ଶିଳ୍ପୀବର ।

ସୃଷ୍ଟି ସଜ୍ଜାପାଇଁ ବ୍ରହ୍ମାଙ୍କ ନାଭିରୁ
ହୋଇଥିଲା ତୁମ ସୃଷ୍ଟି
ତ୍ରେତୟା ଯୁଗରେ ସ୍ୱର୍ଣ୍ଣ ଲଙ୍କା ରଚି
ରଖିଲ ଅପୂର୍ବ ଖ୍ୟାତି ।

ବ୍ରାହ୍ମଣ କୁଳରେ ଜନମିଲ ପ୍ରଭୁ
ଘୃତାଚୀଙ୍କ ଶାପ ବଳେ
ତୁମ ଦୈବ ସ୍ପର୍ଶେ ଏ ଧରା ଧାମରେ
ନିର୍ମାଣର ଦୀପ ଜଳେ ।

ଧାତାଙ୍କ ଆଦେଶେ ନିର୍ମାଣ କରିଲ
ସ୍ୱର୍ଗର ଅମରାବତୀ
ଦ୍ୱାରକା ନଗରୀ ଅବା ଶିବପୁରୀ
ସବୁଠାରେ ତୁମ କୀର୍ତ୍ତି ।

ଶାସ୍ତ୍ର ବିଜ୍ଞାନରେ ଇନ୍ଦ୍ରଙ୍କ ବଜ୍ରରେ
ତୁମରି ନିର୍ମାଣ ଶ୍ରେଷ୍ଠ
ହସ୍ତିନାପୁର କି ପ୍ରଭାବତୀ ପୁର
ହେଉ ଅବା ଇନ୍ଦ୍ରପ୍ରସ୍ଥ ।

ସୃଷ୍ଟି ରଚୟିତା ଯୋଗସିଦ୍ଧା ସୁତ
ଦେବ ଶିଳ୍ପୀ ବିଶ୍ୱକର୍ମା
ତୁମେ ଅଦ୍ୱିତୀୟ ହେ ବିଶ୍ୱ ବିନ୍ଧାଣି
ଜାତିସ୍ମର ଯୋଗ ଜନ୍ମା ।

ଜନନୀ ଜଠରେ ଅନନ୍ତ ରୂପରେ
ଜୀବକୁ ଗଢ଼ ସେଠାରେ
ସ୍ୱର୍ଗପୁର ଜନ କରେ ଆବାହନ
ଆଜିର ଶୁଭ ଦିନରେ ।

ନବ ସୁପ୍ରଭାତ ସଭିଙ୍କ କାମନା
ସୃଷ୍ଟି କର ବିଶ୍ୱକର୍ମା
ସନ୍ତାପ ବିନାଶି ବିଶ୍ୱକୁ ଉଶ୍ୱାସ
କର ଶାନ୍ତି ସଂରଚନା।

**ଖରିଆର ରୋଡ଼, ଜିଲ୍ଲା: ନୂଆପଡ଼ା**
**ମୋବାଇଲ୍: ୭୬୬୧୦୪**



## ଧନ ଯୌବନ ନୁହେଁ ଚିରନ୍ତନ

**ନିବେଦିତା ପଣ୍ଡା**

ଧନ ଓ ଯୌବନ ନୁହେଁ ଚିରନ୍ତନ
ଆଜି ଅଛି କାଲି ନାହିଁ,
ସମୟାନ୍ତରରେ ଆସେ ଆଉ ଯାଏ
ସମୟ ସେ ପାଇଁ ଦାୟୀ।

ଆଜି ଯିଏ ରାଜା କାଲିକି ଭିକାରୀ
ବିଚିତ୍ର ଦୁନିଆ ରୀତି,
ସମୟ ସହିତ ବିଧି ନିର୍ଦ୍ଦେଶରେ
ବଦଳଇ ପରିସ୍ଥିତି।

ସମୟଟା ସତେ ଏତେ ଅଝଟିଆ
ଜୁଆରୀ ଯମୁନା ନଈ,
ଅଜାଣତେ ସବୁ ସୁଖ ଆଉ ଦୁଃଖ
ଅପଲକେ ଯାଏ ବହି।

ଆଜି ଯିଏ ଅଛି ଅତି ଆପଣାର
କାଲି ହୋଇଯାଏ ପର,
ଆପେ ଆପେ ସେଇ ସମୟଚକ୍ରରେ
ଛିଣ୍ଡେ ସମ୍ପର୍କର ଡୋର।

ଜୀବନଟା ସତେ ତମସା ରାତିର
ନିର୍ଜନ କୁହୁଡି ଘର,
ସମୟ ହାତରେ ଆପଣାର ହୁଏ
ନିଜଠୁ ଅନେକ ଦୂର।

ସକାଳ କିରଣ ଗୋଧୂଳିର ଛାଇ
ସମୟର ଯେତେ ରଙ୍ଗ,
ଋତୁ ଆସେ ଆସି ଭରି ଦେଇଯାଏ
ସମୟ ଦେହେ ତରଙ୍ଗ।

ସମୟ ସ୍ରୋତର ପରିମାପକ ଯେ
ସ୍ୱୟଂ ଚଳନ୍ତି ସମୟ,
ନିୟତି ଅବଶ୍ୟ ହିସାବ ରକ୍ଷକ
ସମୟ ହିଁ ଲୀଳାମୟ।

ସତ୍ କର୍ମ, ସତ୍ ଧର୍ମ,ସଦାଚାରଣରେ
ସମୟର ଉପଯୋଗ,
ଜୀବନକୁ କରେ ଯନ୍ତ୍ରଣାରୁ ଦୂର
ତାହା ହିଁ ନିୟତି ଯୋଗ।

ଆଜିର କାମକୁ ଆଜି କରିନିଅ
କାଲି ପାଇଁ ରଖ ନାହିଁ,
ଆସନ୍ତାକାଲିକୁ କିଏ ବା ଦେଖିଛି
ଆଜି କଥା କାଲି ନାହିଁ।

ନିଜ ନିଃଶ୍ୱାସକୁ ବିଶ୍ୱାସ ନଥାଏ
ଚାଲି ଯିବ କେଉଁ କ୍ଷଣ,
ସେଥିପାଇଁ ପରା କଥା ରହିଅଛି
ପୃଥ୍ୱୀ ଘଡିକରେ ଆନ।

ରାଉରକେଲା



## ଶେଷ ଠିକଣା

**ଡ. ଚନ୍ଦ୍ରକଳା ନାୟକ**

ଅନେକ ବେଳେ ମୋ ଉଦାସ ପଣକୁ
ଚେତେଇ ଦିଅ ତମେ
ଶିହରଣ ଖେଳେ ସାରା ଦେହଟାରେ
ଯୌବନରେ ମାନକତା ଭରେ
ପାଦ ତଳଟା କ୍ଳାନ୍ତ ନହୋଇ ଧଉଡି ଯାଏ
ଉଷ୍ମତାରେ ଗରମ ହୋଇଯାଏ ଦେହର ଦରଜ ।
ଦୁଇପାଦର ନିଳୀମାରେ
ରଙ୍ଗ ଖେଳେ ଇନ୍ଦ୍ରଧନୁର ଛିଟା
ଆଲୋରମୟ ହୁଏ ମୁଁ
ମୋ ଚେତନାର ପାହାଡଟା
ମୁଁ ଲାଜେଇ ଯାଉଥିବା ବେଳେ
ମୋ ନିଜ ଭିତରେ ନିଜେ
ଖୋଜୁଥାଏ ମୋର ସଲ୍ଲଜ ପଣକୁ ।
ଯୁଗ ଯୁଗର ତୃଷ୍ଣା ଖୋଜେ
ଯାହା ଝରି ପଡୁଥାଏ ଆପାଦ ମସ୍ତକ
ସମର୍ପଣର ନିଦ ପରଶରେ
ଥରି ଉଠେ ମୋର ସବୁ ଚେତନା ଗୁଡାକ
ଯେବେ ତୁମେ କୁହ
ମୁଁ ଅଛି ତୁମ ପାଇଁ ଆଉ
ଏ ସଂସାରକୁ ଦେଖିପାରେ ଆଖି ଆଢୁଆଳେ ।
ଦୂରେ ଦେଖେ ଶ୍ମଶାନର ଶବ
ଠିକ ବସନ୍ତ ପୂର୍ବର ପତ୍ରଝଡା ବୃକ୍ଷ ପରି
କଁଅଳି ନପାରି ଉନ୍ମୁକ୍ତ ହୁଏନାହିଁ
ମଳୟର ମିଠା ପରଶରେ ।
ଠିକ ସେତିକି ବେଳେ
ଚିରଚରିତ ନାଥଯୋଗୀର ଧାଡି ସବୁ
ଝରି ପଡନ୍ତି
ଧୂଳି ଝଡର ସଂଜ ପ୍ରହରରେ
ଅବା ଚକୁଳିଆ ପଣ୍ଡାର ଗୀତରେ
କରୁଣ ଛନ୍ଦ ତୋଳି ଧରେ ଲାଉଡୁମ୍ବି
ଟିକା ଗୋବିନ୍ଦ ଚନ୍ଦ୍ରର
ଉଦାସ ତଥା ବିରହ ଦୁଃଖ ସବୁ
ଫେରି ଆସନ୍ତି ମୋ ତୃଷ୍ଣାର ବସା ଭିତରକୁ ।
ସେତେବେଳେ ହିଁ ମୁଁ ତୁମକୁ ହିଁ ଖୋଜେ
କେବେ କେବେ ଦେଖେ
ପାହାନ୍ତିଆ କୁଆଁତାରା ତଳେ
ଅବା ଉଷାର କାକର ଟୋପାରେ ।
ଉଦଣ୍ଡ ଯୌବନରେ ଭଟ୍ଟା ପଡିଯାଏ
ପୃଥିବୀର ଅନ୍ୟ ଏକ କୋଣେ
ପରିଚ୍ଛନ୍ନ ହୋଇଯାଏ
ଚେତନାର ଲୋହିତ ଆକାଶ
ଭାଗବତର ଗୀତ ସବୁ
ନବାକ୍ଷରୀ ମଧ୍ୟରେ ସଂଯମ ଶିଖାନ୍ତି
ବହୁ ହୋହାଲ୍ଲା ଭିତରେ
ଦିଶୁଥାଏ ମୋ ଦେହର ବୈଧବ୍ୟ ଯନ୍ତ୍ରଣା
ଖାଲିଟାରେ ସାଉଁଟିବାକୁ
ଏ ପୃଥିବୀର ଶେଷ ଠିକଣା ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ**
**ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋବାଇଲ୍: ୯୪୩୭୯୫୭୬୧୭**





## ନୀଳ ସମ୍ମୋହନ

**ଡ.ଶୁଭେନ୍ଦୁ ମେହେର**

ମୋହଠାରୁ ଦେହ ଦେଇ
ଦାହ ପର୍ଯ୍ୟନ୍ତ,
ଏଠି ସବୁ
ନୀଳ ନୀଳ ନିଳାଭରେ ପରିତୃପ୍ତ !

କେବଳ ତା'ରି ପାଇଁ ଆଜି,
କଇଁ ଠୁ ଭୂଇଁ ନୀଳ
ଦେହ ଠୁ ମୋହ ନୀଳ !
ମାନ, ଅଭିମାନ,ସପନ
ମନ ଆଉ ପ୍ରୀତିସ୍ୱନ,
ପ୍ରାପ୍ତିରୁ ଅପ୍ରାପ୍ତିର ଉନ୍ମୁକ୍ତ ଆହ୍ୱାନ !!
ସାଗର, ସରୋବର,ଶରୀର
ଆଉ, ହୃଦୟ ଛାତି ତଳର
ସବୁ ତ, ନୀଳ ନୀଳ ଆଉ ନୀଳ ।

ତା'ର ନୟନ ନୀଳ
ଅଞ୍ଜନ ନୀଳ, ବସନ ବି !
ରାତ୍ରିର ନୀଳ ସ୍ୱପ୍ନ ନେଇ
ନୀଳ ପ୍ରେମର ପୂର୍ଣ୍ଣତାରେ
ନୀଳ ସମ୍ମୋହନ ନେଇ ଆସିଥିଲା ।
ଶ୍ୟାମରୁ ଶ୍ୟାମଳିମା ଯାଏଁ
ବିଶ୍ୱାସର ବିସ୍ମୃତିରେ
ନିଃଶବ୍ଦ ଓଠରେ
ଶବ୍ଦଭେଦି ଆକର୍ଷଣରେ
ମୋ ସମଗ୍ର ଭୁଗୋଳରେ
ଅଙ୍କିଦେଲା ନୀଳ ଚୁମ୍ବନ।

ସେ' ସ୍ୱପ୍ନର ଗଭୀରତା ବି ନୀଳ
ସ୍ପର୍ଶ ବି ନୀଳ
ଆଶକ୍ତି ବି ନୀଳ ଥିଲା !!

ମୋ'ର ମୌନତାର ଅନ୍ତରାଳେ
ନିଃସର୍ତ୍ତ ଆତ୍ମ ସମର୍ପଣରେ
ମତିଭ୍ରମ ହେଲା,
ଇପ୍‌ସା ରୁ ଇପ୍‌ସିତ କୁ
ପ୍ରତିଶ୍ରୁତି ଦେଇ
ସମ୍ମୋହନର ସନ୍ଧିକ୍ଷଣ ଆଉ
ଲୁହ,ଲହୁର ତତଲା ସ୍ପର୍ଶରେ
ଇଚ୍ଛା ମାନଙ୍କୁ ବନ୍ଦି କରି
ନୀଳ ସମ୍ମୋହନରେ
ସ୍ନିଗ୍ଧ ଶୀତଳ ଛୁଆଁ ଆଉ
ନୀଳ ବିଦାୟ ସାଥେ
ନୀଳ ଯନ୍ତ୍ରଣା ଦେଇ
ନିଲୋତ୍ପଳା ନିରୁଦ୍ଦିଷ୍ଟ ହେଲା ।।

**ଯାଲୋଏ, ସୁବର୍ଣ୍ଣପୁର**



## ନାଚୁଛି କାଶତଣ୍ଡି ହସୁଛି ଆକାଶ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ରୂପର ପସରା ମେଲାଇ ଦେଇଛି
ମହୀରେ ଶରତରାଣୀ
ଶ୍ୱେତ ଚାମରରେ କରଇ ସ୍ୱାଗତ
ପାର୍ବଣ ଆସିବା ଜାଣି...

ଶୁଭ୍ର କାଶତଣ୍ଡି ନାଚୁଅଛି ଝୁମି
କରୁଛି ମନ ହରଣ
ତା ନୃତ୍ୟର ତାଳେ ମୁଗ୍ଧ ଆକାଶ
ପୁଲକିତ ତାର ପ୍ରାଣ...

ଦୀର୍ଘ ପ୍ରତୀକ୍ଷାର ଅବସାନ ପରେ
ହୃଦୟ ପାଇଛି ଖୋଜି
ବିଭୋର କରିଛି ତା ଉଦାର ପଣ
ସତେ ଯିବକି ସେ ହଜି...

ଆକାଶ ଛାତିରୁ ଝରେ ପ୍ରିୟା ପାଇଁ
ପ୍ରେମର କାକର ବିନ୍ଦୁ
ଅମାନିଆ ମନ ଚାହୁଁ ଥାଏ ସତେ
ପ୍ରଣୟର ସାତ ସିନ୍ଧୁ...

ହୃଦୟ ମନ୍ଦିର ସଜାଇ ବସିଛି
ଲିଭାଇ ହୃଦୟ କୋହ
ମନ ପ୍ରାଣ ଝୁରେ ପ୍ରତି ପଲକରେ
ପ୍ରିୟାର ପ୍ରୀତିର ମୋହ...

ନଈ ପଠା ଧାରେ ତା ପ୍ରିୟାକୁ ପାଇ
ଗାଉଛି ସେ ମଧୁଗୀତି
ଶ୍ୱେତ ପାଟବସ୍ତ୍ର କରିଛି ଧାରଣ
ଅପୂରବ ଲାବଣ୍ୟବତୀ...

କ୍ଷଣିକ ପାଇଛି କାଶତଣ୍ଡିକୁ ସେ
ମୃଦୁ ହସଇ ଆକାଶ
ମାଆ ଦଶଭୁଜା ହେବେ ଅବତୀର୍ଣ୍ଣ
ଢାଳିବେ ପ୍ରୀତି ଆଶିଷ ।।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**





## କାଶତଣ୍ଡୀ କହେ ପାର୍ବଣ ଆସୁଛି

**ଚିତ୍ତରଞ୍ଜନ ପୃଷ୍ଟି**

ଶରତ ଆସିଛି ମରତ ପୁରକୁ
ଶୁଭ୍ର ପାଟଶାଢ଼ୀ ପିନ୍ଧି
ରୂପକାନ୍ତି ଦେଖି ଆଖିଯାଏ ଲାଖି
ମନ ହୋଇଯାଏ ଛନ୍ଦି ।

ଅପରୂପ ଶୋଭା ଅତି ମନଲୋଭା
ଧରଣୀ ରାଣୀଟି ଦିଶେ
ତଟିନୀ ତଟରେ ଗହୀର ପ୍ରାନ୍ତରେ
କାଶତଣ୍ଡୀ ଖିଲି ହସେ ।

କାଶତଣ୍ଡୀ କହେ ପାର୍ବଣ ଆସୁଛି
ଧରଣୀ ରାଣୀ ହସୁଛି
ମାଆ ଆଦିଶକ୍ତି ଆଗମନ ପାଇଁ
ଶୁଭ ସଙ୍କେତ ଦେଉଛି ।

ଶୁଭ୍ର କାଶତଣ୍ଡୀ ଚାମର ହଲାଇ
ଗାଏ ଆବାହନୀ ଗୀତ
ଜଗତ ଜନନୀ ମାତା ଦଶଭୁଜା
ହେବାପାଇଁ ବିରାଜିତ ।

ସୁନୀଳ ଅମ୍ବରେ ଧଳା ମେଘମାଳ
କି ସୁନ୍ଦର ମନୋହର
ଶରତର ଆଭା କାଶତଣ୍ଡୀ ଶୋଭା
ମନକୁ କରେ ବିଭୋର ।

ମଳୟ ସମୀରେ କାଶତଣ୍ଡୀ ଖେଳେ
ପୀରତିର ଲୁଚକାଳି
ରୂପ ଲାବଣ୍ୟର ଶୁଭ୍ର ପାଖୁଡ଼ାରେ
ମନକୁ ନିଏସେ ତୋଳି ।

ଶୁଭ୍ର କାଶତଣ୍ଡୀ ଓଢଣିକୁ ଟାଣି
ଧରଣୀ ସାଜିଛି ବଧୂ
ଶରତ ସୁଷମା ନାହିଁତା ଉପମା
ସତେକି ଝରୁଛି ମଧୁ ।

କାଶତଣ୍ଡୀ ହସେ ପ୍ରକୃତି କୋଳରେ
ନଦୀ ତଟେ ଶୋଭାପାଏ
ବାଟୋଇ ତ ଦେଖି ହୁଏ ବିମୋହିତ
ମନ ତା'ର ଲାଖିଯାଏ ।

କାଶତଣ୍ଡୀ ନାଚେ ନର୍ତ୍ତକୀର ତାଳେ
ଶରତର ଆଗମନେ
ମା ସିଂହବାହିନୀ ଆସିବେ ଧରାକୁ
କହିଦିଏ ଆସି କାନେ ।

ଅବତରି ଆସ ଦୁର୍ଗତି ନାଶିନୀ
ପାପିଙ୍କୁ କର ସଂହାର
କରୁଣାର ବର୍ଷା ବରଷି ଯାଉ ମା
ଜଗତ ହେଉ ଉଦ୍ଧାର ।

**ନିମାପଡା, ପୁରୀ**
**ମୋବାଇଲ୍: ୯୭୭୮୧୭୭୫୦୧**





## ଦୁବ ଘାସ

**ପୁଷ୍ପଲତା ମିଶ୍ର**

ଦୁବ ଘାସ ଟିଏ କରିଦିଅ ପ୍ରଭୁ
ଭରି ଦିଅ କୋମଳତା,
ପଥିକ ମାନଙ୍କ ରହି ପାଦ ତଳେ
ଦେଉଥିବି ନରମତା ।।
ପଡିଆ ସୁନ୍ଦର ଦିଶୁଥିବ ସତେ
ଶ୍ୟାମଳ ଶୋଭିତ ପରି,
ଆରାମ ପାଇବେ ମୋ ପରେ ଚାଲିବେ
ଅଗଣିତ ନର ନାରୀ ।।
ପବନ ତୋଫାନ ଭାଙ୍ଗି ନ ପାରିବ
ସଦା ମୁଣ୍ଡ ଟେକି ଥିବି,
ବହୁତ ବୃକ୍ଷ ତ ହେବ ଖଣ୍ଡ ଖଣ୍ଡ
ମାଟିକୁ ସୁରକ୍ଷା ଦେବି।।
ଛୋଟ ରେ ତ ଅଛି ବଡ଼ ମହାନତା
ଯତନ ତାହାକୁ କର,
ଛୋଟ ଖୋଜେ ସଦା ସ୍ନେହ ଓ ଆଦର
କର ନାହିଁ ହତା ଦର।।
ଆଦରି ନିଆ ହେ ଛୋଟ କୁ ସମସ୍ତେ
ଛୋଟ ହି ଅଟେ ମହାନ,
ଛୋଟ ଠାରୁ ସବୁ ବଡ ର ଉତ୍ପତ୍ତି
ସରବେ କର ପ୍ରଣାମ।।

**ଭୁବନେଶ୍ୱର, ମୋବାଇଲ୍: ୯୩୪୮୨୯୪୬୫୭**



## ବିଞ୍ଚଣା ମୋ ନାଆଁ

**ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ**

ଗରମ ଦିନରେ ଖୋଜା ପଡ଼େ ମୁହିଁ
ବିଞ୍ଚଣା ଅଟଇ ନାଆଁଟି ମୋର ,
ଅଳପ ଦାଆମ ଓଜନ କଅମ
ରହିଥାଏ ପରା ସଭିଙ୍କ ଘର ।
ତାଳ ପତରରେ ଗଢ଼ା ମୋ ଶରୀର
ଖର୍ଚ୍ଚ ବେଶୀ କିଛି ଲାଗଇ ନାହିଁ ,
ମେଳା ଯାତରା ରେ ବିକିରି ହୁଅଇ
ମୋ' ପରିକା ଆଉ କେ' ଅଛି କାହିଁ ।
ବିଦ୍ୟୁତ ଖୋଜେନି ଖରାପ ହୁଏନି
ହାତବଳ ଟିକେ ଲୋଡ଼େ ମୁଁ ଯାହା ,
ଗରୀବ ଲୋକଙ୍କୁ ଗରମ ଦିନରେ
ହୋଇଥାଏ ଦିଅଁ ପରିକା ସାହା ।
ବାଛ କି ବିଚାର ଯମା ନାହିଁ ମୋର
ମଣିଷଙ୍କ ସାଙ୍ଗେ ସବୁଠି ଯାଏ ,
ଝାଳ ଶୁଖାଇକି ଦେହରୁ ତାଙ୍କର
ଅଶେଷ ଅଶେଷ ଆନନ୍ଦ ପାଏ ।
ପିଲା ଠାରୁ ବୁଢା ସଭିଏଁ ବୁଲାନ୍ତି
ହରଷ ମନରେ ହାତରେ ଧରି ,
କଷଣ ହୁଏନି ଅଧିକା ଯମାରୁ
ଖୁସି ତାଙ୍କ ଓଠେ ଦିଏ ମୁଁ ଭରି ।
ସେଥିପାଇଁ ମୋତେ ଗରବ ଲାଗଇ
ମନ ମୋର ଦୁଃଖୀ ହୁଏନି କେବେ ,
ଦେହ ଥିବା ଯାଏ ସେବା କରୁଥିବି
ଡରିବିନି ମୃତ୍ୟୁ ଆସିବ ଯେବେ।।

**ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର**
**ଫୋନ- ୭୯୦୪୩୯୨୬୮୬**



## ହାତ ଛାଡିବନି କେବେ ମୋ ସାଥି

**କବି ଭାରତୀ ବାସନ୍ତୀ ଲତା ଜେନା**

ପିଲାଟି ଦିନରୁ ବାଲ୍ୟ ସାଥି ତୁମେ
ତୁମ ସଂଗେ ପଢୁ ଥିଲି
ଯୌବନରେ ଯେବେ ପଦାର୍ପଣ କଲି
ତୁମଠୁ ଦୂରେଇ ଗଲି ।୧।
କଲେଜ ଆମର ଭିନ୍ନ ଭିନ୍ନ ଥିଲା
ସମ୍ପର୍କ ଅତୁଟ ଥିଲା
ଗଣେଶ ପୂଜାରେ ତୁମେ ଭେଟ ହେଲ
ପ୍ରୀତି ପରଶ ଝରିଲା ।୨।
ଭଲ ପାଅ ବୋଲି କହି ଦେଲ ଖୋଲି
ଲାଜରେ ମୁଁ ଜଳି ଗଲି
କିଛି ନ କହି ମୁଁ ଘରକୁ ଫେରିଲି
ତୁମ କଥା ଭାବୁ ଥିଲି ।୩।
ତୁମ ଘରୁ ମୋର ପ୍ରସ୍ତାବ ଆସିଲା
ପିତା ମାତା ହେଲେ ରାଜି
ଶୁଭ ଲଗନରେ ବିବାହ ହୋଇଲା
ତୁମେ ମୋର ସ୍ୱାମୀ ଆଜି ।୪।
ଚଲା ପଥେ ତୁମେ ଜୀବନ ସାଥି ମୋ
ହାତ ଛାଡିବନି ମୋର
ତୁମକୁ ପାଇ ମୁଁ ସର୍ବସ୍ୱ ପାଇଛି
ମୋ ପ୍ରାଣ ସ୍ପନ୍ଦନ ହାର ।୫।
ଜନ୍ମ ଜନ୍ମାନ୍ତରେ ତୁମେ ସାଥି ହେବ
କରେ ଏତିକି ପ୍ରାର୍ଥନା
ପତ୍ନୀର ସମ୍ମାନ ରକ୍ଷା କରୁ ଥିବ
ଜୀବନେ ହୋଇବି ଧନ୍ୟା ।୬।
ପ୍ରେମର ବନ୍ଧନ ଆମର ସମ୍ପର୍କ
ସ୍ନେହ ଶ୍ରଦ୍ଧା ଅନୁରାଗ
ସମର୍ପଣ ଭାବ ତୁମ ଠାରେ ମୋର
ଅଞ୍ଜଳି ଭରା ସରାଗ ।୭।
ମନ କଥା ମୋର ଜାଣି ପାର ତୁମେ
ତୁମ କଥା ଜାଣେ ମୁହିଁ
ହାତ ଛାଡିବାନି ପରସ୍ପର ଦୁହେଁ
ଏ ଜନମ ଇତି ପାଇଁ ।୮।

**ଗାନ୍ଧୀନଗର, ପୋଷ୍ଟ/ଜିଲ୍ଲା: ନବରଙ୍ଗପୁର**

● ବହଳଦା ଅବକାରୀ ବିଭାଗ ଯନ୍ତାରେ ଦୁଇ ଧଳା ଜହର ମାଫିଆ

# ୧୩ ଗ୍ରାମ ବ୍ରାଉନସୁଗର ଓ ଗାଡ଼ି ଜବତ



**ବାରିପଦା,୧୮।୯(ସଂଚାର ବ୍ୟୋରୋ):** ଡ୍ରଗ୍ସ ମାଫିଆଙ୍କ ସ୍କାନରରେ ଓଡ଼ିଶା।ମୁର୍ଶିଦାବାଦ ରୁ ଚେର ଲମ୍ବିଛି ଓଡ଼ିଶାକୁ। ଓଡ଼ିଶାର ଜଳେଶ୍ୱର କୁ ହବ୍ କରି ନେଇଛନ୍ତି ସେମାନେ।ଏହି କାରବାରରେ ମୁଖ୍ୟ ଆୟୁଧ ସାଜିଛନ୍ତି ମହିଳାମାନେ। ଡ୍ରଗସ ରେ ଯୁବପିଢ଼ି ଆକ୍ରାନ୍ତ ହେବା ନେଇ ଅଭିଭାବକ ମହଲରେ ଚିନ୍ତା ବଢ଼ି ଯାଇଛି। ସରକାର ଏବେ ଡ୍ରଗ୍ସ ମାଫିଆଙ୍କ ଉପରେ କଠୋରକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଏବଂ ଅବକାରୀ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।ଏହାକୁ ନେଇ ଅବକାରୀ ବିଭାଗ କଠୋର ହୋଇଛି ମୟୂରଭଂଜ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବହଳଦା ଥାନା ଅନ୍ତର୍ଗତ କୁଲଗି ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ରାସ୍ତାରେ ଦ୍ରୁତ ଗତିରେ ସନ୍ଦେହ ଜନକ ଅବସ୍ଥାରେ ଯାଉଥିବା ଏକ କଳା ରଙ୍ଗର ସ୍ପ୍ଲେଣ୍ଡର ବାଇକ୍ (ଓଡି ୧୨ ଏଡି ୯୦୦୪)କୁ ଅଟକାଇଥିଲେ।ଜଣଙ୍କ ପକେଟରୁ ଏକ ଜରି ମଧ୍ୟରେ ଥିବା ୧୩ ଗ୍ରାମର ଈକ୍ସକ୍ଟଙ୍ଗଭ ଷ୍ଣଙ୍କଶବକ୍ସ ପାଇଥିଲେ।ସଙ୍ଗେ ସଙ୍ଗେ ସେମାନଙ୍କୁ ରାଇରଙ୍ଗପୁର ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇ ତଦନ୍ତ କରାଯାଇଥିଲା।ବାଇକଟିକୁ ଜବତ କରାଯିବା ସହ ସେମାନଙ୍କ ନାମରେ ଏକ କେଶ ମାମଲା ରୁଜୁ କରାଯାଇ ସେମାନଙ୍କର ଗୋଟିଏ ବାଇକ୍ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୦୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଆସାମୀ ମାନେ ହେଲେ ରାଇରଙ୍ଗପୁର ଥାନା ଅନ୍ତର୍ଗତ ଇଚିଣ୍ଡା ଗ୍ରାମର ଲାଲ ମୋହନ ହେମ୍ବ୍ରମ ଏବଂ ପୁରୁଣାପାଣି ଗ୍ରାମର ସିଧୁ ବାରିକ। ଜବତ ବ୍ରାଉନ ସୁଗର ର ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ କନେଷ୍ଟବଳ ବୁଦ୍ଧଦେବ ମହାନ୍ତ, ଅରୁଣ କୁମାର ମୁଦୁଲି, ସୁରେନ୍ଦ୍ର ସୋରେନ ପ୍ରଭୃତି ସାମିଲ ଥିଲେ। ଏନେଇ ବହଳଦା ଅବକାରୀ ଥାନା ପକ୍ଷରୁ ଥାନା ପକ୍ଷରୁ ୦୧ଗୋଟି ମାମଲା ରୁଜୁ କରାଯାଇଛି ।

ବେନଗାଁ ଅଞ୍ଚଳରେ ଲୋକେ ଭୟଭୀତ ବଢ଼ିବାରେ ଲାଗିଛି ଜଙ୍ଗଲୀ ହାତୀଙ୍କ ଉତ୍ପାତ୍

# ଦୁର୍ଗମ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ

**ଲାଞ୍ଜିଗଡ଼,୧୮।୯(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳୁଛି। ହାତୀ ମଣିଷ ଲଢ଼େଇ ଭିତରେ ଦୁର୍ଗମ ଅଞ୍ଚଳରେ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି।ଏହି ଭଳି ଏକ ଘଟଣା ଘଟିଛି ମୂଷାନାଲ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାପୋଖରୀଗାଁରେ। ସୂଚନା ମତେ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାପୋଖରୀ ଗାଁର ଶୋଶୀଳା ହରିଜନଙ୍କ ପରିବାର ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାପୋଖରୀ ଗାଁରେ ବସବାସ କରି ରହିଆସୁଛନ୍ତି।ହେଲେ ମଙ୍ଗଳବାର ବିଳମ୍ବିତ ରାତିରେ ୨୨ଟିକିଆ ହାତୀ ପଲ ଝିମିରି ଜଙ୍ଗଲରୁ ଗାଁ ମୁହାଁ ହୋଇ ଗାଁ ନିକଟରେ ଭୀଷଣ ଗର୍ଜନ କରିଥିଲେ।ଗର୍ଜନ ଶୁଣି ଦୁଇ ପରିବାର ଜୀବନ ବିକଳରେ ଘର ଛାଡି ନିକଟସ୍ଥ ପଡ଼ୋଶୀ ଘରକୁ ଚାଲି ଯିବାରୁ ଅଳ୍ପକେ ବର୍ତ୍ତୀ ଯାଇଥିଲେ।କିନ୍ତୁ ପରିତାପର ବିଷୟ ସକାଳୁ ଘରକୁ ଆସିକି ଦେଖିଲା



ବେଳକୁ ଏପଟେ ସର୍ବସ୍ୱାନ୍ତ କରି ଶଶୀଳା ହରିଜନଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହିତ ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଆସବା ପତ୍ରକୁ ମାଡ଼ି ଦଳି ଚକଟି ଦେଇଥିବା ଦେଖିବାକୁ ମିଳିଛି।ବର୍ତ୍ତମାନ ହାତୀପଲ ଗାଁ ନିକଟରେ ଥିବା ଝିମିରି ଜଙ୍ଗଲରେ ରହିଥିବା ବେଳେ ଲୋକେ ଲାଞ୍ଜିଗଡ଼ ଠାରୁ ବେନଗାଁ ଦେଇ ସେହି ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହୋଇପଡ଼ିଛନ୍ତି।ଘଟଣାର ଦୀର୍ଘ ସମୟ ବିତିଯାଇଥିଲେ ହେଁ ଘଟଣା ସ୍ଥଳକୁ କୌଣସି ବନବିଭାଗର କର୍ମଚାରୀ କିମ୍ବା ପ୍ରଶାସନିକ ଅଧିକାରୀ ପହଞ୍ଚି ନ'ଥିବା ଜଣାପଡ଼ିଛି।ତେବେ ଉକ୍ତ ଅଞ୍ଚଳରେ ଏହି ଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ କ୍ଷତିଗ୍ରସ୍ତ ପରିବାରକୁ ସରକାର ପକ୍ଷରୁ କ୍ଷତିପୂରଣ ଦେବାକୁ ଦୁଇ ପରିବାର ଆକୁଳ ନିବେଦନ କରିଛନ୍ତି।

# ପ୍ରାଣୀ ଚିକିତ୍ସକଙ୍କ ଅବହେଳା ଅଭିଯୋଗ

**ରାଇଘର,୧୮।୯(ସଂଚାର ବ୍ୟୋରୋ):** ଆଜି ସକାଳେ ରାଇଘରରେ ଏକ ଗାଈ ବର୍ଜ୍ୟ ପଦାର୍ଥ ଖାଇଥିବାରୁ ପେଟ ଫୁଲି ଯନ୍ତ୍ରଣାରେ ଛଟପଟ କରୁଥିଲା। ଉଦ୍ଧାର ପାଇଁ ସ୍ଥାନୀୟ ଲୋକ ପ୍ରାଣୀ ଚିକିତ୍ସକ ପରୀକ୍ଷିତ କୁଣ୍ଡୁଙ୍କୁ ସୂଚନା ଦିଆଯାଇଥିଲା କିନ୍ତୁ ଦୁଇ ଘଣ୍ଟା ବିତିଯାଇଥିଲେ ମଧ୍ୟ ସେମାନେ ଘଟଣାସ୍ଥଳକୁ ଆସିନଥିଲେ। ଫଳରେ ଚିକିତ୍ସାର ଅଭାବରେ ଗାଈଟିର ମୃତ୍ୟୁ ଘଟିଗଲା।ସ୍ଥାନୀୟ ଙ୍କ ଅଭିଯୋଗ, ରାଇଘର ପ୍ରାଣୀ ଚିକିତ୍ସକଙ୍କ ଏହି ପ୍ରକାର ଅବହେଳା ପ୍ରାୟସଃ ଘଟୁଥାଏ ଏବଂ ଏହାର ଫଳରେ ପଶୁମୃତ୍ୟୁ ଘଟିବା ସାଧାରଣ ଘଟଣାରେ ପରିଣତ ହୋଇଛି। ଆକ୍ରୋଶିତ ଲୋକଙ୍କ କହିବା ଅନୁସାରେ, ଚିକିତ୍ସକଙ୍କୁ ଫୋନ କରାଯାଇଥିଲା, କିନ୍ତୁ ସେ ଆସିବାକୁ ପ୍ରତିବାରଣ କରିଥିଲେ ଏବଂ ପରେ ମୋବାଇଲ୍ ସ୍ୱିଚ୍‌ଅଫ୍ କରିଦେଇଥିଲେ। ଘଟଣା ପରେ ଉମରକୋଟ ପ୍ରାଣୀ ଚିକିତ୍ସକ ସ୍ଥଳକୁ ପହଞ୍ଚିଲେ ଏବଂ ସ୍ଥାନୀୟଙ୍କୁ ସହିତ ନେଇ ରାଇଘର ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟାଳୟକୁ ଗଲେ। କିନ୍ତୁ ସେଠାରେ ତାଲା ଲାଗିଥିବା ପାଇଁ ଲୋକଙ୍କ ଅସନ୍ତୋଷ ଆହୁରି ବଢ଼ିଲା।ଗୋରକ୍ଷାକମାନେ ଏହି ଘଟଣାର କଠୋର ବିରୋଧ କରି, ରାଇଘର ପ୍ରାଣୀ ଚିକିତ୍ସକଙ୍କୁ ତୁରନ୍ତ ବଦଳି କରିବା ସହିତ ତାଙ୍କ ବିରୋଧରେ କାନୁନୀ କାର୍ଯ୍ୟାନୁଷ୍ଠାନ ନିଆଯାଇବାକୁ ଦାବି କରିଛନ୍ତି। ଉମରକୋଟ ପ୍ରାଣୀ ଚିକିତ୍ସକ ଏହା ବିଷୟରେ ରାଇଘର ଥାନାରେ ଏତେଲା ଦେବା ପରେ, ସ୍ଥାନୀୟମାନେ ରାସ୍ତାରୁ ଉଠିଗଲେ। ପରବର୍ତ୍ତୀ ସମୟରେ ଗାଈର ଶବକୁ ପାରମ୍ପରିକ ଧାରାରେ ସଂସ୍କାର କରାଯାଇଥିଲା।



# ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ପାଳିତ



**କଣାସ,୧୮।୯(ସଂଚାର ବ୍ୟୋରୋ):** ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ଶିଶୁ ବିଭାଗ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଆଜି ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଣାସ ତହସିଲଦାର ହିମାଂଶୁଶେଖର ଗିରି, କଣାସ ଥାନା ଆଇ.ଆଇ. ସି ପ୍ରଶନ୍ନ କୁମାର ନାୟକ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱର୍ଣ୍ଣଲତା ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ରାଜ୍ୟସରକାର ରାଜ୍ୟରେ ଆଜି ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ କଣାସ ବ୍ଲକରେ କଣାସ ଶିଶୁ ପ୍ରକଳ୍ପ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ପାଳନ କରୁଥିବାରୁ ଅତିଥିମାନେ ସ୍ୱାସଗତ କରିବା ସହିତ ମହିଳାମାନଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟସରକାର ଆର୍ଥିକ ସହାୟତା ଯୋଗାଦେଉଥିବାରୁ ମହିଳାମାନେ ସେଗୁଡ଼ିକୁ ସଠିକ୍ ଭାବେ ବିନିଯୋଗ କଲେ ଆର୍ଥିକ ବୃଦ୍ଧି ପାଇବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କଣାସ ବ୍ଲକ ଶିଶୁ ବିକାଶ ଅଧିକାରିଣୀ ପରିଚାଳନା କରିଥିଲେ।

## ପଞ୍ଚାୟତ ପକ୍ଷରୁ ୫୦୦ ଚାରା ରୋପଣ

**ବୈଶିଙ୍ଗା,୧୮।୯(ସଂଚାର ବ୍ୟୋରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଗ୍ରାମ ପଞ୍ଚାୟତ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ମୋଟ୍ ୫୦୦ ବୃକ୍ଷ ରୋପଣ କରାଯାଇଥିବା ସୂଚନା ମିଳିଛି। ଦୁର୍ଗାପୁର, ଜାମୁନଣ୍ଡା ଓ କଦଳୀଆ ପ୍ରାଥମିକ ବିଦ୍ୟାଳୟ ପରିସର ସହିତ ୧୮ ନଂ ଜାତୀୟ ରାଜପଥରୁ ନଛିପୁରିଆ ରାସ୍ତା ପାର୍ଶ୍ୱରେ ପାଞ୍ଚ ଶହ ଚାରା ଗଛ ଲଗାଯାଇଥିଲା। ନିମ୍ବ, ଜାମୁକୋଳି, କରଞ୍ଜ, ଓଉ, ତେନ୍ତୁଳି, ପିଜୁଳି, କରମଙ୍ଗା, ନାଗେଶ୍ୱର ଆଦି ଗଛ ଲଗାଯିବା ସହ ଏଗୁଡ଼ିକର ସୁରକ୍ଷା ପାଇଁ ବାଡ଼ ମଧ୍ୟ ବେଢ଼ା ଯାଇଥିଲା। 'ଏକ୍ ପେଡ୍ ମାଁ କେ ନାମ' ନାଁ ରେ ନାମିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ସରପଞ୍ଚ ସାବିତ୍ରୀ ମୁର୍ମୁ, ନାଏବ ସରପଞ୍ଚ ଦିଲ୍ଲିପ କୁମାର ବିଶ୍ୱାଳ, ସମିତି ସଭ୍ୟା ସରସ୍ୱତୀ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ତ୍ତିକ ସାହୁଙ୍କ ସହିତ ଅନ୍ୟାନ୍ୟ ଗ୍ରାମବାସୀ।

# ନୂତନ ଭାବେ ଗଠନ ହେଲା ହାଇସ୍କୁଲସ୍ତରୀୟ ଶିକ୍ଷକ ସଂଘ

**ଲାଞ୍ଜିଗଡ଼,୧୮।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁର ଠାରେ ବୁଧବାର ନୂତନ ଭାବେ ଗଠନ ହୋଇଛି ବ୍ଲକ୍ ହାଇସ୍କୁଲ ସ୍ତରୀୟ ଶିକ୍ଷକ ସଂଘ। ଏହି ଅବସରରେ ଆଜି ବ୍ଲକର ୨୬ ଗୋଟି ପଞ୍ଚାୟତରେ ଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ପରିପ୍ରେକ୍ଷୀରେ ସମସ୍ତଙ୍କ ସହମତି କ୍ରମେ ସଂଘ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା।ବ୍ଲକ ହାଇସ୍କୁଲ ସ୍ତରୀୟ ଶିକ୍ଷକ ସଂଘର ସଭାପତି ଭାବେ ଶିକ୍ଷକ ପ୍ରମୋଦ କୁମାର ଦାସ, ଉପ ସଭାପତି ଶିକ୍ଷକ ବିନୋଦ ବାତ୍ରା, ସମ୍ପାଦକ ଶିକ୍ଷକ ଦିଗାମ୍ବର କାତ୍ରାକା, ସହ ସମ୍ପାଦକ ଶିକ୍ଷକ ସୁଶୀଲ କୁମାର ସାହୁ, କୋଷାଦକ୍ଷ ଶିକ୍ଷକ ସନ୍ତୋଷ କୁମାର ଆଚାର୍ଯ୍ୟ, ଆବାହକ ଶିକ୍ଷକ ଅଭିଷେକ ମିଶ୍ର, ଉପଦେଷ୍ଟା ଶିକ୍ଷକ ଶେଖ ହମିଦ ରେଜାଙ୍କୁ ଚୟନ କରାଯାଇଥିଲା। ଲାଞ୍ଜିଗଡ଼ ବ୍ଲକର ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବିଭିନ୍ନ ମହତ ପୂର୍ଣ୍ଣ କାର୍ଯ୍ୟକଳାପଙ୍କୁ ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଥିବା ବେଳେ ଏହି ସଂଗଠନ ସଦା ସର୍ବଦା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆପଦ ବିପଦରେ ସହଯୋଗ କରିବ ବୋଲି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଂଘ ସଭାପତି ଶିକ୍ଷକ ଶ୍ରୀଦାସ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରର ଉକ୍ତ ବୈଠକକୁ ଶିକ୍ଷକ ସୁଶୀଲ କୁମାର ସାହୁ ପରିଚାଳନା କରିଥିବାବେଳେ ଶିକ୍ଷକ ତୁଳସୀ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଲାଞ୍ଜିଗଡ଼ ବ୍ଲକ ୨୬ ଗୋଟି ପଞ୍ଚାୟତ ଥିବା ବିଭିନ୍ନ ହାଇସ୍କୁଲରୁ ଆସିଥିବା ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ନାବାଳିକା ଅପହରଣର ୬ଘଣ୍ଟା ଭିତରେ ଉଦ୍ଧାର ୩ ଅପହରଣକାରୀ ଗିରଫ



**କଣାସ,୧୮।୯(ସଂଚାର ବ୍ୟୋରୋ):** କଣାସ ଥାନା ଗଡ଼ସାନପୁଟ ଗ୍ରାମପଞ୍ଚାୟତ ମନ୍ଦାରବସ୍ତ ଅଞ୍ଚଳର ଜଣେ ୧୫ବର୍ଷର ନାବାଳିକା ଝିଅ କଲେଜ୍ କୁ ୧୫ତାରିଖ ଦିନ ଯାଉଥିବା ବେଳେ ତାକୁ କେତେକ ଯୁବକ ଅପହରଣ କରି ନେଇଥିଲେ। ନାବାଳିକ ଝିଅର ପରିବାର ଲୋକ ବହୁ ଖୋଜା ଖୋଜି କରି ନ ପାଇବାରୁ ୧୬ ତାରିଖ ଦିନ ପରିବାର ଲୋକ କଣାସ ଥାନାରେ ଏତେଲା ଦେଇଥିଲେ। କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ୍ ନଂ-୨୧୪/୨୫ରେ ଏକ ମକଦମା ରୁଜ କରି ମୋବାଇଲି ଟ୍ରାକ୍ କରି ନାବାଳିକାକୁ ଖୋର୍ଦ୍ଧାରୁ ଉଦ୍ଧାର କରିବା ସହିତ ଜ୍ଞାନରଞ୍ଜନ ପୃଷ୍ଟି ୨୯ବର୍ଷ, ଶୁଭମ୍ ପ୍ରଧାନ ୧୯ବର୍ଷ, ଶୁଭମ୍ ଦଳାଇ ୨୮ବର୍ଷଙ୍କୁ ଗିରଫ କରି ତାହା ସହିତ ହିରୋ ଗ୍ଲାମର୍ ମଟରସାଇକେଲ୍ ନଂ-ଓଡି୦୨ସିଏମ୍୧୩୯୪କୁ ଯବତ କରି ଆଜି ତିନି ଜଣ ଆସାମୀଙ୍କୁ କୋର୍ଟ ଚାଲଣ କରିଥିବା ଆଇ.ଆଇ.ସି ପ୍ରଶନ୍ନ କୁମାର ନାୟକଙ୍କ ଠାରୁ ପ୍ରକାଶ।

ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ନିଲମ୍ବିତ ଘଟଣା

# ମିଛ କେଶ୍ କରିଥିବାରୁ ଅଭିଭାବକଙ୍କ ପାଲଟା ଅଭିଯୋଗ !



**ବୈଶିଙ୍ଗା,୧୮।୯(ସଂଚାର ବ୍ୟୋରୋ):** ପ୍ରାର୍ଥନା ପରେ ଶିକ୍ଷୟିତ୍ରୀଙ୍କୁ ପ୍ରଣାମ ନ କରିବାରୁ ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି କର ଛାତ୍ର ଛାତ୍ରୀ ମାନଙ୍କୁ ମୋଟା ବାଉଂଶ ବାଡିରେ ପିଟି ପିଲାଙ୍କ ଦେହର ବହୁସ୍ଥାନରେ କ୍ଷତାକ୍ତ କରି ଦେଇଥିବାର ଖବର ଜାଣିବାପରେ ବେତନଟୀ ବିଇଓ ବିପ୍ଳବ କର ସଂଙ୍ଗେସଂଙ୍ଗେ ବିଦ୍ୟାଳୟରେ ପହଞ୍ଚି ସରଜମିନ ତଦନ୍ତ କରି, ସତ୍ୟତା ଥିବାର ପ୍ରମାଣ ପାଇବାପରେ ସଂପୃକ୍ତ ଶିକ୍ଷୟିତୀଙ୍କୁ ପରବର୍ତ୍ତୀ ଦିନରେ ନିଲମ୍ବନ କରିଥିଲେ।କିନ୍ତୁ ଶିକ୍ଷୟିତ୍ରୀ ଜଣଙ୍କ ଏତେ ଅହଂକାରୀ ଓ ଗର୍ବୀ ଥିଲେ ଯେ, ସେଏହି ଘଟଣାକୁ ସମାଧାନ କରିବା ପରିବର୍ତ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପୂର୍ବତନ ପ୍ରଧାନଶିକ୍ଷକ, ଓ ପରିଚାଳନା କମିଟିର ସଭାପତିଙ୍କ ବିରୋଧରେ ମିଥ୍ୟା, ଭିତ୍ତିହୀନ ଓ କୋପଳକଳ୍ପିତ ଅଭିଯୋଗ କରି ଥାନାରେ ମାମଲା ରଜୁ କରିଛନ୍ତି। ଏହାର ପ୍ରତିବାଦ କରି ଆଜି ଶତାଧିକ ଅଭିଭାବକ ବୈଶିଙ୍ଗା ଥାନାରେ ପହଞ୍ଚି ଉପରୋକ୍ତ ନିଲମ୍ବିତ ଶିକ୍ଷୟିତ୍ରୀ ସୁକାନ୍ତି କର ଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେମାନେ ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଶିକ୍ଷୟିତ୍ରୀ ଜଣଙ୍କ କରିଥିବା ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ, ମିଥ୍ୟା ଅଟେ। ରାଗ ଜ୍ୱାଳାରେ ବାସନ କାମୁଡିବା ଭଳି, ନିଲମ୍ବନ ପରେ ସେ ଭୁଲଠିକ୍ ଜାଣିପାରୁ ନାହାଁନ୍ତି।ପ୍ରଧାନଶିକ୍ଷକ ଓ ସଭାପତିଙ୍କ ମିଳିତ ପ୍ରୟାସରେ ବର୍ତ୍ତମାନ ବିଦ୍ୟାଳୟ ବାରମ୍ବାର ସୁନାମ ଅର୍ଜନ କରି ଚାଲିଛି। ପ୍ରଧାନ ଶିକ୍ଷକଙ୍କ ଯୋଗୁଁ ପ୍ରତିମାଦେଇପୁର କ୍ଲଷ୍ଟରର ଖଣ୍ଡଦେଉଳା ସ୍କୁଲଟି ସ୍ୱତନ୍ତ୍ର ଓ ଶ୍ରେଷ୍ଠମାନ୍ୟତା ପାଇଛି।

## "ଏକ ପେଡ ମାଁ କେ ନାମ" ଅଭିଜାନ ପାଇଁ ଲଗାହେଲା ୧୫ ହଜାରରୁ ଉର୍ଦ୍ଧ୍ୱ ଗଛ



**ସୁନ୍ଦରଗଡ଼,୧୮।୯(ସଂଚାର ବ୍ୟୁରୋ):** ନିଜ ମାଆଙ୍କ ପ୍ରତି ପ୍ରେମ, ସମ୍ମାନ ଏବଂ ସମ୍ମାନର ପ୍ରତୀକ ଭାବରେ ଏକ ଗଛ ଲଗାଇବାକୁ ଏବଂ ଗଛ ଏବଂ ମାତାଙ୍କ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧତା ହେଉଛି "ଏକ ପେଡ ମାଁ କେ ନାମ" ଅଭିଜାନର ମୂଳ ଲକ୍ଷ୍ୟ। ଏହି ଅଭିଯାନର ଲକ୍ଷ୍ୟ ସାଧାରଣ ଲୋକଙ୍କୁ, ବିଶେଷକରି ଯୁବପିଢ଼ିଙ୍କୁ, ନିଜ ମାଆଙ୍କ ନାମରେ ଚାରା ରୋପଣ କରିବାକୁ ସଚେତନତା ସୃଷ୍ଟି କରିବା ଏବଂ ପ୍ରେରଣା ଦେବା। ଏହି "ଏକ ପେଡ ମାଁ କେ ନାମ" ଅଭିଜାନର ଦ୍ୱିତୀୟ ସଂସ୍କରଣରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମ ଦିବସରେ ୭୫ ଲକ୍ଷ ଚାରା ରୋପଣ କରିବାର ଉଦ୍ଦେଶ୍ୟ ନେଇ ରାଜ୍ୟ ବ୍ୟାପୀ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ"ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବା ସ୍ମରଣୀୟ ବୃକ୍ଷରୋପଣର ଅଭିଜାନ "ଗ୍ରୀନ ମେମୋରୀ କ୍ୟାମ୍ପେନ" ତରଫରୁ ଗୋଟିଏ ଦିନରେ ଓଡିଶାର ବିଭିନ୍ନ ଜିଲ୍ଲାରେ ୧୫୭୦୫ ବୃକ୍ଷରୋପଣ କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାର ୪୪୭ ଟି ସ୍ଥାନରେ ଏହି ବୃକ୍ଷରୋପଣ କରାଜିଥିବା ବେଳେ ଏଥିରେ ସାମିଲ ହୋଇଛନ୍ତି ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ। ସେବକ ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି, କୃଷକ ସଂଗଠନ, ଉତ୍ପାଦକ ଗୋଷ୍ଠୀ, ଗ୍ରାମ୍ୟ ସ୍ତରୀୟ ସଂଗଠନ, ଛାତ୍ର ଛାତ୍ରୀ ତଥା ସେବକର କର୍ମକର୍ତ୍ତା ମାନେ ଏହି ବୃକ୍ଷରୋପଣ କରିବା ସହିତ ଏହାର ସୁରକ୍ଷା ନିମନ୍ତେ ଶପଥ ପାଠ କରିଥିଲେ। ଚଳିତ ସେପ୍ଟେମ୍ବର ମାସ ଆରମ୍ଭରୁ ଏଠି ନିମନ୍ତେ ବିଭିନ୍ନ ସ୍ତରରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା ତଥା ଗ୍ରାମ୍ୟ ସ୍ତରୀୟ ବୈଠକ, ଲକ୍ଷ୍ୟ ଆଧାରିତ ଗୋଷ୍ଠୀ ବୈଠକ, ବ୍ୟକ୍ତିଗତ ପରାମର୍ଶ ଦ୍ୱାରା ବିସ୍ତୃତ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା।

## ୨୨, ୫୬୦ ଚାରା ରୋପଣ

**କଣାସ,୧୮।୯(ସଂଚାର ବ୍ୟୁରୋ):** ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଗୋଟିଏ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୭୫ଲକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ୨୨ହଜାରରୁ ଉର୍ଦ୍ଧ୍ୱ ଚାରା ବିଦ୍ୟାଳୟ, ବିଭିନ୍ନ ଗ୍ରାମପଞ୍ଚାୟତ, ଉଦ୍ୟାନ ବିଭାଗ, ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ରୋପଣ କରାଯାଇଥିବା ଜଣାପଡ଼ିଛି। କଣାସ ବ୍ଲକର ୨୩୦ଟି ବିଦ୍ୟାଳୟ ମଧ୍ୟରୁ ଶିକ୍ଷା ବିଭାଗ ପକ୍ଷରୁ ୧୯୨ଟି ବିଦ୍ୟାଳୟକୁ ୭୭୦୦ ଚାରା ଦିଆଯାଇଥିଲା। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରତି ପଞ୍ଚାୟତକୁ ୫ଶହ ଚାରା, ୨୮ଟି ଗ୍ରାମପଞ୍ଚାୟତକୁ ୧୪ହଜାର ଚାରା ଯୋଗାଇଦେଇଥିବା ବେଳେ ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ୧୩ଟି ବିଦ୍ୟାଳୟକୁ ୪ଶହ ନଡିଆ ଚାରା ଯୋଗାଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀଙ୍କୁ ୪୬୦ଟି ଚାରା ଯୋଗାଦେଇଥିବା ବେଳେ କଣାସ କଲେଜ୍ କୁ ଡିପୁରୀ ଠାରେ ଥିବା ପଲ୍ଲୀ ସଂସ୍କୃତି କଳା ପରିଷଦ ପକ୍ଷରୁ ୨ଶହ ଚାରା ଯୋଗାଇଦିଆ ଯାଇଥିଲା। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ହିମାଂଶୁଶେଖର ଗିରି, କଣାସ ଥାନା ଆଇ.ଆଇ.ସ ପ୍ରଶନ୍ନ ନାୟକ, କଣାସ ବ୍ଲକ ଶିକ୍ଷାଧିକାରୀ ରାମ ଚନ୍ଦ୍ର ବେହେରା, ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ କୁମାର ବେହେରା ଙ୍କ ତତ୍ତ୍ୱାବଧାନରେ ଚାରାଗୁଡ଼ିକିଏ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତମାନଙ୍କରେ ଲଗାଯାଇଥିଲା।

# ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ, ଯାତାୟାତରେ ଅସୁବିଧା



**ନାଉଗାଁ,୧୮।୯(ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋ ଗ୍ରାମ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି। ଦୀର୍ଘ ଦିନ ହେବ ଏହି ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ଥିବାରୁ ତାହା ଯାତାୟାତରେ ବାଧକ ସୃଷ୍ଟି କରୁଛି। ଏପରିକି ଅନେକ ସମୟରେ ଦୁର୍ଘଟଣା ଘଟିବାର ନଜିର ମଧ୍ୟ ରହିଛି। ଉକ୍ତ ରାସ୍ତା ନିର୍ମାଣ ପୂର୍ବରୁ ବିଦ୍ୟୁତ ବିଭାଗ ଦ୍ୱାରା ଉକ୍ତ ପଞ୍ଚାୟତକୁ ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଖୁଣ୍ଟ ପକାଯାଇଥିଲା। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଉକ୍ତ ରାସ୍ତାକୁ ସମ୍ପ୍ରସାରଣ କରାଯିବା ସହ ପୁନଃନିର୍ମାଣ କରାଯାଇଥିଲା। ରାସ୍ତା ସମ୍ପ୍ରସାରଣ ଫଳରେ ବଛାଲୋ ଗ୍ରାମ ଆରମ୍ଭରୁ ବଛାଲୋ ସ୍କୁଲ ପର୍ଯ୍ୟନ୍ତ ପ୍ରାୟ ୫ ରୁ ୬ ଟି ବିଦ୍ୟୁତ ଖୁଣ୍ଟ ରାସ୍ତା ମଧ୍ୟରେ ରହିଛି। ରାସ୍ତା ନିର୍ମାଣ ସମୟରେ ବିଭାଗ ତରଫରୁ ଖୁଣ୍ଟକୁ ନ ହଟାଇ ରାସ୍ତା ନିର୍ମାଣ କରାଯାଇଛି। ଯାହାଫଳରେ ରାସ୍ତା ମଧ୍ୟରେ ଖୁଣ୍ଟ ଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ଅଜଣା ଲୋକ ରାତି ସମୟରେ ଗାଁ ମଧ୍ୟରେ ପଶିଲେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେଣୁ ରାସ୍ତା ମଧ୍ୟରେ ଥିବା ଖୁଣ୍ଟକୁ ସ୍ଥାନାନ୍ତର କରିବା ପାଇଁ ବଛାଲୋ ପଞ୍ଚାୟତର ସମିତି ସଭ୍ୟ ଚନ୍ଦନ କୁମାର ଲେଙ୍କା, ଅଜୟ ଲେଙ୍କା, ଅକ୍ଷୟ ଲେଙ୍କା, ସୁନିଲ ଲେଙ୍କା, ଚିନ୍ମୟ ଲେଙ୍କା, ଅଭିମନ୍ୟୁ ମହାପାତ୍ର, ରଞ୍ଜିତ ଲେଙ୍କା, ପ୍ରିୟବ୍ରତ ଲେଙ୍କା ଆଦି ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ ବିଦ୍ୟୁତ ବିଭାଗ ସହିତ କଥା ହୋଇ ଉକ୍ତ ଖୁଣ୍ଟକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ସେବା ସପ୍ତାହରେ ରକ୍ତଦାନ ଶିବିର, ମୋଟ ୫୫ ୟୁନିଟ୍ ରକ୍ତ ସଂଗୃହୀତ



**ଭବାନୀପାଟଣା,୧୮।୯(ସଂଚାର ବ୍ୟୁରୋ):** ଭାରତ ର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ୭୫ ତମ ଜନ୍ମଦିନ ପାଳନ ଅବସରରେ ଆୟୋଜିତ ସେବା ସପ୍ତାହ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଗୁରୁବାର କୋକସରା ସିଏଚସିରେ ଆୟୋଜିତ ସେବା ସପ୍ତାହ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ ଯୋଗଦେଇ ଭାରତ ର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ନେତୃତ୍ୱରେ ଭାରତ ସରକାର ଓ ରାଜ୍ୟରେ ମୋହନ ସରକାରଙ୍କ ନେତୃତ୍ୱରେ ବିକଶିତ ଭାରତ ର ସ୍ୱପ୍ନ ବସ୍ତାବତାରେ ପରିଣତ ହୋଇଛି। ଜିଏସଟି ହ୍ରାସ ହେବା ଦ୍ୱାରା ସାମାନ୍ୟ ବ୍ୟବସାୟୀ ଓ ମଧ୍ୟବିତ୍ତ ପରିବାର ମାନଙ୍କୁ ସିଧାସଳଖ ଲାଭ ମିଳିବା ସହ ସାଧାରଣ ଜନତାଙ୍କ ପାଇଁ ଜୀବନଯାପନରେ ସହଜତା ଆସିବ। ଦେଶର ଆର୍ଥିକ ଶକ୍ତିକୁ ଆହୁରି ଦୃଢ଼ କରିବାରେ ଜିଏସଟି ହ୍ରାସ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିବା ସହ ଆଜି ର ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତା ଙ୍କୁ ଉତ୍ସାହିତ କରିବା ସହ କୃତଜ୍ଞତା ଓ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ବଲାଙ୍ଗୀର ଯୁବ ମୋର୍ଚ୍ଚା ପ୍ରଭାରୀ ହିମାଂଶୁ ପଣ୍ଡା, ମନୀନ୍ଦ୍ର ଭୂଷଣ ପାତ୍ର, ପ୍ରମୁଖ ରକ୍ତଦାତାଙ୍କୁ ସେବା ସପ୍ତାହରେ ନିଜର ରକ୍ତ ଦାନ କରି ସେବା ଯୋଗାଇ ଦେଇଥବାରୁ ଧନ୍ୟବାଦ ଜଣାଇଥିଲେ।

# ବ୍ଲକରେ 'ଆସ ସ୍କୁଲ ଯିବା' ପଦଯାତ୍ରା

**ନାଉଗାଁ, ୧୮।୯:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାନୁସାରେ ଗୁରୁବାର ନାଉଗାଁ ବ୍ଲକର ସମସ୍ତ ବିଦ୍ୟାଳୟରେ ଆସ ସ୍କୁଲ ଯିବା ପାଇଁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ, ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ। ଯେଉଁ ପିଲାମାନେ ଅଧାରୁ ପାଠ ବନ୍ଦ କରିଛନ୍ତି କିମ୍ବା ଆଦୌ ବିଦ୍ୟାଳୟକୁ ଆସୁ ନାହାନ୍ତି ସେମାନଙ୍କୁ ଚିହ୍ନଟ କରିବା ସହିତ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବାଲିମଝିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଦଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜ୍ଞାନ ଭୂଷଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ଗ୍ରାମରେ ପଦଯାତ୍ରା କରି ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବରାଳ, ପଦ୍ମାବତୀ ସିଂ, ଅଭିଭାବକ ପ୍ରଭାତ କୁମାର ସାହୁ, ମନୋରଞ୍ଜନ ବାରିକ ଆଦି ସାମିଲ ଥିଲେ।

